

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୪ ଅଗଷ୍ଟ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 14 AUGUST 2021

Vol.No. 32 ■ No. 207 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପଂଚାୟତ ନିର୍ବାଚନରେ ଓବିସିଙ୍କୁ ୨୭% ଆସନ ଦେବ ବିଜେଡି



ଭୁବନେଶ୍ୱର,୧୩/୦୮(ନି.ପ୍ର): ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପଂଚାୟତିରାଜ ସଂସ୍ଥାର ଆଗାମୀ ତ୍ରିସ୍ତରୀୟ ନିର୍ବାଚନରେ ପଛୁଆ ବର୍ଗଙ୍କ ପାଇଁ ଅତି କମ୍‌ରେ ୨୭% ଦଳୀୟ ପ୍ରାର୍ଥୀ ଘୋଷଣା କରିବାକୁ ଦଳ ନିଷ୍ପତ୍ତି ନେଇଛି । ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ବରିଷ୍ଠ ନେତା ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଡକ୍ଟର ଅରୁଣ କୁମାର ସାହୁ ଏହି ସୂଚନା ଦେଇଛନ୍ତି । ଦଳର ଦୁଇ ବରିଷ୍ଠ ନେତା କହିଛନ୍ତି ଯେ କେବଳ ପଂଚାୟତ ନିର୍ବାଚନ ନୁହେଁ ପରବର୍ତ୍ତୀ ନିର୍ବାଚନରେ ମଧ୍ୟ ବିଜେଡି ୨୭% ପଛୁଆବର୍ଗ ପ୍ରାର୍ଥୀ ଦେବ । ଅଦାଲତ କଟକଣା, କେନ୍ଦ୍ରୀୟ ଆଇନ୍ ନଥିବାରୁ ଏଭଳି ରାଜନୈତିକ ନିଷ୍ପତ୍ତି ନିଆଯାଇଛି । ଅନ୍ୟ ଦଳଗୁଡିକ ମଧ୍ୟ ଏପରି ଘୋଷଣା ପାଇଁ ବିଜେଡି କହିବା ସହିତ ବିଧାନସଭା ଓ ଲୋକସଭାରେ ୩୩% ମହିଳାଙ୍କୁ ପ୍ରାର୍ଥୀ କରିବାକୁ ଆହ୍ୱାନ ଦେଇଛି । ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ଅନ୍ୟାନ୍ୟ ପଛୁଆ ବର୍ଗ ତଥା ସାମାଜିକ ଓ ଶିକ୍ଷାଗତ ପଛୁଆବର୍ଗଙ୍କ ସଠିକ୍ ପରିସଂଖ୍ୟାନ ଅଭାବରୁ ସର୍ବୋଚ୍ଚ ନ୍ୟାୟାଳୟ ସଂରକ୍ଷଣ ସୀମାକୁ ୫୦% ମଧ୍ୟରେ ସିମୀତ ରଖିବା ପାଇଁ ବାଧ୍ୟ କରୁଛନ୍ତି । ତେଣୁ ପଛୁଆବର୍ଗଙ୍କର ସଂଖ୍ୟାର ସଠିକ୍ ଆକଳନ ପାଇଁ ଜାତିଭିତ୍ତିକ ଜନଗଣନା କରାଗଲେ ତାହାକୁ ଭିତ୍ତିକରି ୫୦%ରୁ ଅଧିକ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ନ୍ୟାୟାଳୟମାନେ କୌଣସି ଅଙ୍କୁଶ ଲଗାଇ ପାରିବେ ନାହିଁ । ସଂରକ୍ଷଣ ସୀମା ୫୦% ସିମୀତ ଥିବା ଏବଂ ଆମ ରାଜ୍ୟରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ସଂଖ୍ୟା ପ୍ରାୟ ୩୯% ଥିବାରୁ ପଛୁଆବର୍ଗଙ୍କୁ ମାତ୍ର ୧୧.୨୫ ପ୍ରତିଶତ ସଂରକ୍ଷଣ ମିଳୁଛି । ରାଜ୍ୟ ସରକାରଙ୍କ ପଛୁଆବର୍ଗ ଆଇନ୍ ୨୦୦୮ରେ ସାମାଜିକ ଏବଂ ଶିକ୍ଷାଗତ ଅନଗ୍ରସର ବର୍ଗ ପାଇଁ ୨୭% ସଂରକ୍ଷଣ ବ୍ୟବସ୍ଥା ରହିଛି । କିନ୍ତୁ, ବିଭିନ୍ନ ନ୍ୟାୟାଳୟର ଆଦେଶ ଦୃଷ୍ଟିରୁ ଉକ୍ତ ୨୭% ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରୁ ନାହିଁ । ରାଷ୍ଟ୍ରପତିଙ୍କ ଦ୍ୱାରା ଘୋଷିତ ଓବିସି ତାଲିକା ଅନୁସାରେ ସରକାରୀ ଚାକିରୀ ଓ ଅନ୍ୟାନ୍ୟ କ୍ଷେତ୍ରରେ ସଂରକ୍ଷଣ ପାଇଁ ବ୍ୟବସ୍ଥା ରହିଛି । ରାଜ୍ୟଗୁଡିକ ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ ତାଲିକା ପ୍ରସ୍ତୁତି କରୁଥିଲେ ଏବଂ ଏବେ ମଧ୍ୟ କରିପାରିବେ । କେନ୍ଦ୍ରର ଓବିସି ତାଲିକା ଅନୁସାରେ ଅନ୍ୟାନ୍ୟ ପଛୁଆ ବର୍ଗର ପ୍ରାର୍ଥିମାନେ କେନ୍ଦ୍ର ସରକାରଙ୍କ ଅଧିନରେ ଥିବା ସରକାରୀ ଚାକିରୀ ଏବଂ ଶିକ୍ଷାନୁଷ୍ଠାନ ମାନଙ୍କରେ ନାମ ଲେଖାଇବାକୁ ସଂରକ୍ଷଣର ସୁବିଧା ପାଉଛନ୍ତି । ସେହିପରି ରାଜ୍ୟର ପଛୁଆବର୍ଗ ତାଲିକା ଅନୁସାରେ ସାମାଜିକ ଏବଂ ଶିକ୍ଷାଗତ ପଛୁଆ ବର୍ଗର ପ୍ରାର୍ଥୀମାନେ ରାଜ୍ୟ ସରକାରଙ୍କ ଅଧିନରେ ଥିବା ସରକାରୀ ଚାକିରୀରେ ସଂରକ୍ଷଣର ସୁବିଧା ପାଉଛନ୍ତି । ଏ ପର୍ଯ୍ୟନ୍ତ ରାଜ୍ୟର ୨୦୯ ଜାତି ଓ ଉପଜାତି ପଛୁଆବର୍ଗ ତାଲିକାରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ▶▶ପୃଷ୍ଠା ୭

## କର୍ଣ୍ଣାଟକରେ ଛୋଟ ପିଲାଙ୍କ ସଂକ୍ରମଣ ନେଇ ଆସିଲା ଅଧିକ ତଥ୍ୟ

- ■ ଅଧିକାଂଶ ପିଲାଙ୍କ କ୍ଷେତ୍ରରେ ଦେଖାଯାଉ ନାହିଁ ଲକ୍ଷଣ
- ■ ଅଳ୍ପ ପିଲାଙ୍କ କ୍ଷେତ୍ରରେ ଆଂଶିକ ଲକ୍ଷଣ



କର୍ଣ୍ଣାଟକ,୧୩/୦୮(ନି.ପ୍ର): କର୍ଣ୍ଣାଟକର ରାଜଧାନୀ ବାଙ୍ଗାଲୋରରେ ଛୋଟ ପିଲା କରୋନାରେ ସଂକ୍ରମିତ ହେବା ଖବର ଏବେ ସମସ୍ତଙ୍କ ଚିନ୍ତା ବଢାଇଛି କିନ୍ତୁ ଆଶ୍ୱସ୍ତିକର କଥା ହେଉଛି ବର୍ତ୍ତମାନ ସୁଦ୍ଧା କୌଣସି ଶିଶୁ କରୋନାରେ ପ୍ରାଣ ହରାଇ ନାହାନ୍ତି । ଏପରିକି ଆକ୍ରାନ୍ତ ଶିଶୁଙ୍କ ସ୍ୱାସ୍ଥ୍ୟବସ୍ଥା ମଧ୍ୟ ଗୁରୁତର ହେଉନାହିଁ । ବାଙ୍ଗାଲୋରରେ ଦୈନିକ ୩ ଶହରୁ ୪ ଶହ କରୋନା ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି ଆଉ ସେମାନଙ୍କ ମଧ୍ୟରୁ ୨୦ରୁ ୨୬ ଜଣ ହେଉଛନ୍ତି ଛୋଟ ପିଲା । ବୃହତ ବାଙ୍ଗାଲୋର ମହାନଗର ପାଳିକାର ସୂଚନା ଅନୁସାରେ ଜୁଲାଇ ୧ରୁ ଅଗଷ୍ଟ ୧୧ ତାରିଖ ମଧ୍ୟରେ ୭୪୮ଜଣ ଶିଶୁ ( ୧ରୁ ୯ ବର୍ଷ ବୟସ୍କ) ସଂକ୍ରମିତ ହୋଇଛନ୍ତି । ସେହିପରି ଅଗଷ୍ଟ ୫ ରୁ ୧୧ ତାରିଖ ମଧ୍ୟରେ ୧୪୩ ଜଣ ଶିଶୁ ( ୧ରୁ ୯ ବର୍ଷ ବୟସ୍କ) ସଂକ୍ରମିତ ବୟସ୍କ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ଛୋଟ ପିଲା କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଅଧିକାଂଶ ଆକ୍ରାନ୍ତ ଶିଶୁଙ୍କୁ ଠାରେ ଲକ୍ଷଣବିହୀନ ଓ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେଉନି ଆକ୍ରାନ୍ତ ଶିଶୁଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା କାହାରିକୁ ଆଇସିୟୁରେ ଭର୍ତ୍ତି କରାଯାଇନାହିଁ । ସେହିପରି ଅଗଷ୍ଟ ମାସର ପ୍ରଥମ ଦୁଇ ସପ୍ତାହ ସୁଦ୍ଧା ମିଜୋରାମରେ ୧୨୮ ଜଣ ଓ ପଞ୍ଜାବର ଲୁଧିଆନାରେ ୩୩ ଜଣ ଶିଶୁ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଛୋଟ ପିଲାଙ୍କ ପାଇଁ ଟିକା ଆସିନଥିବାରୁ ସଂକ୍ରମଣ ଭୟ ରହିଛି କିନ୍ତୁ ପିଲାଙ୍କ ଦେହରେ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ବଢୁଥିବା ▶▶ପୃଷ୍ଠା ୭

## ସାର ପାଇଁ ତାତିଲେ ଚାଷୀ

### ରାସ୍ତା ରୋକ କରିବା ସହ ଲ୍ୟାମ୍ପସକୁ ଘେରି ଧାରଣାରେ ବସିଲେ କୋରାପୁଟର ଚାଷୀ



କୋରାପୁଟ,୧୩/୦୮(ନି.ପ୍ର): ସାର ପାଇଁ ତାତିଲେ ଚାଷୀ । ଲ୍ୟାମ୍ପସକୁ ଘେରିଲେ ଚାଷୀ । ରାସ୍ତା ରୋକ କରିବା ସହ ଧାରଣାରେ ବସିଲେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକର ୧୫ଟି ପଚାଂୟତର ଶତାଧିକ ଚାଷୀ । କୁମୁଲି କାମତା ଲ୍ୟାମ୍ପସ ଓ ଜୟପୁର ବ୍ଲକ୍ କୁମୁଲିପୁଟ ପଚାଂୟତର ଶତାଧିକ ଚାଷୀ କୁମୁଲିପୁଟ ଲ୍ୟାମ୍ପସ ସାମନାରେ ବିକ୍ଷୋଭ କରିଛନ୍ତି । ଦୀର୍ଘ ଦିନ ହେଲା କୋରାପୁଟ ଜିଲ୍ଲାରେ ସାରର ଅଭାବ ଦେଖିବାକୁ ମିଳିଛି । ଯଦି କିଛି ସାର ଆସୁଛି ତାହା ହେଲେ ବସ୍ତାଏ ସାର ପାଇଁ ଦିନ ସାରା ଚାଷୀକୁ ଜଗିବାକୁ ପଡୁଥିବା ଚାଷୀ ଅଭିଯୋଗ କରିଛନ୍ତି । ଏବେ ରୁଆ ସମୟରେ ସାରର ଅଭାବ ଚାଷୀ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି । ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ପ୍ରତିଶୃତି ପରେ ବି ସାର ନମିଳିବାରୁ ଆଜି ଜିଲ୍ଲାର ବିଭିନ୍ନ ସ୍ଥାନରେ ଚାଷୀ ଆନ୍ଦୋଳନ କରିବା ସହ ଧାରଣାରେ ବସିଛନ୍ତି । କାହାକୁ ସାର ଦିଆଗଲା କିଏ ନେଲା ତାର ତାଲିକା ଦେବାକୁ ଦାବି କରିଛି ଚାଷୀ ସଂଗଠନ । କୁମୁଲି କାମତା ଲ୍ୟାମ୍ପସ୍ରେ ୨୫ ଶହ କ୍ୱିଂଟାଲ ସାରର ଆବଶ୍ୟକତା ହେଲେ ଚାଷୀଙ୍କୁ ମିଳିଛି ମାତ୍ର ଶହେ କ୍ୱିଂଟାଲ । ଦୀର୍ଘ ଦିନ ଧରି ଏପରି ଅବସ୍ଥା ଲାଗିରହିଥିବା ଯୋଗୁଁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।

## ପ୍ରଧାନମନ୍ତ୍ରୀ ମୋଦୀ ଆଣିଲେ ଯାନବାହାନ ସ୍କ୍ରାପେଜ୍ ନୀତି

ନୂଆଦିଲ୍ଲୀ,୧୩/୦୮: ଦେଶର ଯାନବାହନ ସ୍କ୍ରାପେଜ ନୀତିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ପ୍ରଚଳନ କରିଛନ୍ତି । ଏହାଦ୍ୱାରା ଅଯୋଗ୍ୟ ହୋଇପଡ଼ିଥିବା ଏବଂ ପ୍ରଦୂଷଣକାରୀ ଯାନବାହନଗୁଡିକୁ ରାସ୍ତାରୁ ପର୍ଯ୍ୟାୟକ୍ରମେ ହଟାଇ ଦିଆଯାଇ ତାହାକୁ ପରିବେଶ ଉପଯୋଗୀ ପଦ୍ଧତିରେ ଭାଙ୍ଗି ଦିଆଯିବ । ଗୁଜରାଟରେ ଆୟୋଜିତ ନିବେଶକ ସମ୍ମିଳନୀକୁ ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସିଂ ଜରିଆରେ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ ଏହି ଘୋଷଣା କରିଛନ୍ତି । ଏହି ଅବସରରେ ମୋଦୀ କହିଛନ୍ତି, ଭାରତର ବିକାଶ ଯାତ୍ରାରେ ଏହି ନୀତି ଏକ ଉଲ୍ଲେଖଯୋଗ୍ୟ ମାଇଲଖୁଣ୍ଟହେବ ।

## ଜଗତସିଂହପୁରରେ ୨୧୫ କୋଟି ଟଙ୍କା ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୩/୦୮(ନି.ପ୍ର): ଜଗତସିଂହପୁର ହେଉଛି ଓଡିଶାର ବିକାଶର ମୁଖ୍ୟ ଦ୍ୱାର । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଜଗତସିଂହପୁର ଜିଲ୍ଲାରେ ୨୧୫ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିବା ଅବସରରେ ଏହା କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜଗତସିଂହପୁର ଜିଲ୍ଲା ଓଡିଶାର ଏକ ଆଗୁଆ ଜିଲ୍ଲା । ଶିଳ୍ପ, କୃଷି ସବୁଥିରେ ଜଗତସିଂହପୁର ଜିଲ୍ଲାର ସୁନାମ ରହିଛି । ଜଗତସିଂହପୁର ଜିଲ୍ଲାରୁ ହିଁ ବିଜୁ ବାବୁ ଓଡିଶାର ବିକାଶ ଯାତ୍ରାର ଆରମ୍ଭ କରିଥିଲେ । ପାରାଦୀପ ବନ୍ଦର ଆଜି ଦେଶର ମୁଖ୍ୟ ବନ୍ଦର ମାନଙ୍କ ମଧ୍ୟରେ ସ୍ଥାନ ପାଇଛି । ଶିଳ୍ପ ନଗରୀ ଭାବରେ ମଧ୍ୟ ପାରାଦୀପର ଗୁରୁତ୍ୱ ବଢିଛି । ମୁଖ୍ୟମନ୍ତ୍ରୀ କହିଲେ ଯେ ଆଜିର ପ୍ରକଳ୍ପରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଯୋଗାଯୋଗ, ଜଳସେଚନ, ଆଦି ବିଭିନ୍ନ କ୍ଷେତ୍ରର ବିକାଶ ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି । ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁ ଅଂଚଳର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଥିଲେ । କରୋନା ମହାମାରୀ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ମହାମାରୀ ଯୋଗୁ ଗତ ଏକ ବର୍ଷରୁ ଅଧିକ ସମୟ ଧରି ଆମେ ସମସ୍ତେ ପ୍ରଭାବିତ ହୋଇଛେ । ବହୁ ଲୋକଙ୍କ ରୋଜଗାର ଉପରେ ପ୍ରଭାବ ପଡିଛି । ତେଣୁ ରାଜ୍ୟ ସରକାର ଗରିବ ଲୋକ, ଚାଷୀ, ଶ୍ରମିକ, ମା ସମସ୍ତଙ୍କ ପାଇଁ ୨୦୦୦ କୋଟିରୁ ଅଧିକ ଟଙ୍କାର ସହାୟତା ଯୋଗାଇ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସାଧାରଣ ଲୋକର ଖୁସି ମୋ ପାଇଁ ସବୁଠାରୁ ବଡ ସନ୍ତୋଷ । ଲୋକଙ୍କ ପାଇଁ ଆମେ କାମ କରୁଛୁ ଓ କରିଚାଲିବୁ । ସେ କୃଷକ ମାନଙ୍କ କଲ୍ୟାଣ ହେଉ ବା ମା ମାନଙ୍କ ସଶକ୍ତିକରଣ ବା କ୍ରୀଡା ପ୍ରତିଭାର ବିକାଶ - ଏ ସବୁ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଓଡିଶା ପାଇଁ ଏକ ନୂଆ ପରିଚୟ ସୃଷ୍ଟି କରିବା । ଅନେକ କ୍ଷେତ୍ରରେ ଓଡିଶା ଆଜି ଅନ୍ୟ ମାନଙ୍କ ପାଇଁ ଆଦର୍ଶ ହୋଇପାରିଛି । ଏହି ଧାରାକୁ ଆମେ ସମସ୍ତେ ମିଶି ଆଗକୁ ନେବା ଓ ଓଡିଶାର ଗୌରବକୁ ନୂତନ ଶିଖରରେ ପହଂଚାଇବା ପାଇଁ ସେ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ଦାଶ ଓ ଜଳସମ୍ପଦ ବିକାଶ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ ଜଗତସିଂହପୁରର ▶▶ପୃଷ୍ଠା ୭

## କରୋନାରେ ଆଉ ୬୦ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୩/୦୮ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୬୭ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୬୭୫୭ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ବରଗଡ ଜିଲ୍ଲାରୁ ସର୍ବାଧିକ ୧୩ଜଣ ଥିବା ବେଳେ କଟକ ଜିଲ୍ଲାରୁ ୧୧ ଜଣ ମୃତ୍ୟୁବରଣ କରିଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୬ ଜଣ ମୃତ୍ୟୁବରଣ କରିଛନ୍ତି । ଅନୁଗୁଳ, ଜଗତସିଂହପୁର ଓ ସମ୍ବଲପୁର ଜିଲ୍ଲାରୁ ୫-୫ ଜଣ ମୃତ୍ୟୁବରଣ କରିଛନ୍ତି। ଦେବଗଡ ଜିଲ୍ଲାରୁ ୪ ଜଣ ମୃତ୍ୟୁବରଣ କରିଛନ୍ତି । ଢେଂକାନାଳ ଓ ଯାଜପୁର ଜିଲ୍ଲାରୁ ୩-୩ ଜଣ ମୃତ୍ୟୁବରଣ କରିଛନ୍ତି । ବାଲେଶ୍ୱର ଓ ଝାରସୁଗୁଡା ଜିଲ୍ଲାରୁ ୨-୨ ଜଣ ମୃତ୍ୟୁବରଣ କରିଛନ୍ତି । ଭଦ୍ରକ ଜିଲ୍ଲାରେ ଜଣେ ଲେଖାଏ ମୃତ୍ୟୁବରଣ କରିଛନ୍ତି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ । ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ କୁହା ଯାଇଛି ।

## ସ୍ୱାଧୀନତାର ୭୫ ବର୍ଷ ଅବସରରେ ଅମୃତ ମହୋତ୍ସବ ପାଳନ

ଭୁବନେଶ୍ୱର,୧୩/୦୮(ନି.ପ୍ର): ଭାରତବର୍ଷର ସ୍ୱାଧୀନତା ପାଇଁ ବହୁ ମହାପୁରୁଷ ଏବଂ ଆମ ପୂର୍ବଜମାନେ ସଦବାଧୀନତା ସଂଗ୍ରାମରେ ସାମିଲ ହେବା ସହ ଶହୀଦ ହୋଇଛନ୍ତି । ଆଜିକୁ ୭୫ ବର୍ଷ ପୂର୍ବେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଦେଶ ସ୍ୱାଧୀନତା ହାସଲ କରିଥିଲା । ଏହି ମୁହୂର୍ତ୍ତକୁ ସ୍ମରଣୀୟ କରିବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ କେନ୍ଦ୍ର ଚଳିତ ବର୍ଷକୁ ଦେଶବ୍ୟାପୀ ଅମୃତ ମହୋତ୍ସବ ଭାବେ ପାଳନ କରିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ଅମୃତ ମହୋତ୍ସବ ପାଳନ ଅବସରରେ କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ତରଫରୁ ଆରମ୍ଭ ହୋଇଥିବା 'ମେରା ମାନ୍, ରାଷ୍ଟ୍ର ଗାନ୍' ଅଭିଯାନରେ ସାମିଲ ହେବା ପାଇଁ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ଇରାସିସ୍ ଆଚାର୍ଯ୍ୟ ଓଡିଶାର ସମସ୍ତ ଯୁବବର୍ଗଙ୍କୁ ଆହ୍ୱାନ ଦେଇଛନ୍ତି । ରାଷ୍ଟ୍ରୀୟ ଯୁବମୋର୍ଚ୍ଚା ସଭାପତି ତେଜସ୍ୱୀ ସୂର୍ଯ୍ୟାଙ୍କ ନିର୍ଦ୍ଦେଶ କ୍ରମେ ଓଡିଶାରେ ମଧ୍ୟ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଯୁବକମାନଙ୍କ ଦ୍ୱାରା 'ନୂଆ ଓଡିଶା, ନୂଆ ଭାରତ' ସମ୍ଭାବନା ନେଇ ବିଶେଷ କାର୍ଯ୍ୟକ୍ରମ ହେବ । ରାଜ୍ୟରେ ୧୦୦୪ ମଣ୍ଡଳରେ ଅଗଷ୍ଟ ୧୫ ତାରିଖ ଦିନ ସକାଳ ସମୟରେ ରାଷ୍ଟ୍ରୀୟ ଗାନ କରାଯିବ ।

## ଆଫଗାନିସ୍ତାନରେ ଦ୍ୱିତୀୟ ବଡ଼ ସହର କାନ୍ଦାହାରକୁ ଅକ୍ତିଆର କଲା ତାଲିବାନ



ଆଫଗାନିସ୍ତାନ,୧୩/୦୮: ଆଫଗାନିସ୍ତାନରେ ଜାରି ରହିଛି ତାଲିବାନ ଆତଙ୍କ । ଦେଶର ଦ୍ୱିତୀୟ ବୃହତ୍ତମ ସହର କାନ୍ଦହାରକୁ ନିଜ କବଳକୁ ନେଇଛି ତାଲିବାନ । କେବଳ ସେତିକି ନୁହେଁ ହେିରାତ ଓ ଲସ୍କର ଗାହ ଭଳି ଅନ୍ୟ ପ୍ରମୁଖ ସହରକୁ ମଧ୍ୟ କବଳିତ କରିଛି । ଆଉ ଏବେ ଦ୍ରୁତ ଗତିରେ ରାଜଧାନୀ କାବୁଲ ଆଡକୁ ମାଡି ଚାଲିଛି ତାଲିବାନ । କାବୁଲଠାରୁ କିଛି ଦୂରରେ ଅବସ୍ଥିତ ଗଜନି ସହରକୁ ନିଜ କବଜାକୁ ନେଇଛି । ହେରାତରେ ଥିବା ପୁଲିସ ହେଡ୍‌କ୍ୱାର୍ଟରକୁ ମଧ୍ୟ ଦଖଲ କରିଛି ତାଲିବାନ । ଆଫଗାନିସ୍ତାନର ଆମେରିକା ନିଜ ସେନା ପ୍ରତ୍ୟାହାର କରିବା ପରେ ତାଲିବାନର ପାର୍ଦୁଭାବ ବଢି ବଢି ଚାଲିଛି । ଲୋକମାନେ ଘର ଦ୍ୱାର ଛାଡି ଅନ୍ୟତ୍ର ପଳାଉଛନ୍ତି । ଅନେକ ଲୋକ ପଡୋଶୀ ଦେଶ ଗୁଡିକରେ ଶରଣ ନେଉଛନ୍ତି । ତାଲିବାନର ଆତଙ୍କ ଦେଖି ଲାଗୁଛି ଖୁବଶୀଘ୍ର କାବୁଲର ପତନ ସୁନିଶ୍ଚିତ । ଏହି ଆଶଙ୍କାରେ ଆଫଗାନ ସରକାର ଯୁଦ୍ଧ ବିରତି ପାଇଁ ତାଲିବାନୁ ଦେଇଛନ୍ତି ପ୍ରସ୍ତାବ । ଯୁଦ୍ଧ ବିରତି ପାଇଁ କ୍ଷମତା ଆବଣ୍ଟନ ପାଇଁ ସରକାର ପ୍ରସ୍ତାବ ଦେଇଛନ୍ତି । ଏହି କ୍ଷମତା ଆବଣ୍ଟନର ରୂପରେଖ ସମ୍ପର୍କରେ କୌଣସି ବିବରଣୀ ମିଳିପାରି ନାହିଁ । ଆଫଗାନ ସରକାରଙ୍କ ପ୍ରତିନିଧି ଅବଦୁଲା କାତାର ରାଜଧାନୀ ଦୋହାରେ ରହି ଶାନ୍ତି କଥାବାର୍ତ୍ତା ଚଳାଇଛନ୍ତି । ସେ ମଧ୍ୟ ଆମେରିକା, ଚୀନ ଋଷିଆ ଓ କେତେକ ଏସୀୟ ଦେଶ ସହ ଆଲୋଚନା ଜାରି ରଖିଛନ୍ତି । ସେପଟେ ଆମେରିକା ଓ ବ୍ରିଟେନ ଆଫଗାନିସ୍ତାନରେ ଥିବା ନିଜ ଦୂତବାସ କାର୍ଯ୍ୟାଳୟ ଏବଂ ସେଠାରେ ଥିବା ନିଜ ଲୋକଙ୍କୁ ନେବା ପାଇଁ ସାଢେ ୩ ହଜାର ଯବାନଙ୍କୁ ପଠାଯାଇଛି । ଆମରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି, ତାଲିବାନ ସହ ଲଢେଇ ଭିତରେ ଆମେରିକା ବହୁ ଅର୍ଥ ବ୍ୟୟ କରିବା ସହ ଅନେକ ଯବାନଙ୍କୁ ହରାଇଛି । ଏବେ ସମୟ ଆସିଛି ଆଫଗାନିସ୍ତାନର ସବୁ ନେତା ଏକତ୍ରିତ ହୋଇ ତାଲିବାନ ବିରୋଧରେ ଲଢିବା ପାଇଁ । ତାଲିବାନ ଆତଙ୍କ ଦେଖି ତା ଆଗରେ ମୁଣ୍ଡ ନୁଆଁଇବାକୁ ବାଧ ହୋଇଛନ୍ତି ଆଫଗାନ୍ର ସରକାରୀ କର୍ମଚାରୀ ।

## ଆଜି ପ୍ରକାଶ ପାଇବ ଯୁକ୍ତ ଦୁଇ ଓ ଧନ୍ଦାମୂଳକ ପରୀକ୍ଷା ଫଳ

ଭୁବନେଶ୍ୱର,୧୩/୦୮(ନି.ପ୍ର): ଆସନ୍ତାକାଲି ପ୍ରକାଶ ପାଇବ ଯୁକ୍ତ ଦୁଇ ଓ ଧନ୍ଦାମୂଳକ ପରୀକ୍ଷା ଫଳାଫଳ । ୨ଲକ୍ଷ ୨୧ହଜାର ଛାତ୍ରଛାତ୍ରୀଙ୍କ ଫଳ ପ୍ରକାଶ ପାଇବ । ଏହାସହ ଧନ୍ଦାମୂଳକରେ ୬ହଜାରରୁ ଅଧିକ ଛାତ୍ରଛାତ୍ରୀ ରହିଛନ୍ତି । ଦଶମ ଶ୍ରେଣୀର ବିଭିନ୍ନ ବିଷୟରେ ଛାତ୍ରଛାତ୍ରୀ ରଖିଥିବା ମାର୍କକୁ ଯୁକ୍ତ ଦୁଇରେ ଥିବା ବିଷୟ ସହିତ ମ୍ୟାପିଂ କରାଯାଇଥିଲା । ଏବଂ ଏହାକୁ ଭିତି କରି ଯୁକ୍ତ ଦୁଇରେ ମାର୍କ ଦିଆଯାଇଛି । ସୁପ୍ରିମକୋର୍ଟ ଜୁଲାଇ ୩୧ସୁଦ୍ଧା ଯୁକ୍ତ ଦୁଇର ଫଳାଫଳ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ କିନ୍ତୁ କେବଳ ବିଜ୍ଞାନ ଓ ବାଣିଜ୍ୟର ଫଳ ପ୍ରକାଶ ପାଇଥିଲା । ତେବେ କଳାର ଫଳାଫଳ ପ୍ରକାଶ କରିବା ପାଇଁ ଦୁଇ ସପ୍ତାହ ସମୟ ମାଗିଥିଲେ । ଏହି ଅନୁସାରେ ଆସନ୍ତାକାଲି ବଢିଥିବା ସମୟ ଅବଧିର ଶେଷ ତାରିଖ । ସେପଟେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ମଧ୍ୟ କହିଛି ଯେ ଆସନ୍ତାକାଲି ଫଳ ପ୍ରକାଶ ପାଇବ ।

# ସମାଜସେବୀ ଅମର ସେଠୀଙ୍କ ପିତୃ ବିୟୋଗ

ବାରିପଦା,୧୩/୮ (ନି.ପ୍ର): ସ୍ଥାନୀୟ ବୁଢ଼ୀଖମାରୀ ସ୍ଥିତ ନିଜ ବାସଭବନରେ ବିଶିଷ୍ଟ ସମାଜସେବୀ ଅମର ସେଠିଙ୍କ ପିତା ରଘୁନାଥ ସେଠି ବୁଧବାର ରାତି ୧୦ ଟା ୩୦ ରେ ଇହଧାମ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୯୪ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ସମୟରେ ତାଙ୍କ ପାଖରେ ବଡ ପୁଅ ଅଶୋକ, ସାନ ପୁଅ ଅମର, ଝିଅ ସବିତା, ସଂଗୀତା, ଜ୍ୱାଇଁ ବୈକୁଣ୍ଠ, ଅମୃତ ତଥା ନାତି ଅଭିଳାଷ, ଅବିନାଶ ଓ ଶାଶ୍ୱତ ଏବଂ ନାତୁଣୀ ଶ୍ରାବଣୀ, ଅର୍ପିତା ଓ ଆଇସା ଉପସ୍ଥିତ ଥିଲେ। ଏଇ ଖବର ପାଇ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ସମବେଦନା ଜଣାଇଥିବାବେଳେ ମୋରଡା ବିଧାୟକ ରାଜକିଶୋର ଦାସ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ବଡ଼ସାହି ବିଧାୟକ ଗଣେଶ୍ୱର ପାତ୍ର, ପୂର୍ବତନ ଏସ ଡି ସି ଅଧ୍ୟକ୍ଷ ଡା ଦେବାଶିଷ ମାର୍ଣ୍ଡି, ପୂର୍ବତନ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ ନଗରପାଳ ଜୀତେନ୍ଦ୍ର ମହାନ୍ତି, ସୁବ୍ରମନିୟମ ମହାନ୍ତି, ବାଙ୍ଗିରିପୋଷି ବ୍ଲକ ଅଧ୍ୟକ୍ଷ ସୁବୋଧ ମାର୍ଣ୍ଡି, କୁଳିଅଣା ବ୍ଲକ ବରିଷ୍ଠ ନେତା ଦୁର୍ଗା ମାର୍ଣ୍ଡି, ଶାମାଖୁଣ୍ଟା ବ୍ଲକ ଅଧ୍ୟକ୍ଷ ବିଲକାନ ସିଂ ତଥା ମୟୁରଭଂଜ ଜିଲ୍ଲାର ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ବିବେକାନନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଶୋକାକୁଳ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ଏହା ବ୍ୟତୀତ ଜିଲ୍ଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସମବେଦନା ଜଣାଇଥିଲେ। ଶେଷରେ ନାତି ଅବିନାଶ ମୁଖାଗ୍ନି ଦେଇଥିଲେ। ଭଗବାନ ତାଙ୍କର ଆତ୍ମାର ସଦ୍ଗତି ଦେବା ସହିତ ପରିବାର ଲୋକଙ୍କୁ ଧୈର୍ଯ୍ୟ ଓ ସାହସ ଦିଅନ୍ତୁ।

# ରୋଟାରୀ ଓ ଇନର୍ ହୁଇଲ କ୍ଲବର ବାର୍ଷିକ ଉତ୍ସବ




ଜଳେଶ୍ୱର ,୧୩/୮ (ନି.ପ୍ର): ରୋଟାରୀ ଇଣ୍ଟରନେସ୍‌ନାଲ ଓ ମହିଳା ମାନଙ୍କର ଇନରହୁଇଲ କ୍ଲବ ସମଗ୍ର ବିଶ୍ୱରେ ବିଭିନ୍ନ କ୍ଷେତ୍ରରେ ସେବା ଯୋଗାଇ ଆସୁଅଛି। ବୁଧବାର ସଂଧ୍ୟାରେ ବାଲେଶ୍ୱର ଜିଲାର ଜଳେଶ୍ୱର ଥିବା ରୋଟାରୀ ଇଣ୍ଟରନେସ୍‌ନାଲ ଆର୍.ଆଇ ଡିଷ୍ଟ ୩୨୬୨ ଏବଂ ଇନରହୁଇଲ କ୍ଲବ ଆଇ.ଡବ୍ଲୁ ଡିଷ୍ଟ ୩୨୬ ବାର୍ଷିକ ଉତ୍ସବ ତଥା ଇଷ୍ଟଲେସନ୍ ଲେସନ୍ ସେରିମନି ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠିତ ଉତ୍ସବରେ ନୂତନଭାବେ ନିଯୁକ୍ତ ସଭାପତି ରାଜେଶ ଖଟୁଆ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ତହସିଲଦାର ଶଂକର ପଟ୍ଟନାୟକ ଓ ମୁଖ୍ୟବକ୍ତାଭାବେ ଆଇଆଇସି ପ୍ରଜ୍ଞା ମହାନ୍ତି ଓ ଅତିଥିଭାବେ ରୋଟାରୀ ଇଣ୍ଟରନେସ୍‌ନାଲର ଏସିଷ୍ଟାଣ୍ଟ ଗଭର୍ଣ୍ଣର ଦେବେନ୍ଦ୍ର ଧଳଙ୍କ ସହିତ ନୂତନ ସଂପାଦକ ମଣିଭଦ୍ର ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହା ସହିତ ଇନରହୁଇଲର ନୂତନ ସଭାପତି ଆରତୀ ମହାନ୍ତି ଏବଂ ସଂପାଦକ ବିଦ୍ୟୁମତି ଗିରିଙ୍କୁ ଏସିଷ୍ଟାଣ୍ଟ ଗଭର୍ଣ୍ଣର ଶ୍ରୀ ଧଳ ପଦକ ପିନ୍ଧାଇ ଦାୟିତ୍ୱ ଅର୍ପଣ କରିଥିଲେ। ରୋଟାରୀ ଇଣ୍ଟରନେସ୍‌ନାଲ ବିଦାୟୀ ସମ୍ପାଦିକା ଡା. ଦିପ୍ତୀମୟୀ ମହାପାତ୍ର ଓ ସଭାପତି ଇଂ ପ୍ରଦୀପ ବେହେରା ପ୍ରମୁଖ ଉପସ୍ଥିତ ରହି କୋଭିଡ୍ କଟକଣା ସମୟରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ପ୍ରଦୀପ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ସାମ୍ବାଦିକ ଅବନୀ ଚାନ୍ଦ ଓ ରବିନ୍ଦ୍ର ସେନାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ କ୍ଲବର ବହୁ ବରିଷ୍ଠ ସଦସ୍ୟ ଉପସ୍ଥିତ ଥିବା ବେଳେ ପ୍ରାକ୍ତନ ସଭାପତି ସୁବ୍ରତ ରଣା କାର୍ଯ୍ୟ ପରିଚାଳନା କରିଥିଲେ।

## ମୃତ ମାନସିକ ବିକୃତଙ୍କ ପରିଚୟ ନେଇ ଥାନାଧିକାରୀଙ୍କ ନିବେଦନ

କୋରାଇ,୧୩/୮ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ବ୍ରଜନଗରସ୍ଥିତ ୧୬ ନମ୍ବର ଜାତୀୟ ରାଜପଥର ଏକ ପୋଲ ନିକଟରୁ ମଙ୍ଗଳବାର ରାତିରେ ଜଣେ ଅଜଣା ବ୍ୟକ୍ତିଙ୍କର ଉଲଗ୍ନ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା ପୁଲିସ। ବ୍ୟକ୍ତି ଜଣକଙ୍କର ବୟସ ପ୍ରାୟ ୫୫ ରୁ ୬୦ ମଧ୍ୟରେ ହେବ ଓ ସେ ଏକ ଲୁଙ୍ଗିକୁ ମୁଣ୍ଡ ତଳେ ଦେଇ ଉଲଗ୍ନ ଅବସ୍ଥାରେ ସେଠାରେ ପଡ଼ିରହିଥିବାରୁ ଉକ୍ତ ବ୍ୟକ୍ତି ଜଣକ ଏକ ମାନସିକ ବିକୃତ ହୋଇଥାଇପାରନ୍ତି ବୋଲି ପୁଲିସ ଅନୁମାନ କରୁଛି। ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବକୁ ବ୍ୟବଚ୍ଛେଦ କରାଇ ଶବ ସଂରକ୍ଷଣ ଗୃହରେ ରଖାଯାଇଛି।

# ହିଞ୍ଜିଳିକାଟୁ ଓ ଶେରଗଡ଼ ବ୍ଲକରେ ଉଦ୍‌ଘାଟନ ହେବ ୫୦ଟି ସ୍ମାର୍ଟ ହାଇସ୍କୁଲ

ଗଞ୍ଜାମ,୧୩/୮ (ନି.ପ୍ର): ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକର ୨୭ଟି ଓ ହିଞ୍ଜିଳିକାଟୁ ବ୍ଲକର ୨୩ଟି ଏହିପରି ମୋଟ୍ ୫୦ଟି ସ୍ମାର୍ଟ ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ସ୍ମାର୍ଟସ୍କୁଲ ଗୁଡିକ ନିମ୍ନ ଲିଖିତ ତାରିଖରେ ଉଦଘାଟନ ହେବ। ସେହି ସ୍କୁଲଗୁଡିକ ମଧ୍ୟରୁ ଆସନ୍ତା ୧୯ ତାରିଖରେ ୧୦ଟି ହାଇସ୍କୁଲର ଉଦଘାଟନ ହେବ। ସେଗୁଡିକ ହେଲା ହିଞ୍ଜିଳିକାଟୁ ସ୍ଥିତ ଓଏଭି, ଏସ.ଆୟଗାଁ ହାଇସ୍କୁଲ, ଶେରଗଡ଼ ବ୍ଲକର ପିତଳ ବାଳକ ଉଚ୍ଚ ବିଦ୍ୟାଳୟ, ହିଞ୍ଜିଳିକାଟୁ ବ୍ଲକର ଶାରୁ ଉଚ୍ଚ ବିଦ୍ୟାଳୟ, ଶେରଗଡ଼ ବ୍ଲକର ଅଲାରିଗଡ଼ ସ୍ଥିତ ପଂଚାୟତ ହାଇସ୍କୁଲ, ହିଞ୍ଜିଳିକାଟୁ ବ୍ଲକର ଆଲପୁର ଉଚ୍ଚ ବିଦ୍ୟାଳୟ, ଶେରଗଡ଼ ବ୍ଲକର କୁରୁଳା ସରକାରୀ ଉଚ୍ଚ ବିଦ୍ୟାଳୟ, ହିଞ୍ଜିଳିକାଟୁ ବ୍ଲକର ପୋଡ଼ିଙ୍ଗି ଶ୍ୟାମଳାଇ ବିଦ୍ୟାପୀଠ, ଶେରଗଡ଼ ବ୍ଲକର ଥୁରୁବୁରାଇ ଉଚ୍ଚ ବିଦ୍ୟାଳୟ, ହିଞ୍ଜିଳିକାଟୁ ବ୍ଲକର ଏନଏସି ଉଚ୍ଚ ବିଦ୍ୟାଳୟ ଏବଂ ଶେରଗଡ଼ ବ୍ଲକର ନରେନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟ। ସେହିପରି ୨୧ ତାରିଖରେ ହିଞ୍ଜିଳିକାଟୁ ବ୍ଲକର ଗଣ୍ଡଳା ଗ୍ରାମ ସ୍ଥିତ ଗଣେଷ ବିଦ୍ୟାପୀଠ, ଶେରଗଡ଼ ବ୍ଲକର କୃଷ୍ଣଛାଇ ଉଚ୍ଚ ବିଦ୍ୟାଳୟ, ହିଞ୍ଜିଳିକାଟୁ ବ୍ଲକର ଭାବନ୍ଧ ସ୍ଥିତ ଜେସିସି ଉଚ୍ଚ ବିଦ୍ୟାଳୟ, ଶେରଗଡ଼ ବ୍ଲକର ବି. ବ୍ରହ୍ମପୁର ଉଚ୍ଚ ବିଦ୍ୟାଳୟ, ହିଞ୍ଜିଳିକାଟୁ ବ୍ଲକର ସିକିରି ସ୍ଥିତ ୟୁ.ଏନ୍. ହାଇସ୍କୁଲ, ଶେରଗଡ଼ ବ୍ଲକର କୁମାରପାଣି ହାଇସ୍କୁଲ, ହିଞ୍ଜିଳିକାଟୁ ବ୍ଲକର ଶାସନ ଆୟଗାଁ ସ୍ଥିତ ବୃନ୍ଦାବନ ନାୟକ ସ୍ମୃତି ବିଦ୍ୟାପୀଠ, ଶେରଗଡ଼ ବ୍ଲକ ଗୋଠଗାଁ ଉଚ୍ଚ ବିଦ୍ୟାଳୟ, ହିଞ୍ଜିଳିକାଟୁ ବ୍ଲକର ନନ୍ଦିକ ଗ୍ରାମ ସ୍ଥିତ ଗଭର୍ଣ୍ଣମେଂଟ ୟୁଜି ହାଇସ୍କୁଲ ଏବଂ ଶେରଗଡ଼ ବ୍ଲକ କାଞ୍ଜିଆମା ଉଚ୍ଚ ବିଦ୍ୟାଳୟ ସ୍ମାର୍ଟ ହାଇସ୍କୁଲ ଭାବେ ଉଦଘାଟନ ହେବ। ସେହିପରି ୨୩ ତାରିଖରେ ହିଞ୍ଜିଳିକାଟୁ ବ୍ଲକ ବେଲଗାଁ ସ୍ଥିତ ରଘୁନାଥ ବିଦ୍ୟାପୀଠ, ଶେରଗଡ଼ ବ୍ଲକର ବ୍ରାହ୍ମଣଛାଇ ଉଚ୍ଚ ବିଦ୍ୟାଳୟ, ହିଞ୍ଜିଳିକାଟୁ ବ୍ଲକର ଦୟାପଲ୍ଲୀ ସ୍ଥିତ ଗଭର୍ଣ୍ଣମେଂଟ ୟୁଜି ହାଇସ୍କୁଲ, ଶେରଗଡ଼ ବ୍ଲକର ଡ଼ିଙ୍ଗିଶାଳ ସ୍ଥିତ ପଂଚାୟତ ହାଇସ୍କୁଲ, ହିଞ୍ଜିଳିକାଟୁ ବ୍ଲକ ବଡଖଣ୍ଡି ସ୍ଥିତ ସତ୍ୟଭାମା ବିଦ୍ୟାପୀଠ, ଶେରଗଡ଼ ବ୍ଲକର ଡ଼େଙ୍ଗାପଦର ହାଇସ୍କୁଲ, ହିଞ୍ଜିଳିକାଟୁ ବ୍ଲକର ସାପୁଆପଲ୍ଲୀ ସ୍ଥିତ ଗଭର୍ଣ୍ଣମେଂଟ ୟୁଜି ହାଇସ୍କୁଲ, ଶେରଗଡ଼ ବ୍ଲକର ପିତଳ ସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ, ହିଞ୍ଜିଳିକାଟୁ ବ୍ଲକର ବାଳକୃଷ୍ଣପୁର ସ୍ଥିତ ଗଭର୍ଣ୍ଣମେଂଟ ୟୁଜି ହାଇସ୍କୁଲ ଏବଂ ଶେରଗଡ଼ ବ୍ଲକର ଲାଞ୍ଜିଆପଲ୍ଲୀ ହାଇସ୍କୁଲ ସ୍ମାର୍ଟ ହାଇସ୍କୁଲ ଭାବେ ଉଦଘାଟନ ହେବ। ଅନୁରୂପ ଭାବେ ୨୬ ତାରିଖରେ ହିଞ୍ଜିଳିକାଟୁ ବ୍ଲକର ପୋଚିଲିମା ହାଇସ୍କୁଲ, ଶେରଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟ, ହିଞ୍ଜିଳିକାଟୁ ବ୍ଲକର ଖରିଡ଼ା ଉଚ୍ଚ ବିଦ୍ୟାଳୟ, ଶେରଗଡ଼ ବ୍ଲକର କାନସା ସ୍ଥିତ ଶ୍ରୀ ଜଗନ୍ନାଥ ବିଦ୍ୟାପୀଠ, ହିଞ୍ଜିଳିକାଟୁ ବ୍ଲକର ସାହାପୁର ସ୍ଥିତ ଗ୍ରାପପଚାଂୟତ ଉଚ୍ଚ ବିଦ୍ୟାଳୟ, ଶେରଗଡ଼ ବ୍ଲକର ବରମୁଣ୍ଡୁଳି ଉଚ୍ଚ ବିଦ୍ୟାଳୟ, ହିଞ୍ଜିଳିକାଟୁ ବ୍ଲକର ମକରଝୋଳ ହାଇସ୍କୁଲ, ଶେରଗଡ଼ ବ୍ଲକର ଧବଳପୁର ହାଇସ୍କୁଲ, ହିଞ୍ଜିଳିକାଟୁ ବ୍ଲକର ବୁରୁପଡ଼ା ସ୍ଥିତ ଭଗବତୀ ବିଦ୍ୟାପୀଠ ଏବଂ ଶେରଗଡ଼ ବ୍ଲକର ରାମଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟ ସ୍ମାର୍ଟ ହାଇସ୍କୁଲ ଭାବେ ଉଦଘାଟନ ହେବ। ଏହା ବ୍ୟତୀତ ୨୮ ତାରିଖରେ ହିଞ୍ଜିଳିକାଟୁ ବ୍ଲକର ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ, ଶେରଗଡ଼ ବ୍ଲକର ମହାତ୍ମା ଗାନ୍ଧି ଉଚ୍ଚ ବିଦ୍ୟାଳୟ, ହିଞ୍ଜିଳିକାଟୁ ବ୍ଲକର କଂଚୁଡୁ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, ଶେରଗଡ଼ ବ୍ଲକର କରଡ଼ାକଣା ହାଇସ୍କୁଲ, ହିଞ୍ଜିଳିକାଟୁ ବ୍ଲକ ଦୁର୍ବନ୍ଧ ଗ୍ରାମସ୍ଥିତ ପଚାଂୟତ ଉଚ୍ଚ ବିଦ୍ୟାଳୟ, ଶେରଗଡ଼ ବ୍ଲକ ତାକରଡ଼ା ସ୍ଥିତ ସହିଦ୍ ଉଚ୍ଚ ବିଦ୍ୟାଳୟ, ଶେରଗଡ଼ ବ୍ଲକର ଗୋବିନ୍ଦପୁର ହାଇସ୍କୁଲ, ଶେରଗଡ଼ ବ୍ଲକର କୁଲାଗଡ଼ ସ୍ଥିତ ମା କାଳୀ ଉଚ୍ଚ ବିଦ୍ୟାଳୟ, ଧନନ୍ତରସ୍ଥିତ ନୋଡ଼ାଲ ନାଥେଶ୍ୱର ହାଇସ୍କୁଲ ଓ ପାକିଡ଼ି ସ୍ଥିତ ଓଏଭି ସ୍କୁଲ ସ୍ମାର୍ଟ ହାଇସ୍କୁଲ ଭାବେ ଉଦଘାଟନ ହେବ।

## ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀଙ୍କ ୬୦ ତମ ନୈଷ୍ଠିକ ଦୀକ୍ଷା ଦିବସ ଅବସରରେ ଆୟୁଷ୍ମାନ ମହାଯଜ୍ଞ ଆୟୋଜିତ

ନୂଆପଡ଼ା,୧୩/୮ (ନି.ପ୍ର): ଆର୍ଯ୍ୟମାନଙ୍କ ତୀର୍ଥସ୍ଥାନ ଆତ୍ମସେନା ଗ୍ରାମରେ ଅବସ୍ଥିତ ଗୁରୁକୁଳ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀଙ୍କ ୬୦ ତମ ନୈଷ୍ଠିକ ଦୀକ୍ଷା ଦିବସ ଅବସରରେ ନୂଆପଡ଼ା ଜିଲ୍ଲା ଖରିଆର ରୋଡ ଠାରେ ଗୁରୁକୁଳ ଆଚାର୍ଯ୍ୟ ଡକ୍ଟର ଭରତାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆୟୁଷ୍ମାନ ମହାଯଜ୍ଞ ଆଚାର୍ଯ୍ୟ ମନୁଦେବଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଯଜ୍ଞ ସମାପ୍ତ ହେବା ପରେ ଆଶୀର୍ବାଦ ସମାରୋହର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଗ୍ରାମବାସୀ ତଥା ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଶ୍ରୀରାମପୁର ପଞ୍ଚାୟତର ମହିଳା ବିକାଶ ସଂଘ ଗୃହ ଶୁଭାରମ୍ଭ



ଜଳେଶ୍ୱର,୧୩/୮ (ନି.ପ୍ର): ଶ୍ରୀରାମପୁର ପଞ୍ଚାୟତର ମହିଳା ବିକାଶ ସଂଘ ଗୃହ ଶୁକ୍ରବାର ସକାଳ ୯ଟାରେ ଶ୍ରୀରାମପୁର ଠାରେ ଶୁଭାରମ୍ଭ ହୋଇଥିଲା ବେଳେ ଏହାର ଅଟକଳ ମୂଲ୍ୟ ୧୨ ଲକ୍ଷ ଟଙ୍କା ରହିଛି। ଏଥିରେ ଶ୍ରୀରାମପୁର ପଞ୍ଚାୟତର ସରପ ଆରତୀ ଗିରି ମହିଳା ସଂଘର ସୁହାଗୀ ହାଁସଦା, ଜୁଲିରାଣି ପରିଡ଼ା, ପଦ୍ମାବତୀ ରଣା, ସାବିତ୍ରୀ ଗିରି, ମଧୁମିତା ମଲ୍ଲିକ, ୱାର୍ଡ଼ ସଭ୍ୟା ଶିବାନୀ ମଲ୍ଲିକ, ଜୟନ୍ତ ଦାସ ଅଧିକାରୀ, ଆଲୋକ ଗିରି ଅମର ଆଚାର୍ଯ୍ୟ, ବେଣୁଧର ମଲ୍ଲିକ, ରାଜେନ୍ଦ୍ର ମଲ୍ଲିକ, ଦୀନକୃଷ୍ଣ ମଲ୍ଲିକ, ବର୍ଷାରାଣୀ ମଲ୍ଲିକ, ଶୁକ ମଲ୍ଲିକ, ନିଗମାନନ୍ଦ ମଲ୍ଲିକ, ନିରଞ୍ଜନ ମଲ୍ଲିକ ପ୍ରମୁଖ ନଡ଼ିଆ ଭାଙ୍ଗି ଶୁଭାରମ୍ଭ କରିଥିଲେ।

# ମହାବୀର ଫାଉଣ୍ଡେସନ ସେବାକାର୍ଯ୍ୟ : ବିଦେଶରୁ ଆସିଲା ଶୁଭେଚ୍ଛା ବାର୍ତ୍ତା



ନୀଳଗିରି,୧୩/୮ (ନି.ପ୍ର): ନୀଳଗିରି ବ୍ଲକ୍ ଧୋବଶିଳା ପଂଚାୟତର ଡାହାଣୀମରାରେ ଥିବା ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଉଛି ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ମହାବୀର ଫାଉଣ୍ଡେସନ। ଖୁବ୍ ଅଳ୍ପ ଦିନରେ ଅନେକ ସାମାଜିକ କାର୍ଯ୍ୟ ହାତକୁ ନେଇ ଚର୍ଚ୍ଚାରେ ଥିବା ମହାବୀର ପାଉଣ୍ଡେସନକୁ ମିଳିଛି ବିଦେଶରୁ ଶୁଭେଚ୍ଛା ବାର୍ତା। ସୁଦୂର ଦକ୍ଷିଣ ଆଫ୍ରିକାର ବାସ କରୁଥିବା ଜିମ୍ବାୱେର ବାସିନ୍ଦା ଏଲେକ ସୋସିଆଲ ମିଡ଼ିଆରେ ମହାବୀର ସଂଗଠନ କାର୍ଯ୍ୟକ୍ରମକୁ ଦେଖି ଭିଡ଼ିଓ ବାର୍ତାରେ ଶୁଭେଚ୍ଛା ଜଣାଇଛନ୍ତି। ଆଜି ସଂଗଠନ ପ୍ରତିଷ୍ଠାତା ବିଦ୍ୟାଧର ବାରିକଙ୍କ ନେତୃତ୍ୱରେ ଡାହାଣୀମରାଲୋକଙ୍କ ପାଖରେ ପହଂଚି ସୁଖ ଦୁଃଖ ବୁଝିବା ସହ ରନ୍ଧା ଖାଦ୍ୟ ବଂଟନ କରିଛନ୍ତି। ଆଗାମୀ ଦିନରେ ଅସହାୟ, ଅବହେଳିତ ଓ ନିଷ୍ପେସିତ ଲୋକଙ୍କ ପାଇଁ ସମସ୍ତ ପ୍ରକାରର ସାହାଯ୍ୟ ଓ ସହଯୋଗ ସଂଗଠନ ପକ୍ଷରୁ ନିଆଯିବ ବୋଲି କହିଛନ୍ତି ପ୍ରତିଷ୍ଠାତା। ଅନୁଷ୍ଠାନ ପକ୍ଷରୁ ପ୍ରତିଷ୍ଠାତା ବିଦ୍ୟାଧର ବାରିକ, ମୁଖ୍ୟ ଉପଦେଷ୍ଟା ଗଙ୍ଗାଧର ବାରିକ, ସଭାପତି ବିଶ୍ୱସୁନ୍ଦର ବାରିକ, ସମ୍ପାଦକ ସରୋଜ ବାରିକ, ରମେଶ ଚନ୍ଦ୍ର ଦାସ, ସୁଦର୍ଶନ ପାତ୍ର, ସଦସ୍ୟ ସୁବଳ ବାରିକ, ପ୍ରମଜ୍ୟୋତି ବେହେରା, ପ୍ରଦୀପ ମଲ୍ଲିକ, ଜଗନ୍ନାଥ ବାରିକ, ସୁମନ୍ତ ମଲ୍ଲିକ, ସଂଗ୍ରାମ ବାରିକ, ପ୍ରଭାତ କୁମାର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲାପାଳଙ୍କ ଦ୍ୱାରା ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ଉପକରଣ ବଣ୍ଟନ



ବାରିପଦା,୧୨/୦୮ (ନି.ପ୍ର): ସମଗ୍ର ଶିକ୍ଷା ମୟୁରଭଞ୍ଜ ଓ ରାଷ୍ଟ୍ରୀୟ ବୌଦ୍ଧିକ ଦିବ୍ୟାଙ୍ଗନ ସଶକ୍ତିକରଣ ସଂସ୍ଥା, ସିକନ୍ଦରାବାଦ ମିଳିତ ଆନୁକୂଲ୍ୟରେ ଦୁଇଦିନିଆ ଉପକରଣ ବଣ୍ଟନ ଶିବିର ଉଦଘାଟିତ ହୋଇଯାଇଛି। ଜିଲ୍ଲା ଭିନ୍ନକ୍ଷମ ଓ ଗଣମାଧ୍ୟମ ସଂଯୋଜକ ଶ୍ରୀ ନିରଞ୍ଜନ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉଦଘାଟନି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ମୁଖ୍ୟ ଅତିଥୀ ଭାବେ ଯୋଗଦାନ କରିଥିବା ବେଳେ, ଜିଲ୍ଲା ଶିକ୍ଷା ଅଧିକାରୀ ତଥା ସମଗ୍ର ଶିକ୍ଷା ମୟୁରଭଞ୍ଜର ଜିଲ୍ଲା ପ୍ରକଳ୍ପ ସଂଯୋଜକ ପ୍ରଦୋଷ କୁମାର ନାୟକ, ରାଷ୍ଟ୍ରୀୟ ବୌଦ୍ଧିକ ଦିବ୍ୟାଙ୍ଗନ ସଶକ୍ତିକରଣ ସଂସ୍ଥା କୋଲକତା କ୍ଷେତ୍ରୀୟ କେନ୍ଦ୍ରର ସ୍ୱତନ୍ତ୍ର ଶିକ୍ଷାର ଅଧ୍ୟାପକ ପ୍ରେମ କୁମାର ଓ ପରିମଳ ବେରା ଅତିଥୀ ଭାବରେ ଯୋଗ ଦେଇଥିଲେ। ଉଦଘାଟନୀ ଉତ୍ସବରେ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ଉପକରଣ ବଣ୍ଟନ କରିବା ସହିତ ସେଗୁଡିକର ଯତ୍ନ ଓ ବ୍ୟବହାର ସମ୍ପର୍କରେ ସଚେତନ ରହିବା ସହିତ ଏଗୁଡିକ ଯେପରି ଭାବରେ ଶିକ୍ଷା କ୍ଷେତ୍ରରେ ବ୍ୟବହାର କରି ସେମାନଙ୍କର ଶିକ୍ଷାକୁ ଆଗକୁ ବଢାଇବେ ସେଥିପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ତଥା ସମଗ୍ର ଶିକ୍ଷା, ମୟୂରଭଞ୍ଜର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀଯୁକ୍ତ ପ୍ରଦୋଷ କୁମାର ନାୟକ ସମଗ୍ର ଶିକ୍ଷା ତରଫରୁ ଭିନ୍ନକ୍ଷମ ପିଲା ମାନଙ୍କୁ ଦିଆଯାଉଥିବା ବିଭିନ୍ନ ଆର୍ଥିକ ସହାୟତା ଉପରେ ଆଲୋଚନା କରିଥିଲେ। ଏହି ଉପକରଣ ଗୁଡିକ ରାଷ୍ଟ୍ରୀୟ ବୌଦ୍ଧିକ ଦିବ୍ୟାଙ୍ଗନ ସଶକ୍ତିକରଣ ସଂସ୍ଥା, ସିକନ୍ଦରାବାଦ ଦ୍ୱାରା ବିନା ମୂଲ୍ୟରେ ପିଲାମାନଙ୍କୁ ପ୍ରଦାନ କରାଯାଇଅଛି। ମୟୁରଭଞ୍ଜ ଜିଲ୍ଲାରେ ବିଭିନ୍ନ ସାଧାରଣ ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରୁଥିବା ୬୪ ଜଣ ବୌଦ୍ଧିକ ଅସାମର୍ଥତା ପିଲାଙ୍କୁ ଶିକ୍ଷା ଉପକରଣ ଓ ୩୩ ଜଣ ମସ୍ତିଷ୍କ ପକ୍ଷାଘାତ ଥିବା ଛାତ୍ରଛାତ୍ରୀଙ୍କୁ ଦୁଇଦିନ ଧରି ସହାୟକ ଉପକରଣ ବଣ୍ଟନ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମଗ୍ର ଶିକ୍ଷାର ସମସ୍ତ ବି.ଆର.ଟି ଯୋଗଦାନ କରିଥିଲେ। ଶେଷରେ ଶ୍ରୀ ପ୍ରଦୀପ କୁମାର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶ୍ରୀମତୀ ରେଖାରଣୀ ଦାସ, ସୋନାଲିକା ନାୟକ ଓ ବିରେନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଆବାସ ଯୋଜନାରେ ସାମିଲ ପାଇଁ ଜିଲ୍ଲାପାଳଙ୍କୁ ଭେଟିଲେ ୨୦ରୁ ଉର୍ଦ୍ଧ୍ୱ ପରିବାର

ଖୋର୍ଦ୍ଧା,୧୩/୮ (ନି.ପ୍ର): ବର୍ଷ ବର୍ଷ ଧରି ଚାଳ ଛପର ଘରେ ଚଳି ଆସୁଛନ୍ତି ପାଖ ପାଖି ୨୦ରୁ ଉର୍ଦ୍ଧ ପରିବାର। ଏଭଳି ଘଟଣା ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ୍ ଅନ୍ତର୍ଗତ ବଉଳାବନ୍ଧ ପଂଚାୟତରେ। ଯେଉଁଠି ଆଜି ଯାଏ ପହଂଚି ପାରୁନି ସରକାରଙ୍କର ଅନେକ ଯୋଜନା। ଗତ ଫୋନୀ, ହୁଡ ହୁଡ଼,ଭଳି ବାତ୍ୟା ଚାଲିଯାଇଥିଲେ ମଧ ଏମାନଙ୍କୁ ଆଜି ପର୍ଯ୍ୟନ୍ତ ମିଳିପାରିଲାନି ସରକାରଙ୍କର ଆବାସ ଘର ଖଣ୍ଡିଏ। ସ୍ଥାନୀୟ ବାସିନ୍ଦା ବାରମ୍ବାର ଗ୍ରାମର ସରପଂଚକୁ ଜଣାଇବା ପରେ ସରପଂଚ ମଧ ସେମାନଙ୍କ ସମସ୍ୟାର ଦୂରୀକରଣ ପାଇଁ ବ୍ଲକ୍ ପ୍ରଶାସନ ପାଖରେ ଜଣାଇଥିଲେ। ହେଲେ କିଛି ସୁଫଳ ମିଳିପାରିନଥିଲା। ତେଣୁ ପରବର୍ତୀ ସମୟରେ ସେ ବାଧ ହୋଇ ସମସ୍ତ ଗ୍ରାମବାସୀ ମାନଙ୍କର ସମସ୍ୟାକୁ ଦୂର ପାଇଁ ଜିଲ୍ଲାପାଳଙ୍କ ଅଫିସକୁ ଯିବାପାଇଁ ଅଂଟା ଭିଡିଥିଲେ। ପରେ ନିଜର ସେଇ ୨୨ ପରିବାରର ସମସ୍ୟାକୁ ନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏପରିକି ଉକ୍ତ ପରିବାର କିପରି ଭାବେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯିବ ସେନେଇ ସରପଂଚ ନିଜେ ପ୍ରଶାସନ ବିରୋଧ ରେ ଲଢ଼େଇ ଆରମ୍ଭ କରିଦେଇଛନ୍ତି। ତେବେ ସରପଂଚ ନିଜେ ଅଭିଯୋଗକାରୀଙ୍କ ସହିତ ମିଶି ଜିଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ତାଙ୍କର ଏପରି କାର୍ଯ୍ୟ ଦେଖି ଗ୍ରାମବାସୀ ଅତ୍ୟନ୍ତ ପ୍ରଶଂସା କରିବା ସହିତ ସରପଂଚ ଦେବାଶିଷ ରଥଙ୍କୁ ବୁଦ୍ଧିଜୀବୀ ମହଲରେ ଅନେକ ପ୍ରଶଂସା ମିଳିଛି। ଦେଖିବାକୁ ବାକି ରହିଲା ଯେ କେବେ ପ୍ରଶାସନ ଶୁଣୁଛି ୨୦ରୁ ଉର୍ଦ୍ଧ ପରିବାରଙ୍କ ଗୁହାରୀ।

# ଦୁଇ ମାସ ହେଲା ଖୋଲୁନି ଉପନିୟୋଜନ କାର୍ଯ୍ୟାଳୟ

ଜଳେଶ୍ୱର,୧୩/୮ (ନି.ପ୍ର): ଡିଗ୍ରୀଧାରୀ ଛାତ୍ରଛାତ୍ରୀଙ୍କୁ ଚାକିରୀ ଯୋଗାଇ ଦେବାଲାଗି ଉତ୍ତର ବାଲେଶ୍ୱରର ୨ଟି ବ୍ଲକ ଭୋଗରାଇ ଓ ଜଳେଶ୍ୱର କୁ ନେଇ ଜଳେଶ୍ୱର ଠାରେ ଏକ ଉପନିୟୋଜନ କାର୍ଯ୍ୟାଳୟ ରହିଥିଲା। ଡିଗ୍ରୀଧାରୀ ମାନେ ଏହି କାର୍ଯ୍ୟାଳୟରେ ସେମାନଙ୍କ ନାମ ପଂଜିକରଣ କରିଥାନ୍ତି। ପୁଣି ସରକାରଙ୍କ ନିୟମ ଅନୁଯାୟୀ ପ୍ରତି ୩ ବର୍ଷକୁ ପୁନଃ ପଂଜିକରଣ କରାଯାଇଥାଏ। ପରବର୍ତ୍ତୀ ସମୟରେ ସପ୍ତାହକୁ ୨ଦିନ ଓ ଏବେ ସପ୍ତାହକୁ ୧ ଦିନ ଖୋଲାଯିବାର ନିୟମ କରାଯାଇଥିବା ବେଳେ ଆଜକୁ ୨ମାସ ହେଲା ଆଦୌ ଖୋଲା ଯାଉନଥିବା ଦେଖିବାକୁ ମିଳିଛି। ଭୋଗରାଇ ଓ ଜଳେଶ୍ୱର ବ୍ଲକର ଦୂରଦୂରାନ୍ତରୁ ଛାତ୍ରଛାତ୍ରୀମାନେ ସପ୍ତାହର ସୋମବାର ଦିନ ଆସି ଘଣ୍ଟା ଘଣ୍ଟା ଭଡାଘରେ ଚାଲୁଥିବା ଅଫିସ୍ ବାରଣ୍ଡାରେ ବସି ଫେରୁଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଆଇନ୍‌ଜିବୀ ଗଣେଶଚନ୍ଦ୍ର ମାଇତି ମୁଖ୍ୟମନ୍ତ୍ରୀ, ନିୟୋଜନ ବିଭାଗର ନିର୍ଦ୍ଦେଶକ, ଜିଲାପାଳ, ସାଧାରଣ ପ୍ରଶାସନ ବିଭାଗ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ଜିଲା ନିୟୋଜନ କାର୍ଯ୍ୟାଳୟର ମୁଖ୍ୟ ନିମାଇଁ ଚରଣ ମହାନ୍ତିଙ୍କୁ ପଚାରିବାରୁ ଆବଶ୍ୟକ କର୍ମଚାରୀ ନ ଥିବା ଏବଂ ଜଣେ କୋଭିଡ୍ ଆକ୍ରାନ୍ତ ହୋଇଥିବାରୁ କାର୍ଯ୍ୟାଳୟ ଖୋଲିବା ଅସମ୍ଭବ ହୋଇ ପଡିଛି ବୋଲି କହିଥିଲେ।

**AFFIDAVIT**

By virtue of an affidavit Executive Magistrate Balasore prior to my marraige I was named as Shyamali Pradhan D/o Sarat Pradhan which has been mentioned in my postal policy. After my marriage my name has been changed from Shyamali Pradhan to Mitarani Nayak for all purpose. Shyamali Pradhan and Mitarani Nayak both are same and one person. Henceforth I shall be known as Mitarani Nayak for all purpose.

## ଚଣ୍ଡିଖୋଲ ମହାବିଦ୍ୟାଳୟର ୪୬ ତମ ପ୍ରତିଷ୍ଠା ଉତ୍ସବ, ୭୬ ଲକ୍ଷ ନିର୍ମିତ ପ୍ରେକ୍ଷାଳୟ ଉଦ୍‌ଘାଟିତ

ଧର୍ମଶାଳା,୧୩/୮ (ନି.ପ୍ର): ଯାଜପୁର ଜିଲା ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ମହାବିଦ୍ୟାଳୟର ୪୬ ତମ ପ୍ରତିଷ୍ଠା ଉତ୍ସବ ଗୁରୁବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ଅବସରପ୍ରାପ୍ତ ପ୍ରାଧାପକ ବିନାୟକ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ଉଦଘାଟକ ଭାବେ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ,ମୁଖ୍ୟ ଅତିଥି ବିଧାୟକ ଅମର ପ୍ରସାଦ ଶତପଥି ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ମହାବିଦ୍ୟାଳୟର ଅଧକ୍ଷ ଡ଼. ବୀରେନ୍ଦ୍ର କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧାପକ ସଲିଲ ରାଜନନ୍ଦନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ପୁରାତନ ଛାତ୍ର ସଂଘର ସଭାପତି ଅଧାପକ ପବିତ୍ର ମହଲା ଓ ସମ୍ପାଦକ ଦେବରାଜ ବେହେରା ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲାର ଏକ ପ୍ରମୁଖ ମହାବିଦ୍ୟାଳୟ ଭାବେ ଏହାର ସୁନାମ ରହିଅଛି। ଉତ୍କଳ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ଏବେ ଏହି କଲେଜ ପରିସରରେ ଚାଲୁଅଛି ଓ ଖୁବ ଶୀଘ୍ର ଏହା ତାର ସ୍ଥାୟୀ କ୍ୟାମ୍ପସକୁ ଯିବ ବୋଲି ମୁଖ୍ୟ ଅତିଥି ତାଙ୍କ ଭାଷଣରେ କହିଥିଲେ। ଦ୍ୱିତୀୟ କ୍ୟାମ୍ପସ ଦ୍ୱାରା ଏହି ମହାବିଦ୍ୟାଳୟର ସୁନାମ ସାରା ରାଜ୍ୟରେ ନାଁ କରିଛି ବୋଲି ବିଧାୟକ କହିଥିଲେ ଓ ସମସ୍ତେ ମିଶି ଏହାକୁ ଏକ ପ୍ରମୁଖ ମହାବିଦ୍ୟାଳୟରେ ପରିଣତ କରିବାକୁ ପ୍ରତିଷ୍ଠା ଦିବସରେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

# ଜଳେଶ୍ୱରରେ ଇଣ୍ଡୋର ଷ୍ଟାଡିୟମ ଲାଗି ୧୦ କୋଟି ମଂଜୁର: ବିଧାୟକ

ଜଳେଶ୍ୱର ,୧୩/୮ (ନି.ପ୍ର): ଛାତ୍ର ଓ ଯୁବ ଶକ୍ତିକୁ ଅଧିକ ସଶକ୍ତ କରିବା ଏବଂ ଖେଳୁଆଡ ମନୋଭାବ ସୃଷ୍ଟିଲାଗି ରାଜ୍ୟର ବିଭିନ୍ନ ସ୍ଥାନରେ ଷ୍ଟାଡିୟମର ବ୍ୟବସ୍ଥା କରିଛନ୍ତି ରାଜ୍ୟ ସରକାର। ବାଲେଶ୍ୱର ଜିଲାର ଜଳେଶ୍ୱର ବାସୀଙ୍କ ଦୀର୍ଘଦିନର ଦାବିକୁ ଗ୍ରହଣ କରି ଜଳେଶ୍ୱର ଠାରେ ବିଜୁପଟ୍ଟନାୟକ ଇଣ୍ଡୋର୍ ଷ୍ଟାଡିୟମ ଲାଗି କ୍ୟାବିନେଟ୍‌ରେ ଅନୁମୋଦନ ହୋଇଛି ଏବଂ ଏଥିଲାଗି ୧୦କୋଟି ଟଙ୍କା ମଞ୍ଜୁର ହୋଇଛି ବୋଲି ବିଧାୟକ ଅଶ୍ୱିନୀ ପାତ୍ର ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ୧୦ କୋଟି ଟଙ୍କା ମଂଜୁର କରିଥିବାରୁ ଜଳେଶ୍ୱର ବାସୀଙ୍କ ପକ୍ଷରୁ କୃତଜ୍ଞତା ଜଣାଇ ଏକ ଧନ୍ୟଉତ୍ସବ ଭଂଜକଲ୍ୟାଣମଣ୍ଡପ ରେ ଅନୁଷ୍ଠିତ ହୋଇ ଯାଇଛି। ଅନ୍ୟପକ୍ଷରେ ଯୁବଶକ୍ତିକୁ ଅଧିକ କ୍ରିୟାଶୀଳ କରିବା ସହିତ ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ସହିତ ଜଳେଶ୍ୱରର ସୁନାମ ଆଣିବାରେ ସହାୟକ ହେବାଲାଗି ବିଧାୟକ ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ଏଠାରେ ଭଲି, ବେଡ୍‌ମିଣ୍ଟନ, ଟେବୁଲଟେନିସ୍, ଜିମ୍ ଇତ୍ୟାଦିର ବ୍ୟବସ୍ଥା ରହିବ। ପ୍ରକାଶଯୋଗ୍ୟ ଶ୍ରୀ ପାତ୍ର ନିଜ ହାତପାଣ୍ଠି, ସ୍ୱତନ୍ତ୍ର ସମସ୍ୟା ପାଣ୍ଠି ଓ ପୌରପରିଷଦରୁ ୬୦ଲକ୍ଷ ଟଙ୍କା ମଂଜୁର କରିପାରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେଡି କାର୍ଯ୍ୟକାରୀ ସଦସ୍ୟ ପ୍ରତାପ ପ୍ରଧାନ, ସୁରଜିତ ଘୋଷ, ଗିତାଞ୍ଜଳି ସାମନ୍ତ, ଆନନ୍ଦ କର, ସୁରଜ ଚୌରାସୀଆ, ଅବଦୁଲ ରହିମ୍, ସତ୍ୟବତୀ ଗିରି, ଅର୍ଚ୍ଚନା ଗିରି, ଗୋବିନ୍ଦ ସାହୁ, ବିଜୟ କାମିଳା ପ୍ରମୁଖ ସହଯୋଗ କରିଥିଲେ ଓ ୩୦ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରେରିତ ସନ୍ଦେଶ ପତ୍ର ପ୍ରଦାନ କରାଯାଇଥିଲା।

## ବିବାହ ପୂର୍ବରୁ ପ୍ରସ୍ତୁତି

ବିବାହ ଦିନ ଝିଅମାନେ ସାଧାରଣତଃ ତାଙ୍କ ଡ୍ରେସ୍ ଓ ମେକଅପକୁ ନେଇ ବ୍ୟସ୍ତ ଥାଆନ୍ତି । ସମସ୍ତେ ଚାହାଁନ୍ତି ଅନ୍ୟମାନଙ୍କ ଅପେକ୍ଷା ସୁନ୍ଦର ଦେଖାଯିବା ପାଇଁ କିନ୍ତୁ କିଛି ଏପରି କଥା ଅଛି ଯାହା ସେମାନଙ୍କର ଜାଣିବା ଜରୁରୀ । ବିବାହର ୧୫ଦିନ ପୂର୍ବରୁ ସେ ମେକଅପ ବିଷୟରେ ବିଭିନ୍ନ କଥା ଜାଣିବା ଉଚିତ୍ । କାରଣ ଶେଷ ସମୟରେ ଆପଣ ଚିନ୍ତିତ ଯେପରି ନ ହୁଅନ୍ତି କିମ୍ବା କୌଣସି ପ୍ରଡକ୍ଟର ପ୍ରୟୋଗ ଦ୍ୱାରା ଆପଣ ଆଲର୍ଜିର ସମ୍ମୁଖୀନ ଯଦି ହେଲେ ତେବେ ତାହା ଠିକ୍ କରିବାକୁ ଆପଣଙ୍କୁ ସମୟ ମଧ ମିଳିଯିବ ।



ଆପଣଙ୍କ ହାତ ଓ ଗୋଡ଼ ସୁନ୍ଦର ଦେଖାଯିବା ପାଇଁ ପେଡ଼ିକ୍ୟୋର ଓ ମୈନୀକ୍ୟୋର କରିନିଅନ୍ତୁ ଯାହାଦ୍ୱାରା ମେହେନ୍ଦି ଲଗାଇବା ଦ୍ୱାରା ଆପଣ ସଦୁନ୍ଦର ଦେଖାଯିବେ ।

ବଡ଼ି ପଲିସିଙ୍ଗ, ଫେସିଆଲ, ବ୍ଲିଚ୍, ହେଡ୍ ମସାଜ, ହେୟାର ସ୍ପା ପରି ଟ୍ରିଟ୍‌ମେଣ୍ଟ କରି ନିଅନ୍ତୁ ।

ଖରାରେ ସପିଙ୍ଗ କରିବା ଦ୍ୱାରା ଆଖି ତଳେ କଳାଦାଗ ପଡ଼ିଯାଏ । ତାକୁ ଦୂର କରିବା ପାଇଁ ବଡ଼ି ପଲିସିଙ୍ଗ କରି ପାରିବେ କିମ୍ବା ଗୋଲ୍ଡ ଓ ମିନରାଲ ଫେସିଆଲ ମଧ ଏହା ପାଇଁ ବହୁତ ଭଲ ।

ନେଲଫୁଟ୍ ଓ ହ୍ୟାଣ୍ଡ ସ୍ପା ନିଶ୍ଚିତ କରନ୍ତୁ । ଏହାଦ୍ୱାରା ତ୍ୱଚା ଓ ନେଲସ ଚିକକଣ ହୋଇଯାଏ । ଫେସିଆଲ ବିବାହର ୨କିମ୍ବା ୩ଦିନ ପୂର୍ବରୁ କରେଇ ନିଅନ୍ତୁ ।

## ସାମାନ୍ୟ ସମସ୍ୟା ହୋଇପାରେ ଗମ୍ଭୀର ରୋଗର ଲକ୍ଷଣ

ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କର ସ୍ୱାସ୍ଥ୍ୟ ସମସ୍ୟା ଅଧିକ ଦେଖିବାକୁ ମିଳିଥାଏ । ଯାହାଦ୍ୱାରା ସେମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହନ୍ତି ନାହିଁ । ମହିଳାମାନଙ୍କ ଶରୀରରେ ଅନେକ ପରିବର୍ତ୍ତନ ଆସେ ସେଥିପାଇଁ ସେମାନଙ୍କର ସ୍ୱାସ୍ଥ୍ୟ ସମସ୍ୟାକୁ ଚିହ୍ନଟ କରିବା କଷ୍ଟକର ହୁଏ । ଅଧିକାଂଶ ମହିଳା ଗମ୍ଭୀର ଲକ୍ଷଣ ଅନୁଭବ କଲେ ଚିକିତ୍ସକଙ୍କ ପାଖକୁ ଯାଆନ୍ତି । କିନ୍ତୁ ଏହା ଠିକ୍ ଅଭ୍ୟାସ ନୁହେଁ । ଯଦି ଆପଣଙ୍କ ଶରୀରରେ କୌଣସି ପରିବର୍ତ୍ତନ ଦେଖୁଛନ୍ତି ତେବେ ଆପଣ ସଚେତନ ହେବା ଆବଶ୍ୟକ ।

**ପେଟ ଫୁଲିବା:**

ଅନେକ ମହିଳାମାନଙ୍କର ପିରିୟଡସ ସମୟରେ ପେଟ ଫୁଲିବା ସମସ୍ୟା ସାଧାରଣ କଥା । ଯଦି ଏହି ସମସ୍ୟା ଏକ କିମ୍ବା ଦୁଇ ସପ୍ତାହ ବା ତାଠାରୁ ଅଧିକ ସମୟ ପର୍ଯ୍ୟନ୍ତ ରହେ, ତେବେ ଏହା ବିପଦର ସଙ୍କେତ ବୋଲି ଭାବନ୍ତୁ । ଏହାର ଅର୍ଥ ଆପଣଙ୍କର ସ୍ୱାସ୍ଥ୍ୟର ସନ୍ତୁଳନ ଠିକ୍ ନାହିଁ । ଏହା ଏଣ୍ଡ୍ରୋମେଟ୍ରି ୟୋସିସ୍ ହୋଇପାରେ, ଏହା ଦ୍ୱାରା ପେଟ ଫୁଲିଯାଏ । ଏହାର ପ୍ରଭାବ ପ୍ରଜନନ କ୍ଷମତା ଉପରେ ମଧ ପଡ଼ିପାରେ ଓ ଗର୍ଭଧାରଣ କରିବାରେ ମଧ ସମସ୍ୟା ଦେଖାଦେଇପାରେ । ଯଦି ଏହା କ୍ରମାଗତ ଭାବରେ ରହେ ତେବେ ଟ୍ୟୁମର, ହାର୍ନିଆ, ଲିଭର ଇନ ଫେକସନ, ଓଭାରିଆଲ କ୍ୟାନସର ମଧ ହୋଇପାରେ ।



**ଥଣ୍ଡା, ଗରମ ଅଧିକ ଲାଗିବା:**

ଯଦି ଆପଣ ନିଜ ରୁମର ତାପମାତ୍ରାକୁ ସହଜ ଅନୁଭବ କରୁନାହାଁନ୍ତି, ତେବେ ଏହାର ଅର୍ଥ ଆପଣଙ୍କ ହର୍ମୋନ ଅସନ୍ତୁଳନ ଅବସ୍ଥାରେ ରହିଛି । ଏହାର ଏକ ମୁଖ୍ୟ କାରଣ ଏଷ୍ଟ୍ରୋଜନର ସ୍ତର ହୋଇପାରେ । ଏଷ୍ଟ୍ରୋଜନ ହର୍ମୋନ ମହିଳା ଓ ପୁରୁଷ ଦୁଇଜଣଙ୍କ ମଧରେ ଦେଖାଯାଏ । କିନ୍ତୁ ଏହା ମହିଳା ମାନଙ୍କ ମଧରେ ଅଧିକ ଥିବାର ଦେଖାଯାଏ । ଏହା ମହିଳାମାନଙ୍କ ଶାରିରୀକ ପରିବର୍ତ୍ତନ ପାଇଁ ମହତ୍ତ୍ୱପୂର୍ଣ୍ଣ ଅଟେ । ଏହି କାରଣ ପାଇଁ ଏହାକୁ ଫିମେଲ ଡେଭଲପମେଣ୍ଟ ହର୍ମୋନ ମଧ କୁହାଯାଏ । ଏଷ୍ଟ୍ରୋଜନ ହମୋନ ଆପଣଙ୍କ ଶରୀରର ତାପମାତ୍ରାକୁ ପ୍ରଭାବିତ କରେ ଏହାର ମାତ୍ରା ଯଦି କମ ହୁଏ ବା ଏହାର ସ୍ତରରେ ପରିବର୍ତ୍ତନ ହୁଏ ତେବେ ଆପଣ ଆପଣଙ୍କ ହାତ ଓ ଗୋଡ଼ ଥଣ୍ଡା ରହୁଥିବାର ଅନୁଭବ କରୁଥିବେ ।



**କେଶ ଝଡ଼ିବା:**

କେଶ ଝଡ଼ିବା ଟେଷ୍ଟୋଷ୍ଟେରାନ ହମୋନର ଲକ୍ଷଣ ମଧରୁ ଅନ୍ୟତମ । ଏହି ହର୍ମୋନ ସୁସ୍ଥ କେଶର ଉତ୍ପାଦନରେ ସାହାଯ୍ୟ କରେ । ଏହାର ଅସନ୍ତୁଳନ ଯୋଗୁଁ ଆପଣଙ୍କ କେଶ ଝଡ଼ିଯାଏ ଓ ପତଳା ହୋଇଯାଏ । ଏହି ହର୍ମୋନ ପୁରୁଷ ଓ ମହିଳା ଉଭୟଙ୍କ ମଧରେ ଥାଏ । ଟେଷ୍ଟୋଷ୍ଟେରାନ ମହିଳାମାନଙ୍କର ଓଭାରିରେ ବହୁତ କମ ମାତ୍ରାରେ ଥାଏ । ଏହା ଶରୀରରେ ଅଧିକ ମାତ୍ରାରେ ରହିବା ଦ୍ୱାରା ମହିଳାମାନଙ୍କର କେଶହାନି ହୁଏ ଓ କେଶ ପତଳା ହୋଇଯାଏ ଏହା ଦ୍ୱାରା ଓଜନ ବଢ଼ିଯାଏ, ଚେହେରା ଓ ଅନ୍ୟ ଅଙ୍ଗରେ କେଶ ମଧ ଦେଖାଯାଏ ।



## କୃଷି- ବିଜ୍ଞାନର ନୂଆ ପଦ୍ଧତି- 'ହାଇଡ୍ରୋପୋନିକ୍ସ'



ଅତ୍ୟାଧୁନିକ ଜ୍ଞାନ-କୌଶଳ ପ୍ରୟୋଗ ଦ୍ୱାରା ଭବିଷ୍ୟତରେ କୃଷିର ସୁରକ୍ଷା ଓ ବିକାଶ ପାଇଁ ନୂଆ ବାଟ ଦେଖାଇଛନ୍ତି ଚେନ୍ନାଇର ଶ୍ରୀରାମ ଗୋପାଳ । ଏକ ଛୋଟ ଉଦ୍ୟୋଗ ପ୍ରତିଷ୍ଠା କରି, 'ହାଇଡ୍ରୋପୋନିକ୍ସ' କୌଶଳରେ ସେ ଚାଷ କରୁଛନ୍ତି । ବିନା ମାଟି, ସାର, କୀଟନାଶକ ଓ ନବେ ପ୍ରତିଶତ କମ ଜଳରେ ଏହି ପଦ୍ଧତିରେ ଚାଷ ସମ୍ଭବ । ଏଥିରୁ ଅଧିକ ଉତ୍ପାଦନ ଓ ଲାଭ ମିଳିପାରିବ । ଏବେ ସେ ଉଦ୍ୟାନ କୃଷି ସାଙ୍ଗକୁ ବ୍ରାହ୍ମୀ, ପୁଦିନୀ, ତୁଳସୀ ଭଳି କିଛି ଔଷଧୀୟ ବୃକ୍ଷ ଚାଷ କରୁଥିବା ପ୍ରକାଶ । ଇଞ୍ଜିନିୟରିଂ ସ୍ନାତକ ଉତ୍ତୀର୍ଣ୍ଣ ଶ୍ରୀରାମ ପ୍ରଥମେ ନିଜସ୍ୱ ଉଦ୍ୟମ ଓ ସମ୍ବଳରେ ଗୋଟିଏ ସୂଚନା ପ୍ରଯୁକ୍ତିବିଦ୍ୟା କମ୍ପାନି ଗଢ଼ିଥିଲେ । ପରେ ତାହା ଛାଡ଼ିଥିଲେ । ୟୁ-ଟ୍ୟୁବରେ ପ୍ରସାରିତ 'ହାଇଡ୍ରୋପୋନିକ୍ସ' କୃଷି ବିଜ୍ଞାନର ପ୍ରଣାଳୀ ଦେଖିବା ପରେ, ଉତ୍ସାହିତ ହୋଇ ଏବେ ଚାଷ କରୁଛନ୍ତି । ସହରୀକରଣ ଓ ଶିଳ୍ପାୟନ ବୃଦ୍ଧି ତଥା ଭୂ- ତଳ ଜଳ ସ୍ତର କ୍ରମଶଃ କମୁଥିବାରୁ ଭବିଷ୍ୟତ ପାଇଁ 'ହାଇଡ୍ରୋପୋନିକ୍ସ' କୃଷି ପ୍ରଣାଳୀ ଏକ ନୂଆ ବିକଳ୍ପ । ଘର ଛାତରେ, କମ୍ ଜାଗାରେ ମଧ୍ୟ ଏହି ଉପାୟରେ ଚାଷ କରିହେବ ।

## ଔଷଧୀୟ କଇଁଥ



କଇଁଥ ଗଛ ବେଶ୍ ବଡ଼ ବଡ଼ ହୋଇଥାଏ। ଏହାର ପତ୍ର ଏକ ଯୌଗିକ ପତ୍ର। ଲମ୍ବାଳିଆ ଡେମ୍ଫ ଆଗରେ ଛୋଟ ଛୋଟ ପତ୍ରଖଣ୍ଡ ଏକ ବିନ୍ଦୁରେ ଏକତ୍ରିତ ହୋଇ ରହିଥାଏ। ପାଚିଲା କଇଁଥରେ ଥିବା ଶସ ବେଶ୍ ଖଟା ଏବଂ ସୁବାସିତ। କଇଥ ଫଳର ଶସରେ ଚଟଣି ଇତ୍ୟାଦି ତିଆରି କରି ଲୋକେ ଖାଆନ୍ତି। ଏହାଦ୍ୱାରା ମଧ୍ୟ ବିଭିନ୍ନ ପ୍ରକାର ରୋଗ ଦୂର ହୋଇଥାଏ।

**ବ୍ୟବହୃତ ପ୍ରଣାଳୀ-**

**ଅର୍ଶ:** ଅର୍ଶ ରୋଗୀର ଝାଡ଼ା ହେଲେ ସମପରିମାଣର କଞ୍ଚା କଇଁଥ ଓ କଞ୍ଚା ବେଲର ରସକୁ ପାଣିରେ ଗୋଳାଇ ଛାଣି ସରବତ ଆକାରରେ ଦେଲେ ଅର୍ଶ ରୋଗ ଖୁବ୍ ଶୀଘ୍ର ଭଲ ହୁଏ। ଅଥବା ଉକ୍ତ ରସ ସହିତ ଛେଳିମାଂସର ସୁପ୍ ମିଶାଇ ରୋଗୀକୁ ଦେଲେ ରୋଗି ଆରୋଗ୍ୟ ଲାଭ କରେ।

**ହିକ୍କା:** କଞ୍ଚା କଇଁଥ ରସ ୧ କପ୍, ମହୁ ୧/୨ ଚାମଚ ଏବଂ ପିପ୍ପଳୀ ଚୂର୍ଣ୍ଣ ୧/୨ ଚାମଚ ମିଶାଇ ରୋଗୀକୁ ପାନ କରିବାକୁ ଦେଲେ ରୋଗୀ ଅତି ଶୀଘ୍ର ଉପଶମ ପାଏ।

**ରକ୍ତପିତ୍ତ:** କ୍ଷୀରକୋଳି ଓ କଇଁଥ ପତ୍ର(ପ୍ରତ୍ୟେକରୁ ୪, ୫ ଗ୍ରାମ୍)କୁ ବାଟି ଘିଅରେ ଭାଜି ଖାଇଲେ ଅଳ୍ପ ଦିନ ଭିତରେ ରକ୍ତପିତ୍ତ ନିବାରିତ ହୁଏ ଏବଂ ବାତପିତ୍ତ ଦୂର ହୁଏ। ଏହା ସକଳ ପ୍ରକାର ରକ୍ତପିତ୍ତ ରୋଗପାଇଁ ହିତକର।

**ବାନ୍ତି:** କଇଁଥ ରସ ୧ କପ୍, ପିପ୍ପଳୀ ଚୂର୍ଣ୍ଣ ୧ ଚାମଚ ଓ ମହୁ ୨,୩ ଚାମଚ ଏକତ୍ର ସେବନ କଲେ ଅବିଳମ୍ବେ ବାନ୍ତି ବନ୍ଦ ହୁଏ।

**ଶ୍ୱାସ:** ପ୍ରତିଦିନ କଇଥ ରସ ୧/୨ ଗ୍ଲାସ କରି ପାନ କଲେ ଅଳ୍ପ ଦିନ ମଧ୍ୟରେ ପ୍ରାରମ୍ଭ ଶ୍ୱାସରୋଗ ଦୂର ହୁଏ।

## ସ୍ମାର୍ଟଫୋନ ସ୍କ୍ରିନ ସ୍କ୍ରାଚ ହୋଇଛି କି?

ଯଦି ସ୍କ୍ରାଚ ହାଲକା ତ ସ୍କ୍ରିନ ଗାର୍ଡ଼ ବଦଳାଇବା ଅପେକ୍ଷା ଏହାକୁ ଟୁଥ୍‌ପେଷ୍ଟର ସାହାରା ନେଇ କ୍ଲିୟର କରାଯାଇପାରେ। ଅଳ୍ପ କିଛି ଟୁଥ୍‌ପେଷ୍ଟ ନେଇ ସ୍କ୍ରିନରେ ଲଗାନ୍ତୁ। ଏହାପରେ ନରମ କପଡ଼ାରେ ସ୍କ୍ରିନକୁ ପୋଛନ୍ତୁ। ସ୍କ୍ରିନରେ ହାଲକା ଦାଗ ଚାଲିଯିବ। ବେକିଙ୍ଗ ସୋଡ଼ା ବ୍ୟବହାର ମଧ କରିପାରନ୍ତି। ବେକିଙ୍ଗ ସୋଡ଼ାରେ କିଛି ପାଣି ମିଶାଇ ପେଷ୍ଟ ପ୍ରସ୍ତୁତ କରି ଏକ ହାଲକା କପଡ଼ାରେ ସ୍କ୍ରିନ ସ୍କ୍ରାଚ ହୋଇଥିବା ସ୍ଥାନରେ ଗୋଲ ଗୋଲ କରି ଧିରେ ଧିରେ ଘଷନ୍ତୁ। ଟିକେ ଟାଇମ ଲାଗିବ କିନ୍ତୁ ଏଭଳି ପ୍ରୋସେସ୍ ଦୁଇତିନିଥର କରନ୍ତୁ। ଏହାପରେ ସ୍କ୍ରିନକୁ ହାଲକା କପଡ଼ାରେ ପୋଛିଦିଅନ୍ତୁ, ଦେଖିବେ ସ୍କ୍ରିନ ସଫା ହୋଇଯାଇଥିବ। ଏହା ବାଦ ଭେଜିଟେବଲ ଅଏଲ ଏବଂ ଭେସଲିନର ସାହାଯ୍ୟ ନେଇ ମଧ ଏହାକୁ ସଫା କରାଯାଇପାରେ।



## ଜ୍ୟାକଲିନଙ୍କ ଫିଟନେସ୍ ଫଣ୍ଡା

ଫିଟ୍‌ନେସକୁ ନେଇ ବେଶ୍ ସଜାଗ ତଥା ଉତ୍ସାହିତ ରହୁଥିବା ଜ୍ୟାକଲିନ ଫର୍ଣ୍ଣାଣ୍ଡିଜ ନିକଟରେ ନୂଆଦିଲ୍ଲୀରେ ସେଲିବ୍ରିଟି ଯୋଗ ପ୍ରଶିକ୍ଷକ ଅଂଶୁକା ପରୱାନୀଙ୍କ ସହ ମିଶି ଏକ ଯୋଗଶିବିରର ଅଂଶ ସାଜିଥିଲେ । ଜ୍ୟାକଲିନ ଫିଟ୍ ରହିବାକୁ ନିୟମିତ ରୂପେ ଯୋଗ କରିଥାନ୍ତି । ମୁମ୍ବାଇରେ ରହୁଥିବା ଅଂଶୁକା କହିଛନ୍ତି, ଜ୍ୟାକଲିନ୍ ତାଙ୍କର ପ୍ରିୟ ଯୋଗ ଛାତ୍ରୀ । ଏଭଳି ଏକ ବିରାଟ ଯୋଗ ଶିବିରରେ ଜ୍ୟାକଲିନ ତାଙ୍କ ସାଥ ଦେଇଥିବାରୁ ସେ ବେଶ ଖୁସି ଥିଲେ । ଯୋଗ ବିଷୟରେ ଜ୍ୟାକଲିନଙ୍କ ଧାରଣା ସମସ୍ତଙ୍କଠୁ ଭିନ୍ନ । ସେ କୁହନ୍ତି, ଜିମ ଯିବା ପରିବର୍ତ୍ତେ ଯୋଗ କରିବାକୁ ସେ ବେଶ୍ ପସନ୍ଦ କରନ୍ତି । ପ୍ରତିଦିନ ପ୍ରାୟ ଏକ ଘଣ୍ଟା ପର୍ଯ୍ୟନ୍ତ ସେ ଯୋଗ କରିଥାନ୍ତି । ଏହି ଅବସରରେ ପ୍ରତିଦିନ ୧୦୮ ଥର ସୂର୍ଯ୍ୟ ନମସ୍କାର କରିବାକୁ ଭୁଲନ୍ତି ନାହିଁ । ଅଭିନୟ ଜଗତରେ ପାଦ ଦେବା ପୂର୍ବରୁ ଜ୍ୟାକଲିନ ବେଶ ଭାବୁକ ଥିଲେ । କାରଣ ଏ ଇଣ୍ଡଷ୍ଟ୍ରିରେ ଯେତେ ଫିଟ୍ ରହିବ ସେତେ ଭଲ ଫିଲ୍ମ ଏବଂ ଚରିତ୍ର ମିଳିବ ବୋଲି ସେ ଜାଣିଥିଲେ । ଏଣୁ ଏ କ୍ଷେତ୍ରରେ ନିଜେ ହିଁ ନିଜ ରୋଲ ମଡେଲ ସାଜି ଆଗକୁ ପାଦ ବଢ଼ାଇଥିଲେ ଫିଟ୍‌ନେସକୁ ନେଇ ସେ କେବେ ବି ହେଳା କରନ୍ତି ନାହିଁ । ସବୁବେଳେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ଥାନ୍ତି । ଏହି ସରଳ ଉପାୟ ହିଁ ଆଜି ତାଙ୍କୁ ବଲିଉଡ୍ ଇଣ୍ଡଷ୍ଟ୍ରିରେ ବେଶ୍ ପରିଚିତ କରାଇପାରିଛି ।





## ରୋଷେଇ ଘର ଟିପ୍ସ

**ଆଜିର ସମୟରେ କେବଳ ମହିଳାମାନେ ନୁହେଁ, ବରଂ ପୁରୁଷମାନେ ମଧ ରୋଷେଇ କରିବାରେ ରୁଚି ରଖୁଛନ୍ତି । ଏ ବାବଦରେ ନାମୀ ସେଫ ସଞ୍ଜୀବ କପୁରଙ୍କ ମତ ଏଭଳି କୌଣସି ନିୟମ ନାହିଁ । ଯେ ମହିଳା ହିଁ ରୋଷେଇ କରିବେ । ଏଣୁ ଏ କ୍ଷେତ୍ରରେ ବର୍ତ୍ତମାନ ଉଭୟ ପୁରୁଷ ଓ ମହିଳା ଆଗେଇଥିବାର ଦେଖାଯାଉଛି । ଭଲ ରାନ୍ଧଣା ନିମନ୍ତେ ସେଫ୍ କେତୋଟି ଟିପ୍ସ ଦେଇଛନ୍ତି ।**

- ପରଟାକୁ ଅଧିକ ସୁଆଦିଆ କରିବାକୁ ଚାହୁଁଥିଲେ ଅଟା ଚକଟିବା ସମୟରେ ଅଳ୍ପ ସିଝା ଆଳୁ ମିଶାଇ ଦିଅନ୍ତୁ। ଗରମଗରମ ଏଇ ପରଟା ଖାଇଲେ ତାର ସ୍ୱାଦ ଭଲ ହୋଇଥାଏ ।
- କୌଣସି ଏକ ତରକାରିକୁ ଗାଢ଼ା କରିବାକୁ ଚାହୁଁଥିଲେ, ସେଥିରେ ଅଳ୍ପ ବେସନ ମିଶା ପାଣି ମିଶାଇ ରାନ୍ଧନ୍ତୁ । ତରକାରି ସ୍ୱାଦିଷ୍ଟ ଲାଗିବା ସହ ଗାଢ଼ା ହୁଏ ।
- ପକୁଡ଼ି ତିଆରି କରିବା ପୂର୍ବରୁ ସାମାନ୍ୟ ଉଷୁମ ତେଲ ବେସନ ଘୋଳରେ ମିଶାଇ ପ୍ରସ୍ତୁତ କଲେ, ପକୁଡ଼ି କୁରୁକୁରିଆ ହୋଇଥାଏ ।
- ଭେଣ୍ଡି ଭଜାକୁ ଅଧିକ ସମୟତାଜା ରଖିବାକୁ ଚାହୁଥିଲେ, ରୋଷେଇ ପୂର୍ବରୁ ଭେଣ୍ଡିରେ ଅଳ୍ପ ସୋରିଷ ତଲେ ଲଗାଇଥ ରଖନ୍ତୁ ।
- ଦହିରେ ଜିରା- ହେଙ୍ଗୁ ଗୁର୍ଡ ଭଜା ମିଶାଇ ଖାଇବା ପରିବର୍ତ୍ତେ ଜିରା-ଗୁଣ୍ଡର ଛୁଙ୍କ ଲଗାଇ ଖାଆନ୍ତୁ। ସ୍ୱାଦ ଖୁବ ଭଲ ଆସିଥାଏ ।
- ରାଜମା କିମ୍ବା ହରଡ଼ ଡାଲି ସିଝାଉଥିବା ସମୟରେ ଲୁଣ ମିଶାନ୍ତୁ ନାହିଁ । ବରଂ ସିଝିଗଲା ପରେ ଲୁଣ ମିଶାନ୍ତୁ । ଏଇ ଉପାୟ କରିଲେ ଜାଣିପାରିବେ ଯେ ଡାଲି କେତେ ଶୀଘ୍ର ସିଝୁଛି ?
- ଅଟା ପୁରି ତିଆରି କରୁଥିଲେ ଚକଟିବା ସମୟରେ ଅଳ୍ପ ଚିନି ମିଶାନ୍ତୁ । ପୁରି ଭଲ ଭାବେ ଫୁଲିଥାଏ ।
- ଛେନା ଟାଣ ହୋଇଟାଇଥିଲେ ଏକ ସରଳ ଉପାୟ କରନ୍ତୁ । ନଖ ଉଷୁମ ପାଣିରେ ଅଳ୍ପ ଲୁଣ ମିଶାଇ ସେଥିରେ ଛେନା ୧୦-୧୨ ମିନିଟ ରଖନ୍ତୁ । ଦେଖିବେ ଛେନା ନରମ ହୋଇଯିବ ।
- ବିରିୟାନୀ କିମ୍ବା ପଲାଉ ପ୍ରସ୍ତୁତ କରୁଥିଲେ ଫୁଟା ପାଣିରେ ଲେମ୍ବୁ ଫାଳେ ଚିପୁଡ଼ି ଦିଅନ୍ତୁ । ଏଇ ଉପାୟରେ ପ୍ରସ୍ତୁତ ଭାତର ସ୍ୱାଦ ଖୁବ ଭଲଲାଗେ ।



## ଝାଳ ଦୁର୍ଗନ୍ଧ ହେବନି

ଖରାଦିନେ ଯେତେ ଭଲ ପୋଷାକ ପିନ୍ଧିଲେ ମଧ ଝାଳ ବାହାରି କିଛି ସମୟ ପରେ ଦୁର୍ଗନ୍ଧ ହେବା ଆରମ୍ଭ କରେ । ଏଥିରୁ ମୁକ୍ତି ପାଇବା ଲାଗି ସୂତା ପୋଷାକ ପିନ୍ଧନ୍ତୁ, ନିୟମିତ କ୍ଷୌର ହୁଅନ୍ତୁ, ଜଳୀୟଅଂଶ ଭରପୂର ଥିବା ଖାଦ୍ୟ ଯଥା- ତରଭୁଜ, ଅଙ୍ଗୁର, କାକୁଡ଼ି ଆଦି ଖାଇବା ସହ ଦିନକୁ ୨-୩ ଲିଟରୁ ଅଧିକ ପାଣି ପିଅନ୍ତୁ । ଅଧିକ ତେଲ-ମସଲାଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ । ଆଉ କେତେକ ଘରୋଇ ଉପଚାର ମଧ କରିପାରିବେ । ଶରୀରର ଯେଉଁ ଅଂଶରୁ ଅଧିକ ଝାଳ ବାହାରୁଥିବ ସେଠାରେ ଲେମ୍ବୁରସ ଘନ୍ତୁ । ଏଥିରେ ଥିବା ପ୍ରାକୃତିକ ଏସିଡ ତ୍ୱଚା ସଫା କରିବା ସହ ବ୍ୟାକ୍ଟେରିଆ ନଷ୍ଟ କରେ ଏବଂ ଶରୀରକୁ ଦୁର୍ଗନ୍ଧମୁକ୍ତ କରିଥାଏ । କାଖରୁ ବେଶୀ ଝାଳଗନ୍ଧ ହେଉଥିବାରୁ ଗାଧୋଇବା ପରେ ସେଠାରେ କାକୁଡ଼ି ଖଣ୍ଡ ଘଷନ୍ତୁ । ସେଥିରେ ଥିବା ଆଣ୍ଟିଅକ୍ସିହାଣ୍ଟ ଦୁର୍ଗନ୍ଧ ଦୂର କରିବ । ପ୍ରତିଦିନ ଗାଧୋଇବା ପୂର୍ବରୁ କାଖ ସହିତ ଅଧିକ ଝାଳ ବାହାରୁଥିବା ସ୍ଥାନରେ ଆପଲ ସାଇଡର ଭିନେଗାର ଲଗାଇ ଅଧଘଣ୍ଟା ରଖିବେ । ରାତିରେ ଶୋଇବା ବେଳକୁ ମଧ ଏହା କରିପାରନ୍ତି । ଝାଳ ଦୁର୍ଗନ୍ଧରୁ ଏହା ଦୂରେଇ ରଖିବ । ଅଧିକ ଝାଳ ବାହାରୁଥିବା ସ୍ଥାନରେ ତାଜା ଲେମ୍ବୁରସ ସହିତ ଅଳ୍ପ ବେକିଂସୋଡ଼ା ମିଶାଇ ଲଗାନ୍ତୁ । କିଛି ସମୟ ପରେ ଗାଧୋଇପଡ଼ିବେ । ଏହାଦ୍ୱାରା ଝାଳ ବୋହିବା କମ ହେବା ସହିତ ଦୁର୍ଗନ୍ଧ ବି ହେବନାହିଁ । ତେଜପତ୍ର ଶୁଖାଇ ଗୁଣ୍ଡ କରିଦିଅନ୍ତୁ । ଏହି ଗୁଣ୍ଡରୁ କିଛି କିଛି ନେଇ ପ୍ରତିଦିନ ସିଝାଇ ୨୪ଘଣ୍ଟା ପାଇଁ ରଖିଦେବେ । ଏହି ପାଣିରେ ଶରୀରର ଅଧିକ ଝାଳ ବାହାରୁଥିବା ଅଂଶ ଧୋଇଲେ ଦୁର୍ଗନ୍ଧ ସମସ୍ୟା ଦୂର ହୁଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଅଶାନ୍ତ କାବୁଲ...

ଆଫଗାନିସ୍ତାନ ପରିସ୍ଥିତି ପ୍ରତି ମୁହୂର୍ତ୍ତରେ ଜଟିଳରୁ ଅଧିକ ଜଟିଳ ହେବାରେ ଲାଗିଛି । ସେ ଦେଶରୁ ଆମେରିକା ତା'ର ସମସ୍ତ ସେନା ହଟାଇନାହିଁ ସତ, କିନ୍ତୁ ତାଲିବାନଙ୍କ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ୍ କରିସାରିଛି । ଏହାର ଫାଇଦା ଉଠାଇ ଚାଲିଛନ୍ତି ତାଲିବାନ ଗୋଷ୍ଠୀ । ଇତିମଧ୍ୟରେ ତାଲିବାନ ଉଗ୍ରବାଦୀ ଗୋଷ୍ଠୀ ଦେଶର ଦଶଟି କ୍ଷେତ୍ରୀୟ ରାଜଧାନୀକୁ ବଳପୂର୍ବକ ଅକ୍ତିଆର କରିସାରିଛନ୍ତି ଏବଂ ରାଷ୍ଟ୍ରୀୟ ରାଜଧାନୀ କାବୁଲ ଅଭିମୁଖେ ଅଗ୍ରସର ହେଉଛନ୍ତି । ଆକଳନ ଅନୁସାରେ, ମାତ୍ର ଦୁଇ ତିନି ମାସ ମଧ୍ୟରେ କାବୁଲ ସମେତ ସମଗ୍ର ଆଫଗାନିସ୍ତାନ ତାଲିବାନ କବଳକୁ ଚାଲିଯିବ । ତାଲିବାନ ଗୋଷ୍ଠୀ ଇତିମଧ୍ୟରେ କେତେକ ସରକାରୀ ସେନା ଛାଉଣିକୁ ମଧ୍ୟ କବଳିତ କରିସାରିଛନ୍ତି ଏବଂ ସେମାନଙ୍କ ହାତରେ ସମସ୍ତ ଅସ୍ତ୍ରଶସ୍ତ୍ର ପଡ଼ିଛି । ଏପରିକି ଆତ୍ମରକ୍ଷା ନିମନ୍ତେ ଆମେରିକା ସରକାର ଆଫଗାନ ସରକାରୀ ସେନାଙ୍କୁ ଯେଉଁ ଗୋଳାବାରୁଦ ଓ ଅସ୍ତ୍ରଶସ୍ତ୍ର ଦେଇଥିଲା ତାହା ନିଃଶେଷ ହେବାରେ ଲାଗିଛି କିମ୍ବା ତାହାକୁ ତାଲିବାନ ଉଗ୍ରବାଦୀମାନେ ନିଜ କବଳକୁ ନେଇଛନ୍ତି । ଭାରତ ପକ୍ଷରୁ ଯୋଗାଇ ଦିଆଯାଇଥିବା ଏମଆଇ-୨୪ ଲଢ଼ୁଆ ହେଲିକପ୍ଟରକୁ ମଧ୍ୟ ସେମାନେ ଅକ୍ତିଆର କରିଛନ୍ତି । ଏହା ସୂଚିତ କରେ ଯେ ମାର୍କିନ୍ ସେନା ସେ ଦେଶରୁ ସଂପୂର୍ଣ୍ଣ ରୂପେ ହଟିବା ପୂର୍ବରୁ ହିଁ ସେ ଦେଶ ପୁଣି ଥରେ ତାଲିବାନ ନିୟନ୍ତ୍ରଣକୁ ଚାଲିଯିବ । ଏହା କେବଳ ଆଫଗାନିସ୍ତାନର ସାଧାରଣ ନାଗରିକଙ୍କ ଆଶଙ୍କା ନୁହେଁ, ଏଭଳି ବାସ୍ତବତା ସମଗ୍ର ବିଶ୍ୱକୁ ଜଳଜଳ ହୋଇ ଦୃଶ୍ୟ ହେଉଛି । ତେଣୁ ସେ ଦେଶରେ ଏବେଠାରୁ ସଂପୂର୍ଣ୍ଣ ଅରାଜକତା ଆରମ୍ଭ ହୋଇସାରିଛି । ତାଲିବାନମାନଙ୍କୁ ରୋକିବାରେ ସରକାରୀ ସେନା ସଂପୂର୍ଣ୍ଣ ଅକ୍ଷମ । ଇତିମଧ୍ୟରେ ଯେଉଁ ଯେଉଁ ସ୍ଥାନରେ ଉଭୟ ପକ୍ଷଙ୍କ ମଧ୍ୟରେ ମୁକାବିଲା ହୋଇଛି ସେଠାରେ ତାଲିବାନ ଉଗ୍ରବାଦୀମାନେ ହିଁ ବିଜୟୀ ହୋଇଛନ୍ତି । ତେଣୁ ସରକାରୀ ସେନା ଏବଂ ସାଧାରଣ ନାଗରିକ ହଜାର ହଜାର ସଂଖ୍ୟାରେ ଉଜ୍‌ବେକିସ୍ତାନ ଓ ତାଜିକିସ୍ତାନ ମୁହାଁ ହୋଇଛନ୍ତି । ସରକାରୀ ଭାବେ କୁହାଯାଇଛି ଯେ କେବଳ ଜୁଲାଇ ମାସରେ ତାଲିବାନ ଉଗ୍ରବାଦୀଙ୍କ ସହ ଲଢ଼େଇରେ ପ୍ରାୟ ଏକ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି । ସେମାନଙ୍କ ଭିତରେ ସରକାର ସେନା ଓ ସାଧାରଣ ନାଗରିକ ସାମିଲ । ଯେଉଁସବୁ କ୍ଷେତ୍ରକୁ ଇତିମଧ୍ୟରେ ତାଲିବାନ ଗୋଷ୍ଠୀ ଅକ୍ତିଆର କରିଛନ୍ତି ସେଠାରେ ୨୦୦୧ ପୂର୍ବବର୍ତ୍ତୀ ତାଲିବାନୀ ଶାସନ ବ୍ୟବସ୍ଥା ଭଳି କଟକଣା ଜାରି କରାଯାଇଛି । ଏହାର ସର୍ବାଧିକ ଶିକାର ହୋଇଛନ୍ତି ମହିଳାମାନେ । ସେମାନଙ୍କୁ ପର୍ଦ୍ଦା ପ୍ରଥାଠାରୁ ଆରମ୍ଭ କରି ଶରୀରକୁ ସଂପୂର୍ଣ୍ଣ ଆବୃତ୍ତ କରିବା ଭଳି ପୋଷାକ ପରିଧାନ ଏବଂ ବାହାରକୁ ପାଦ ନବଢ଼ାଇବା ଓ ଶିକ୍ଷାନୁଷ୍ଠାନକୁ ନଯିବା ଭଳି କଟକଣା ଜାରି କରାଯାଇଛି । ଏହା ବିରୋଧରେ ସ୍ୱର ଉଠାଇବାକୁ ସେହି ସାହସ କୁଳାଇ ପାରୁନାହାନ୍ତି । ଏପରିକି ମାର୍କିନ ଏବଂ ମିଳିତ ସେନାଙ୍କୁ ସହାୟତା କରିଥିବା ଆଫଗାନ ନାଗରିକଙ୍କ ସୁରକ୍ଷା ପାଇଁ ମଧ୍ୟ ଏବଂ ଜୀବନ ମରଣ ସମସ୍ୟା ଦେଖାଦେଇଛି । ମିଳିତ ଜାତିସଂଘ ଠାରୁ ଆରମ୍ଭ କରି ବିଶ୍ୱର ସମସ୍ତ ରାଷ୍ଟ୍ର ଏବେ ଆଫଗାନିସ୍ତାନରେ ଘଟୁଥିବା ପରିବର୍ତ୍ତନ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ସତ, କିନ୍ତୁ କେହି ତୁଣ୍ଡ ଖୋଲୁନାହାଁନ୍ତି । ଇତିମଧ୍ୟରେ ଭାରତ ମଧ୍ୟ ସେ ଦେଶରେ ଥିବା ତା'ର ଶେଷ ଦୂତାବାସକୁ ବନ୍ଦ୍ କରିସାରିଛନ୍ତି । କେବଳ ଭାରତ ନୁହେଁ, ଅନ୍ୟ ରାଷ୍ଟ୍ରମାନେ ସୁଦ୍ଧା ଏହି ପନ୍ଥା ଆପଣାଇଛନ୍ତି । ଗୋଟିଏ ଦୃଷ୍ଟିରୁ ବିଚାର କଲେ ଆଫଗାନିସ୍ତାନ ପୁଣି ଥରେ ସେଇ ମଧ୍ୟଯୁଗୀୟ ଏକଛତ୍ରବାଦ ଆଡ଼କୁ ମୁହାଁଇଛି ଯାହା ଆଜକୁ ପ୍ରାୟ ଦୁଇ ଦଶନ୍ଧି ପୂର୍ବେ ସେଠାରେ ପ୍ରଚଳିତ ଥିଲା । ଏହା କେବଳ ସେ ଦେଶର ନୁହେଁ, ସାମଗ୍ରିକ ଭାବେ କ୍ଷେତ୍ରୀୟ ଶାନ୍ତି ଓ ବିଶ୍ୱ ଶାନ୍ତିକୁ ମଧ୍ୟ ବ୍ୟାହତ କରିବା ସୁନିଶ୍ଚିତ । ପୂର୍ବଥର ତାଲିବାନ ଶାସନକୁ ସାହାଯ୍ୟ ଓ ସହଯୋଗ ଦେବାରେ ପାକିସ୍ତାନ ହିଁ ଏକମାତ୍ର ପ୍ରମୁଖ ରାଷ୍ଟ୍ର ଥିଲା । ଯଦି ଇତିହାସର ପୁନରାବୃତ୍ତି ଘଟେ, ତେବେ ପାକିସ୍ତାନ ହିଁ ତାଲିବାନର ମୁଖା ସାଜିବ । ଏହା ମଧ୍ୟ ଏବେ ସ୍ପଷ୍ଟତର ହେବାରେ ଲାଗିଛି । କିନ୍ତୁ ଲକ୍ଷ୍ୟ କରିବା କଥା, ଗତଥର ଭଳି ଏଥର ପାକିସ୍ତାନ ଆଉ ଆମେରିକାର ସମର୍ଥନ ପାଇବନାହିଁ । ତେଣୁ ପରିବର୍ତ୍ତିତ ଆଫଗାନିସ୍ତାନର ଭବିଷ୍ୟତ କେଉଁ ଦିଗକୁ ମୁହାଁଉଛି ତାହା ଦେଖିବାକୁ ଅପେକ୍ଷା ।

## ଆମ ଗର୍ବ ଓ ଗୌରବର ପ୍ରତୀକ



ରଶ୍ମି ସାମଲ
ଭୁବନେଶ୍ୱର
(ମୋ)୯୪୩୭୧୧୫୮୬୫

ସ୍ୱାଧୀନତା ଦିବସ ଆମ ସ୍ୱାଧୀନ ରାଷ୍ଟ୍ରର ଗର୍ବ ଓ ଗୌରବର ପ୍ରତୀକ। ସ୍ୱାଧୀନତା ଶବ୍ଦଟି ସମସ୍ତଙ୍କ ପାଇଁ ସୁନ୍ଦର ଓ ସ୍ୱାଗତ ଯୋଗ୍ୟ। ପରାଧୀନତା ବହୁତ କଷ୍ଟ ଦାୟକ। ମନୁଷ୍ୟ ସ୍ୱାଧୀନ ଭାବରେ ଜନ୍ମ ଗ୍ରହଣ କରି ମୃତ୍ୟୁ ପର୍ଯ୍ୟନ୍ତ ସ୍ୱାଧୀନ ଭାବରେ ଜୀବନ ଧାରଣ କରିବାକୁ ଚାହେଁ। ଏହା ତାର ଜନ୍ମ ଗତ ଦାବି। ଏହି ସ୍ୱାଧିନତା ଯଦି କୌଣସି କାରଣରୁ ଚାଲିଯାଏ।ସେ ହୁଏ ପରାଧୀନ। ଅନ୍ତରାତ୍ମା ତାର ବିଜପି ଉଠେ ସେ ସ୍ୱାଧୀନତା ପାଇଁ ସଶସ୍ତ୍ର ସଂଗ୍ରାମ କରିବାକୁ ବାହାରି ପଡେ। ଆମ ଏହି ଭାରତ ଭୂମି ପବିତ୍ର ସମୃଦ୍ଧ ରତ୍ନଗର୍ଭା ଉଚ୍ଚ ସଂସ୍କୃତି ସମ୍ପନ ଏହାକୁ ସୁନାର ଭାରତ ବୋଲି କୁହାଯାଏ। ବୈଦେଶିକ ଶାସକ ମାନେ ସଦା ସର୍ବଦା ଏହା ଉପରେ ଲୋଲୁପ ଦୃଷ୍ଟି ପକାଇ ଆସିଛନ୍ତି। ଅତୀତରେ ବହୁବାର ଏ ମାତୃଭୂମି ସେମାନଙ୍କର ଅଧିକୃତ ହୋଇଛି।ମୋଗଲ ମାନେ ଏ ଦେଶକୁ ୧୫୨୬ ଖ୍ରୀଷ୍ଟାବ୍ଦରୁ ଦଖଲ କରି ଦିର୍ଘ ଦିନ ଧରି ଶାସନ କରିଛନ୍ତିଓ ଦମନ ଚଳାଇଛନ୍ତି।ସୁନା ରୁପା ହୀରା ଲୀଳା ମୋତି ମାଣିକ୍ୟ ଇତ୍ୟାଦି ଅମୂଲ୍ୟ ଧାତୁ ସବୁ ନିଜ ଦେଶକୁ ବୋହି ନେଇଛନ୍ତି।ତା ପରେ ଇଂରେଜ ମାନେ ବାଣିଜ୍ୟ କରିବା ନାଁରେ ଶାସନ ଚଳାଇଛନ୍ତି।ଏହି ପବିତ୍ର ସମୃଦ୍ଧ ଭୂମି ଯେତେବେଳେ ଗୋରା ଇଂରେଜ ସରକାରଙ୍କର କ୍ରୁର ଶାସନ କବଳରେ କବଳିତ ହୋଇଥିଲା। ଦେଶର ସମ୍ପଦ ବାଣିଜ୍ୟ ଦ୍ରବ୍ୟ ହରିଲୁଟ କରିଛନ୍ତି। ପ୍ରଜାମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିଛନ୍ତି।ପ୍ରତିବାଦରେ ଲାଠି ପ୍ରହାର ଗୁଳି ମାଡ଼ ଜେଲଦଣ୍ଡ ଫାଶୀ ଖୁଣ୍ଟରେ ଝୁଲିବାକୁ ପଡିଛି। ସେହି ଲୋମ ହର୍ଷଣ କାରୀ ଦିନ ର ମନରେ ବହ୍ନି ଜଳାଉଛି।ଏହା ସତ୍ତ୍ୱେ ଆମ ଦେଶର ସାହାସି ଦେଶପ୍ରେମୀ ମାନେ ମାତୃଭୂମିକୁ ଇଂରେଜ ଶାସନରୁ ମୁକ୍ତି କରାଇବା ପାଇଁ ବ୍ରିଟିଶ ଫରଜ ଆଗରେ ଠିଆ ହୋଇଛି।ବହୁ ମହାପୁରୁଷ ମାନଙ୍କ ବହୁତ ବର୍ଷର କଠିନ ପରିଶ୍ରମ ଦୃଢ ଆତ୍ମବଳ ଏବଂ ଅଦମ୍ୟ ସାହସର ପ୍ରତିବନ୍ଧକରେ ଆଜିର ଦିନ ଅର୍ଥାତ ଅଗଷ୍ଟ ପନ୍ଦର ୧୯୪୭ ରେ ଆମ ଦେଶ ସ୍ୱାଧୀନତା ପାଇଥିଲା।ସେହି ବିର ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ବଳିଦାନକୁ ସମ୍ମାନ ଦେବା ପାଇଁ ପ୍ରତିବର୍ଷ ଆମେ ଏହି ଦିବସ ପାଳନ କରିଥାଉ।ପ୍ରଥମେ ବିପ୍ଳବ ଆରମ୍ଭ ହୋଇଥିଲା ମଙ୍ଗଳ ପାଣ୍ଡେଙ୍କ ଠାରୁ।ଏହା ପରେ ସେ ବିପ୍ଳବ ଅଗ୍ନିଶମ ହୋଇ ଖେଳିଗଲା ସମଗ୍ର ଦେଶରେ।ଭଗତ ସିଂ ଖୁଦଦୀରାମ ଚନ୍ଦ୍ର ବୋଷ ଆଜାଦ ଙ୍କ ଭଳି କେତେ ଯୁବକ ଏହି ଅଗ୍ନିରେ ଲମ୍ଫ ପ୍ରଦାନ କରିଥିଲେ।ସେ ଅଗ୍ନିର ତାତି ବଢି ଚାଲିଲା କିନ୍ତୁ କମିଲାନି।ନେତାଜୀଙ୍କ ଦୃଢ ମନୋବଳ ଗାନ୍ଧିଜୀଙ୍କ ଅଂହିସା ନୀତି ବଳରେ ଆମ ଦେଶ ଶେଷରେ ସ୍ୱାଧୀନ ହେଲା। ସ୍ୱର୍ଗତ ପଣ୍ଡିତ ଜବାହରଲାଲ ନେହେରୁ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ କର୍ଣ୍ଣ ଧାର ଥିଲେ। ସତେ କି ସେମାନଙ୍କୁ ତଡିଦେବା ପାଇଁ ଆମ ଦେଶକୁ ସ୍ୱର୍ଣ୍ଣ ମୟ କରିବା ପାଇଁଏହି ଦୁର୍ଦ୍ଦିନ କୁ ଦୂର କରିବା ପାଇଁ ଜନ୍ମ ହୁଅନ୍ତି ବହୁ ମହାପୁରୁସ। ଦେଶ ପାଇଁ ପ୍ରାଣ ବଳି ଦେବାକୁ ପଛାଇନାହାନ୍ତି। ଏହି ସ୍ୱାଧୀନତା ଦିବସ ଗୋଟିଏ ସ୍ୱାଧୀନ ରାଷ୍ଟ୍ରର ପର୍ବ ଓ ଗୌରବର ଦିନ। ସ୍ୱାଧୀନତା ବିନା ସ୍ୱାଧୀନତା ଦିବସର କଳ୍ପନା କରାଯାଇ ପାରେ ନାହିଁ। ସୁତରାଂ ଯୁଗେ ଯୁଗେ ପରାଧୀନ ଜାତି ସ୍ୱାଧୀନତାର ସ୍ୱାଦ ଚାଖିବା ପାଇଁ ବିଦେଶୀ ଶକ୍ତି ବିରୋଧରେ ବହୁ ସଂଗ୍ରାମ କରିଛନ୍ତି ମହାନ ନେତା ମାନେ।ଇତିହାସ ଏହାର ସାକ୍ଷ ପ୍ରମାଣ ଦିଏ।ଯେଉଁ ସବୁ ମହାପୁରୁଷ ଙ୍କ ଲାଗି ଆମ ଦେଶ ଆଜି ସ୍ୱାଧୀନତାର ସ୍ୱାଦ ଚାଖିଛି ସେମାନେ ଗାନ୍ଧୀ, ନେହେରୁ, ସୁବାସ ବୋଷ, ଓ ଗୋପବନ୍ଧୁ ପରି ମହାନ ନେତାଙ୍କ ପରି ଅନେକଙ୍କ ବଳିଦାନ।ସ୍ୱାଧୀନତା ନିମିତ୍ତ ନିଜ ଜୀବନକୁ ବାଜି ଲଗାଇ ଏହାର ନେତୃତ୍ୱ ଦିଅନ୍ତି।ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ କରି ସହସ୍ର ଜନତା ସହିଦ ହୁଅନ୍ତି। ସେମାନଙ୍କର ସାଧନା ତ୍ୟାଗ ତିତିକ୍ଷାଓ ଆଦର୍ଶର ଅମର କାହାଣୀ ସ୍ମରଣ କରି ଉଦବୁଦ୍ଧ ହେବା ପାଇଁ ସ୍ୱାଧୀନତାର ସୁରକ୍ଷା ଓ ଜାତୀୟ ପତାକାର ଗୌରବ ବୃଦ୍ଧି ସମ୍ପର୍କରେ ଅବଗତ ହେବାକୁ ସ୍ୱାଧୀ ନତା ଦିବସ ସୁଯୋଗଏହିପରି ଭାରତୀୟ ମାନେ ଦୀର୍ଘ କାଳର ପରାଧୀନତାରୁ ମୁକ୍ତି ପାଇଁ ଇଂରେଜ ଶକ୍ତି ସହିତ ମୁକାବିଲା କରି ଯେଉଁ ଦିନ ସେମାନଙ୍କର ଚିର ଇପ୍ସିତ ସ୍ୱାଧୀନତା ଆଣିଥିଲେ।ସେହି ମହାନ ଦିନଟି ହେଉଛି ୧୯୪୭ ମସିହା ଅଗଷ୍ଟ ମାସ ପନ୍ଦର ତାରିଖ।ପ୍ରତିବର୍ଷ ଅଗଷ୍ଟ ମାସ ପନ୍ଦର ତାରିଖରେ ଆବାଳ ବୃଦ୍ଧ ବନିତା ସ୍ୱାଧୀନତା ଦିବସ ଆନଂଦ ଉତ୍ସାହ ମଧ୍ୟରେ ପାଳନ କରୁଛନ୍ତି।ଏହା ଭାରତର ଏକ ପ୍ରଧାନ ଜାତୀୟ ଉତ୍ସବ।ଆକୁମାରି ହିମାଳୟ ଭାରତର ସର୍ବତ୍ର ଏହି ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୁଏ।ପୁର ପଲ୍ଲୀ ଠାରୁ ସହର ସବୁଠାରେ ସ୍ୱାଧୀନତା ଦିବସ ଉତ୍ସବର ଆନନ୍ଦ ତରଙ୍ଗ ଉଠୁଥାଏ।ସ୍କୁଲ କଲେଜ ସରକାରୀ ବେସରକାରୀ ଅନୁଷ୍ଠାନ ଗୁଡିକ ନାନା ଭାବରେ ସଜା ସଜି ହୋଇଥାଏ। ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ ପୋଷାକ ପିନ୍ଧି ସ୍କୁଲରେ ଏକତ୍ର ହୁଅନ୍ତି।ଛାତ୍ର ଛାତ୍ରୀଙ୍କ କଣ୍ଠରେ, ବନ୍ଦେ ମାତରମ,ସ୍ୱାଧୀନ ଭାରତର ଜୟ, ଧ୍ୱନି ନିନାଦିତ ହେଉଥାଏ। ଶିକ୍ଷକ ମାନଙ୍କ ସ୍ଥିରୀକୃତ ସ୍ଥାନରେ ଛାତ୍ର ଛାତ୍ରୀ ମାନେ ଦଣ୍ଡାୟ ମାନ ହୁଅନ୍ତି। ଦଉଡି ଫିଟାଇ ପତାକା ଉତ୍ତୋଳନ କରନ୍ତି। ପୂର୍ବରୁ ରଖାଯାଇଥିବା ଫୁଲ ଗୁଡିକ ପତାକା ମଧ୍ୟରୁ ଖସି ପଡେ। କରତାଳି ଧ୍ୱନୀରେ ବିଦ୍ୟାଳୟ ପ୍ରାନ୍ତର ପ୍ରକମ୍ପିତ ହୁଏ। ସଂଗେ ସଂଗେ ଛାତ୍ର ଛାତ୍ରୀଙ୍କ କଣ୍ଠରୁ ଭାସି ଆସେ 'ଜନ ଗଣ ମନ ଅଧିନାୟକ ଜୟ ହେ ଭାରତ ଭାଗ୍ୟ ବିଧାତା।'ଜାତୀୟ ସଙ୍ଗୀତ।ଏହା ପରେ ଝଣ୍ଡା ସଙ୍ଗୀତ ଗାନ କରାଯାଏ।ପରି ଶେଷରେ ଅତିଥି ଓ ଶିକ୍ଷକ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ୱାଧୀନତା ସଂଗ୍ରାମ ଓ ବର୍ତ୍ତମାନ ପରିସ୍ଥିତିରେ ଦେଶ ପାଇଁ କର୍ତ୍ତବ୍ୟ ବିଷୟରେ ସଂକ୍ଷିପ୍ତରେ କହିଥାନ୍ତି। ଗତାନୁଗତିକ ଭାଷଣ ସର୍ବସ୍ୱ ଉତ୍ସବ ପାଳନ କଲେ ସ୍ୱାଧୀନତାର ମହତ୍ୱ ମୂଲ୍ୟବୋଧ ଓ ଲକ୍ଷ ସାଧିତ ହେବ ନାହିଁ।ଏହି ଜାତୀୟ ଉତ୍ସବରେ ଜାତୀୟତାର ଉଦ୍ରେକ ପାଇଁ ଦୃଢ ସଂକଳ୍ପ କରି କାର୍ଯ୍ୟରେ ଦେଖାଇବାକୁ ହେବ। ଯେଉଁ ମହାନ ମହା ସଂଗ୍ରାମୀ ମାନଙ୍କ ଲହୁ ଲୁହରେ ଆମ ଭାରତ ମାତାର ଟେକ ରହିଅଛି। ସ୍ୱାଧୀନ ଆମ ଭାରତ ବର୍ଷ ମୁକ୍ତ ଆମ ଧ୍ୱଜା ନୀଳ ଆକାଶରେ ଉଡୁଛି ଆମ ତ୍ରିରଙ୍ଗା ଫର ଫର।ନୂଆ ଭାରତର ସଂକଳ୍ପ କରି ସଂଗ୍ରାମୀ ଙ୍କର ସ୍ମୃତି ଗାନ କରିବା।

ସଂଗ୍ରାମୀ ମାନଙ୍କ ବଳିଦାନ ଫଳରେ ମିଳିଥିବା ସ୍ୱାଧୀନତାକୁ ସ୍ୱତନ୍ତ୍ର ଦେଶର ସୁରକ୍ଷା ଓ ସମୃଦ୍ଧିରେ ନିଜକୁ ନିୟୋଜିତ କରିବା ଆମ ପ୍ରିୟ ଦେଶକୁ ସ୍ୱଚ୍ଛ ସୁନ୍ଦର ଏବଂ ସୁରକ୍ଷିତ ରଖିବା ଆମର ପ୍ରଥମ କର୍ତବ୍ୟ ରହିବ। ଅଖଣ୍ଡ ଭାରତ ବର୍ଷ ଗଠନରେ ଯେଉଁମାନେ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଥିଲେ ସେମାନେ ଆମର ପୂଜ୍ୟ ନାମସ୍ୟ। ଆମେ ଏହି କ୍ଷଣେ ପଣ ନେବା ଯେ ଆମେ ଆମ ଦେଶକୁ ସବୁ ବେଳେ ଭଲ ପାଇବା ଏବଂ ଏହାର ବିକାଶ ସୁରକ୍ଷା ପ୍ରତି ଯତ୍ନବାନ ହେବା।

ଜୟ ହିନ୍ଦ ।

## ଅନନ୍ୟ ବିପ୍ଳବୀ ଶ୍ରୀଅରବିନ୍ଦ



ବୈଷ୍ଣବ ମେହେର
ସିନାପାଲି, ନୂଆପଡ଼ା

ଭାରତ ବର୍ଷର ଭୌଗୋଳିକ ଭୂଖଣ୍ଡକୁ ଯିଏ ପ୍ରାଣବନ୍ତ ଜନନୀ ରୂପେ ପୂଜା କରୁଥିଲେ । ପୂଣ୍ୟ ଭୂମୀ ଭାରତର ସାହିତ୍ୟ, ସଂସ୍କୃତି, ଆଧ୍ୟାତ୍ମିକ ତଥା ଭାରତ ମୁକ୍ତି ସଂଗ୍ରାମର ଯିଏ ଥିଲେ ଶାଣିତ ଉଦଘୋଷକ । ସ୍ୱାଧୀନତା ସଂଗ୍ରାମରେ ଯାହାଙ୍କ ଅବଦାନ ଥିଲା ଅବର୍ଣ୍ଣନୀୟ, ଅତୁଳନୀୟ ଓ ସ୍ୱତଂତ୍ର । ସେ ହେଉଛନ୍ତି ଭାରତ ମାଟିର ଅମୃତ ସନ୍ତାନ ବିପ୍ଳବୀ ଜନନାୟକ ମହାଯୋଗୀ ଶ୍ରୀଅରବିନ୍ଦ । ସଂଯୋଗ ବଶତଃ ଯେଉଁଦିନ ଦେଶ ସ୍ୱାଧୀନ ଲାଭ କଲା ସେହିଦିନ ଥିଲା ଶ୍ରୀଅରବିନ୍ଦଙ୍କ ୭୫ତମ ଜନ୍ମଦିନ। ଅର୍ଥାତ ଶ୍ରୀ ଅରବିନ୍ଦଙ୍କ ଜନ୍ମ ହୋଇଥିଲା ୧୮୭୨ ମସିହା ଅଗଷ୍ଟ ୧୫ ରେ । ଶ୍ରୀ ଅରବିନ୍ଦ ଥିଲେ ଜଣେ ଯୋଗୀ, ଆଧ୍ୟାତ୍ମିକ ଗୁରୁ, ଦାର୍ଶନିକ, ସାମ୍ବାଦିକ, କବି, କ୍ରାନ୍ତିକାରୀ, ମୁକ୍ତିସଂଗ୍ରାମୀ ଭଳି ବିରଳ ଓ ବିସ୍ମୟକର ସମନ୍ୱିତ ପ୍ରତିଭା । କଲିକତାର ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରିଥିବା ଶ୍ରୀ ଅରବିନ୍ଦଙ୍କ ପିତା ଥିଲେ ବିଲାତ ଫେରନ୍ତା ଡାକ୍ତର କୃଷ୍ଣଧନ ଘୋଷ ଓ ମାତା ଥିଲେ ସ୍ୱର୍ଣ୍ଣଲତା ଦେବୀ । ଶ୍ରୀ ଅରବିନ୍ଦଙ୍କ ପିଲା ବେଳର ନାମ ଥିଲା ଅରବିନ୍ଦ ଅକରଯେଡ଼ ଘୋଷ । ପିତା କୃଷ୍ଣଧନ ଭାରତୀୟ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରଭାବ ଯେମିତି ବାଳକ ଅରବିନ୍ଦଙ୍କ ମାନସିକତାକୁ ପ୍ରଭାବିତ ନ କରୁ ସେଥିପାଇଁ ପୁଅର ସୁରକ୍ଷିତ ଭବିଷ୍ୟତ ଆଶାରେ ମାତ୍ର ୯ ବର୍ଷ ବୟସରେ ଅରବିନ୍ଦଙ୍କୁ ପାଠ ପଢ଼ିବାକୁ ଲଣ୍ଡନ ପଠାଇ ଦେଇଥିଲେ । ଅରବିନ୍ଦ ୧୨ ବର୍ଷ ପର୍ଯ୍ୟନ୍ତ ଲଣ୍ଡନର ସେଣ୍ଟପଲ ସ୍କୁଲରେ ଏବଂ ପରେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର କିଙ୍ଗସ୍ କଲେଜରେ ଅଧ୍ୟୟନ କରିଥିଲେ ।

ଜୀବନର ଗୁରୁତ୍ୱପୂର୍ଣ୍ଣ ଅବଧିରେ ଭାରତୀୟ ଶିକ୍ଷା ଓ ସଂସ୍କୃତି ଠାରୁ ସେ ଦୂରେଇ ରହିଥିଲେ ମଧ୍ୟ ଦେଶ ପ୍ରିତିର ବହ୍ନି ଟିଏ ତାଙ୍କ ଭିତରେ ସଦାସର୍ବଦା ତେଜୋଦୀପ୍ତ ହେଉଥାଏ । ପିତାଙ୍କ ଇଚ୍ଛାକୁ ସମ୍ମାନ ଦେବାକୁ ଶ୍ରୀଅରବିନ୍ଦ ଆଇସିଏସ୍ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ ହେଁ ବ୍ରିଟିଶ ସରକାରଙ୍କ ଅଧୀନରେ କୌଣସି ପଦରେ ଚାକିରୀ କରିବାକୁ ନ ଚାହିଁ ଜାଣିଶୁଣି ଅଶ୍ୱାରୋହଣ ପରୀକ୍ଷାରେ ଅବତୀର୍ଣ୍ଣ ହୋଇ ନଥିଲେ । ସତେକି ସେ ଜାଣି ପାରିଥିଲେ ଯେ, ଦେଶ ମାତୃକାର ସେବା ପାଇଁ ହିଁ ତାଙ୍କରି ଜନ୍ମ ହୋଇଛି । ଇଂଲଣ୍ଡରୁ ଫେରି ଭାରତର ବରୋଦାରେ ଅବସ୍ଥାପିତ ସମୟରେ ଭାରତୀୟଙ୍କୁ ଉଦବୁଦ୍ଧ କରିବା ଲକ୍ଷ୍ୟରେ 'ଇନ୍ଦୁ ପ୍ରକାଶ' ନାମକ ଏକ ପତ୍ରିକାରେ ଗୁରୁଗମ୍ଭୀର ଦେଶାତ୍ମବୋଧ କବିତାମାନ ଲେଖୁଥିଲେ । ପରବର୍ତ୍ତି ସମୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିପିନ ଚଂଦ୍ର ପାଲଙ୍କ 'ବଂଦେ ମାତରମ୍' ଇଂରାଜୀ ଦୈନିକ ଖବରକାଗଜର ଶ୍ରୀଅରବିନ୍ଦ ସଂପୂର୍ଣ୍ଣ ଦାୟିତ୍ୱ ନେଇ ଥିଲେ। 'ବନ୍ଦେ ମାତରମ' ଖବରକାଗଜରେ ଲେଖୁଥିବା ଅରବିନ୍ଦଙ୍କ ଚାତୁରୀଭରା ଶାଣିତ ଲେଖା ସବୁ ସେତେବେଳେ ଭାରତୀୟ ମାନଙ୍କ ସୁପ୍ତ ମାନସିକତାକୁ ଜାଗ୍ରତ କରିବାରେ ବେଶ ସହାୟକ ହେଉଥିଲା । ସାହିତ୍ୟ, ସଂସ୍କୃତି, ଧର୍ମ, ଦର୍ଶନ, ରାଜନୀତିର ଅପୂର୍ବ ସମନ୍ୱୟ ଶ୍ରୀ ଅରବିନ୍ଦଙ୍କ ଲେଖନୀରେ ଦେଖିବାକୁ ମିଳେ । ତାଙ୍କ ଦ୍ୱାରା ରଚିତ ଦ ଲାଇଫ ଡିଭାଇନ୍, ଦ ହ୍ୟୁମାନ ସାଇକଲ, କଲେକ୍ଟେଡ ପଏମସ୍ ଏଣ୍ଡ ପ୍ଲେଜ୍, ସାବିତ୍ରୀ:ଏ ଲିଜେଣ୍ଡ ଏଣ୍ଡ ଏ ସିମ୍ବଲ ପ୍ରମୁଖ ଗ୍ରନ୍ଥ ଭାରତର ଆଧ୍ୟାତ୍ମିକ ଚିନ୍ତାଧାରା ଓ ଜାତୀୟ ଭାବଧାରାକୁ ଉଜ୍ଜୀବିତ କରିବାରେ ବେଶ୍ ଖୋରାକ୍ ଯୋଗାଇ ପାରିଥିଲା । ସଂଗ୍ରାମୀ ଜୀବନ ଓ ସାହିତ୍ୟ ସର୍ଜନା ସହ ଶ୍ରୀ ଅରବିନ୍ଦଙ୍କ ଆଧ୍ୟାତ୍ମିକ ପରିସର ମଧ୍ୟ ସମୟ କ୍ରମେ ସମୃଦ୍ଧ ହେଉଥିଲା । ଭାରତ ସ୍ୱାଧୀନତା ଲାଭ କରିବାର ଯଥେଷ୍ଟ ପୂର୍ବରୁ ସେ ତାଙ୍କ ସୂକ୍ଷ୍ମ ଦୃଷ୍ଟିରେ ଏହାର ଆଭାସ ପାଇ ସାରିଥିଲେ । 'ବନ୍ଦେ ମାତରମ' ପତ୍ରିକାର ଲୋକପ୍ରିୟତା ଓ ଭାରତୀୟଙ୍କ ମଧ୍ୟରେ ଏହାର ପ୍ରଭାବ ଦେଖି ବ୍ରିଟିଶ ସରକାର ଆତଙ୍କିତ ହୋଇପଡ଼ି ରାଜଦ୍ରୋହ ଅପରାଧରେ ଶ୍ରୀଅରବିନ୍ଦଙ୍କୁ ବନ୍ଦୀ କରିଥିଲେ । କିନ୍ତୁ 'ବନ୍ଦେ ମାତରମ' ପତ୍ରିକାର ସମ୍ପାଦକ ଶ୍ରୀ ଅରବିନ୍ଦ ବୋଲି କୌଣସି ପ୍ରମାଣ ନ ମିଳିବାରୁ ବାଧ୍ୟ ହୋଇ ଇଂରେଜ ସରକାର ତାଙ୍କୁ ମୁକ୍ତ କରିଦେଲେ ।

୧୯୫୦ ମସିହା ଡିସେମ୍ବର ୫ରେ ମହାପୁରୁଷ ଶ୍ରୀଅରବିନ୍ଦଙ୍କ ୭୯ ବର୍ଷ ବୟସରେ ପରଲୋକ ଘଟିଥିଲା। ଶ୍ରୀଅରବିନ୍ଦ ମର୍ମେ ମର୍ମେ ଅନୁଭବ କରିଥିଲେ ଯେ, ଭାରତୀୟଙ୍କ ପ୍ରକୃତ ଶତ୍ରୁ ବାହ୍ୟ ଶତ୍ରୁ ନୁହଁନ୍ତି ବରଂ ଭାରତବାସୀଙ୍କ ଅନ୍ଧ ଭାବପ୍ରବଣତା ଓ ଦୁର୍ବଳ ଏକତା ହିଁ ଏ ଜାତିର ଦୁର୍ଦ୍ଦଶା ପାଇଁ ଦାୟୀ । ବାସ୍ତବରେ ଶ୍ରୀ ଅରବିନ୍ଦଙ୍କ ଅବର୍ତ୍ତମାନର ୭୧ ବର୍ଷ ପରେ ମଧ୍ୟ ତାଙ୍କର ଉପଲବ୍‌ଧାତ୍ମକ ବାର୍ତ୍ତାର ପ୍ରାସଙ୍ଗିକତାକୁ ଏବେ ବି ବେଶ ଅନୁଭବ କରିହୁଏ । ତେଣୁ ଦେଶ ମାତୃକାର ଅମୃତ ସନ୍ତାନ ଶ୍ରୀ ଅରବିନ୍ଦଙ୍କ ଅବଦାନର ଯଥାର୍ଥ ଆଲୋଚନା ବିନା ଆଜାଦୀର ଅମୃତ ମହୋତ୍ସବ ପାଳନ ନିଶ୍ଚିତ ଅପୂର୍ଣ୍ଣ ରହିବ ।






## ଆମେ ସ୍ୱାଧୀନ ଦେଶ ସନ୍ତାନ



**ପ୍ରଶାନ୍ତ କୁମାର ନାଥ**

ଆମେ ସ୍ୱାଧିନ ଦେଶ ସନ୍ତାନ
ସ୍ୱାଧିନ ଦେଶର ସନ୍ତାନ ଆମେରେ
ସ୍ୱାଧିନ ଆମରି ମନ
ସୁନାର ଭାରତ ଗଢି ଦେବା ମିଶି
ରଖିବା ତାହାରି ମାନ ।

ହେବାନାହିଁ ଅନ୍ଧ ନିଜର ସ୍ୱାର୍ଥରେ
ଦେବାନି କାହାକୁ ଠକି
ନିଜ ଖୁସିପାଇଁ ଅନ୍ୟର ପାଖରେ
ଦେଶକୁ ଦେବାନି ବିକି ।

ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରିବା
ଅହିଂସା ଧର୍ମରେ ରହି
ଆମ ପାଇଁ ଯେହ୍ନେ ଆନନ୍ଦେ ହସିବ
ଆମରି ଭାରତ ଭୂଇଁ ।

କେତେ ମହାପୁରୁଷଙ୍କ ବଳିଦାନେ
ଗଢ଼ା ଏ ଆମରି ଦେଶ
କୋଟି ଜନତାଙ୍କ ଓଠରେ ସେମାନେ
ଖେଳାଇଲେ ଆଣି ହସ ।

ପରକରି ସିନା ଚାଲିଗଲେ ସିଏ
ସ୍ୱାଧିନତା ଦେଇଗଲେ
ସାରା ପୃଥିବୀରେ ଭାରତର ନାମ
ଲିପିବଦ୍ଧ କରିଗଲେ ।

ଫର ଫର ହୋଇ ତ୍ରିରଙ୍ଗା ଉଡୁଛି
ସେମାନଙ୍କ ପ୍ରତିଦାନେ
ସୁଖରେ ଶାନ୍ତିରେ କାଟୁଛନ୍ତି ଦିନ
ଆଜିତ ଭାରତ ଜନେ ।

କୋଟି ପ୍ରଣତି ଯେ ତାଙ୍କ ପାଦତଳେ
କରିବା ମଥା ନୁଆଁଇ
ଦେଶର ସେବାରେ ଜୀବନ ଦେବାରେ
ପଛକୁ ଘୁଞ୍ଚିବା ନାହିଁ ।

+ ସୁନ୍ଦରପୁର, ଉତ୍ତରକୂଳହାଟ,
ପ୍ରୀତିପୁର, ଯାଜପୁର
(ମୋ)୦୮୮୯୨୩୦୧୧୪୩

## ସ୍ୱାଧୀନ ଦେଶର ସନ୍ତାନ ଆମେ

**ସୁଧାକର ରାଉତ**

ବାଣିଜ୍ୟ ଉଦ୍ଦେଶ୍ୟେ ଫିରିଙ୍ଗିୟେ ଆସି
ଦୁଇଶହ ବର୍ଷ ଶାସନର ରଶି
ଧରି କଲେ ଅତ୍ୟାଚାର
ସ୍ୱାଧୀନତା ସଂଗ୍ରାମୀଙ୍କ କଷଣର
ନାହିଁ ସିନା ପଟାନ୍ତର
ଫାଶି ଖୁଣ୍ଟରେ କିଏ ସେ ଝୁଲୁଲା
ଚାବୁକ ମାଡ଼ କେ ନିରବେ ସହିଲା
ଗୁଳି ଚୋଟେ କା' ପରାଣ
କେ କାରାଗାରର ଅନ୍ଧକାର ଗୃହେ
ଦେଖିଲା ମୁକ୍ତି ସପନ
ବ୍ୟର୍ଥ ଗଲାନାହିଁ ଏସବୁ ସଂଗ୍ରାମ
ପରିଶେଷେ ଆମେ ହୋଇଲେ ସ୍ୱାଧୀନ
ଯାଦୁ ଅହିଂସା ମନ୍ତର
ବଶୀଭୂତ କଲା ଇଂରେଜ ମାନଙ୍କୁ
ଦେଲେ ସେ ଶାସନ ଡୋର ।
କେଡ଼େ ପବିତ୍ର ଏ ଅଗଷ୍ଟ ପନ୍ଦର
ଦେଶ ପ୍ରେମ ଭାବ ସୂକ୍ଷ୍ମେ ଏ ମନର
ଧନ୍ୟ ଲାଲ ବାଲ ପାଲ
ଗାନ୍ଧିଜୀ ନେହେରୁ ଗୋପବନ୍ଧୁ
ବଦଳାଇଲେ ଦେଶର ଭାଲ
ସ୍ୱାଧୀନତାର ଉତ୍ସାହ ଉଦ୍ଦୀପନା
ଜନଗଣେ ଭରିଲା ନୂତନ ଚେତନା
ସବୁ କ୍ଷେତ୍ରରେ ବିକାଶ
ଲାଭ କରି ଆକୁମାରି ହିମାଚଳ
ହସି ଉଠିଲା ଦେଶ ।
ଆମେ ସବୁ ଦେଶର ବୀର ସନ୍ତାନ
ଭୁଲି ଯାଇ ମନୁ ଜାତି ଧର୍ମ ବର୍ଣ୍ଣ
ଜାତିର ପ୍ରଗତି ରଥ
ନିଃସ୍ୱାର୍ଥପରରେ ଗଡ଼ାଇବୁ ଆମେ
ଏକ କରି ମନୋରଥ ।
ଜାତୀୟ ପତାକା ଉଡ଼ି ଫର ଫର
ସ୍ମୃତି ଆଣେ ବଳିଦାନ ଅତୀତର
ତା' ତଳେ ନେବା ଶପଥ
ମାତୃଭୂମି ସମ୍ମାନ ସଦା ରଖିବା
କଟି ଯାଉ ପଛେ ମାଥ ।

ପ୍ରତାପ ନଗରୀ, କଟକ
(ମୋ) ୮୨୪୯୯୩୨୭୯୨

## ମେରା ଭାରତ ମହାନ....

**ଶୁଭେନ୍ଦୁ ଦାଶ**

ଏଇ ମୋର ଦେଶ
ଶାନ୍ତିର ପିୟ ସେ ମୋ ଭାରତ ବର୍ଷ !
କନ୍ୟାକୁମାରୀଠୁ ପୁଣି କାଶ୍ମିରୀ ପର୍ଯ୍ୟନ୍ତ
ସବୁ ଗୋଟେ ଗୋଟେ
ମୋର ପରିବାର।
ମାଟିର କୃଷକ ଏଠି ଫଳାଏ ଫସଲ
ସହିଦ ହେବାରେ ଖୁସି
ମୋ ଦେଶର ସୈନିକ।
ଅରଣ୍ୟ ପାହାଡ଼ ନଦୀ
ଭାରି ମନୋରମ
ନୀରବ ପକୃତି ଏଠି ଲାଗେ ସଗସମ।
ନାହିଁ ଭେଦଭାବ ଜାତି ଧର୍ମ ବର୍ଣ୍ଣ
ଗୋଟିଏ ମାଆର ଆମେ
କୋଟିଏ ସନ୍ତାନ।
ଆମ ତୀର୍ଥ, ପର୍ଯ୍ୟଟନ ଆମ କିର୍ତ୍ତୀକଳା
ଭାବ ପବସତ ସିଖେ ଆମଠୁ ଦୁନିଆ।
ହୋଲି ଦୀପାବଳୀ ଆଉ ଇଦ୍ ବଡଦିନ
ସବୁ ପର୍ବ ପାଳୁ ଭୁଲି ଜାତିଧର୍ମ।
ସାଲୁଟ କରିବା ସେଇବୀରଙ୍କୁ
ଦେଶର ସୀମାରେ
ଯଗୁଥିବା ଯବାନମାନଙ୍କ।
ଦେଶ ପାଇଁ ଦ୍ୱିଲିଦ୍ୱୋ ପ୍ରାଣ
ଶାନ୍ତି ପାଇଁ ଆମେ ଶତୃକୁ
କରିବା ଦମନ।
ସ୍ୱାଧିନ ସନ୍ତାନ ଆମେ ଅହିଂସା ହିଁ ଧର୍ମ
ଆହେ ତ୍ରିରଙ୍ଗା ତୁମକୁ
କୋଟିଏ ପଣାମ।

+ ପଲ୍ଲୀକଣ୍ଠା, ଏରସମା,
ଜଗତସିଂହପୁର
(ମୋ) ୮୭୬୩୦୦୧୮୬୩

## ସ୍ୱାଧୀନତା କିଏ ଦେବ..!!



**ଡଃ ମାଙ୍ଗଳିକା ମହାପାତ୍ର**

ରାତ୍ରିର ଅନ୍ଧକାରରେ ...
ଫେରିଗଲେ ସେମାନେ
ଦେଇଗଲେ ଆମକୁ
ଶହ ଶହ ବର୍ଷ ବିଦ୍ରୋହର ଫଳ
ହାତରେ ଧରେଇ ଦେଲେ
ଖଣ୍ଡେ ଧାରୁଆ ଛୁରୀ...
ଗୋଟେ ରକ୍ତ ଅଙ୍କା ମାନଚିତ୍ର
ଆମେ ସେଥିରେ ଖୁସି
ଭାବିନେଲେ ତାକୁ ନିଜର ଅଧିକାର
ଆମର ଭାଇ ଭାଗ...

ଦେଶ ଦେଶ ମଧ୍ୟରେ ଥିଲା
ସୀମା ନାଆଁରେ ତାର ବାଡ଼
ଆମ ଦେଶ, ଆମ ମାଆ ମାଟି
ନ ଥିଲା ସେଥିରେ...
ଜୀବନ କି ସ୍ପନ୍ଦନ...
ନଥିଲା କିଛି ବି ପ୍ରତିବାଦ
କି ନେବାକୁ ପ୍ରତିଶୋଧ

ତାପରେ ଆରମ୍ଭ ହେଲା
ଚୌକିର ଦୌଡ/ କ୍ଷମତାର ଭିଡ ...
ଶିଖର ଛୁଇଁବାକୁ
କଥା କୁହେ ଜଡ...

ଯିଏ ଛୁଇଁଲା ଶିଖର
ତାର ହେଲା ସିଂହାସନ
ଯିଏ ଝୁଣ୍ଟିଲା ବାଟରେ
ତା ଲାଗି ନିଆଁର ବାଡ଼

ଦେଶର ନାଗରିକ
ହେଲେ ମନର ଅଧିନାୟକ
ଅନ୍ଧାରୀ ଭାଗ୍ୟ ମୁଣ୍ଡେଇ
ନୀରବେ ଗଲେ ଯେ ଶୋଇ
କିଏ ପାଇଲା ଅମୃତ ହାଣ୍ଡି
କିଏ ଅନ୍ଧାରେ ହେଲା ଦରାଣ୍ଡି

କିଏ ହଜିଲା ଜହ୍ନ ରାତିରେ
କିଏ ମରିଲା ହଳାହଳ ବିଷରେ
ଏଇତ ଆମ ଦେଶ
ଯା ଲାଗି ଆମ ଅବଶୋଷ
ସ୍ୱାଧୀନତାକୁ ଖୋଜି ଖୋଜି
ପରାଧିନତାରେ ଗଲୁଣି ହଜି

+ ରେଭେନସା ବିଶ୍ୱବିଦ୍ୟାଳୟ

# ମିନା ଅପାଙ୍କ ରାମାୟଣ ଚୁଙ୍ଗି (୮)

## ଭଗୀରଥଙ୍କ କଥା (୨)



କାର୍ତ୍ତିକ ସାଇଁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଅଶ୍ୱ ଖୋଜିବାକୁ ଅଂଶୁମାନ ବାହାରିଲେ। ଅଂଶମାନ ବହୁତ ଭଲ ସ୍ୱଭାବର ଥିଲେ। ସେ ଯଜ୍ଞ ଅଶ୍ୱକୁ କପିଳମୁନିଙ୍କ ଆଶ୍ରମରୁ ଆଣି ଯଜ୍ଞ ସମାପ୍ତି କଲେ। ସଗର ରାଜାଙ୍କ ଦୁଃଖ ରହିଲା- ପ୍ରଥମ ରାଣୀଙ୍କ ପୁତ୍ରକୁ ରାଜ୍ୟରୁ ବହିଷ୍କାର କରାଯାଉଛି। ଦ୍ୱିତୀୟ ରାଣୀଙ୍କ ପୁତ୍ରକୁ କପିଳ ମୁନି ଭସ୍ମସାର କରିଛନ୍ତି। ନାତି ଅଂଶୁମାନଙ୍କୁ ସେ ରାଜ୍ୟ ଭାର ଦେଇ ଗଂଗାଙ୍କୁ ପୃଥିବୀକୁ ଆଣିବାକୁ ତପସ୍ୟା କଲେ। ତାଙ୍କର ସ୍ୱର୍ଗାରୋହଣ ହେଲା- ମାତ୍ର ଗଙ୍ଗା ମା'ଙ୍କୁ ପୃଥିବୀକୁ ଆଣି ପାରିଲେନି। ରାଜା ଅଂଶୁମାନ ଓ ତାଙ୍କ ପୁତ୍ର ଦିଲୀପ ମଧ୍ୟ ନିଜ ପିତୃବ୍ୟଙ୍କ ମୁକ୍ତି ଲାଗି ଗଙ୍ଗାମା'ଙ୍କୁ ପୃଥିବୀକୁ ଆଣିବାକୁ ତପସ୍ୟା କଲେ, ମାତ୍ର ସେଥିରେ ସଫଳ ହେଲେନି।

ସେଇ ବଂଶରେ ଜନ୍ମ ନେଲେ ଭଗୀରଥ। ଜନ୍ମରୁ ତାଙ୍କ ଦେହରେ ହାଡ଼ ନଥିଲା। ଯାହା ଫଳରେ ସେ ମାଟି ଉପରେ ସରୀସୃପ ପରି ଅଙ୍କେଇ ବଙ୍କେଇ ଯାତ୍ରା କରୁଥିଲେ। ଦୈବାତ୍ ଥରେ ସେଇ ରାଜ୍ୟ ଦେଇ ଜଣେ ମହାନ୍ ଋଷି ଅଷ୍ଟବକ୍ର ଋଷି ଯାଇଥିଲେ। ସେ ଋଷିଙ୍କ ଦେହରେ ଆଠଟି ବାଙ୍କ ଥିଲା ତେଣୁ ସେ ବଂକେଇ କରି ଚାଲୁଥିଲେ। ତାଙ୍କ ଯିବା ବାଟରେ ଥିଲେ ଭଗୀରଥ। ପ୍ରଥମେ ଅଷ୍ଟବକ୍ର ଋଷି ଭାବିଲେ- ସେ ପିଲାଟି ତାଙ୍କୁ ନକଲ କରୁଛି ଓ ବଂକେଇ ଚାଲୁଛି। ତେଣୁ ଋଷିଙ୍କ ପାଟିରୁ ପଦେ କଥା ବାହାରିଲା- ହେ ବାଳକ, ତୁମେ ମୋତେ ପରିହାସ କରିବାକୁ ଏପରି କରୁଛୁ ତ, ତୁ ଭସ୍ମ ହୋଇ ଯା।

ଭଗୀରଥଙ୍କ ମା'ମାନେ ତାଙ୍କ ଏପରି ହାଡ଼ ନଥିବା ଦେହକୁ ଦେଖି ଦୁଃଖ ପାଇଥିଲେ ଓ ତାଙ୍କ ଜଂଗଲ ରାସ୍ତାରେ ଛାଡ଼ି ଦେଇଥିଲେ। ଭାଗ୍ୟକୁ ଅଷ୍ଟବକ୍ର ଋଷିଙ୍କ ଆଶୀର୍ବାଦରୁ ଭଗୀରଥ ଏକ ସୁନ୍ଦର ବାଳକ ହୋଇଗଲେ। ଋଷି ମଧ୍ୟ ଧ୍ୟାନ ବଳରେ ସବୁ କଥା ଜାଣିଗଲେ ଓ ବାଳକଙ୍କୁ ନେଇ ତାଙ୍କ ମା'ଙ୍କ ପାଖରେ ଛାଡ଼ି ଆସିଲେ।

ଭଗୀରଥଙ୍କ ଅପୂର୍ବ ରୂପ ଦେଖି ତାଙ୍କ ମା'ମାନେ ଖୁସି ହେଲେ ଓ ତାଙ୍କର ପଢ଼ାପଢ଼ି ଲାଗି ତାଙ୍କ ଗୁରୁଙ୍କ ପାଖକୁ ପଠାଇଲେ। ତାଙ୍କର କିଛି ସହପାଠୀ ତାଙ୍କୁ ଭଲ ପାଉନଥିଲେ ଓ ଥରେ ତାକୁ ଅଣବାପୁଆ ବା ବାପା ନଥିବା ପୁଅ ବୋଲି କହିଲେ। ଭାଗୀରଥିଙ୍କ ବାପା ଦିଲ୍ଲୀପଙ୍କ ମୃତ୍ୟୁ ହୋଇ ସରିଥିଲା।

ସେ ଶିବଙ୍କ କୃପାରୁ ଜନ୍ମ ହୋଇଥିଲେ। ସହପାଠୀଙ୍କ କଥା ଭଗୀରଥଙ୍କୁ ବହୁତ ଖରାପ ଲାଗିଥିଲା ଓ ସେ ଘରକୁ ଆସି ରୁଷି କରି ଶୋଇଲେ।

ମା'ମାନେ ତାଙ୍କୁ ଖୋଜିଲେ। ଶେଷକୁ ତାଙ୍କୁ କାନ୍ଦୁଥିବାର ଦେଖିଲେ। ତାଙ୍କୁ ସେମାନେ ବାରମ୍ବାର କାନ୍ଦିବାର କାରଣ ପଚାରିବା ପରେ ଭଗୀରଥ ଚାଟଶାଳୀରେ ଯାହା ହୋଇଥିଲା ସେ କଥା କହିଲେ। ତାଙ୍କ ମା' ମାନେ ତାଙ୍କୁ ସଗର ରାଜାଙ୍କଠାରୁ ଦିଲ୍ଲୀପଙ୍କ କଥା କହିଲେ ଓ କିପରି ତାଙ୍କର ଜନ୍ମ ଶିବଙ୍କ କୃପାରୁ ହୋଇଛି ସେ କଥା କହିଲେ।

ବାଳକ ଭଗୀରଥି ସବୁ କଥା ଶୁଣି ବହୁତ ଦୁଃଖୀ ହେଲେ ଓ ଏ କଥା ମା'ମାନଙ୍କୁ କହିଲେ ଯେ ସେ ମା' ଗଙ୍ଗାଙ୍କୁ ପୃଥିବୀକୁ ଆଣି ପିତୃବ୍ୟଙ୍କ ଉଦ୍ଧାର କରିବେ। ଏ କଥା ଶୁଣି ମା'ମାନେ ବ୍ୟସ୍ତ ହେଲେ, ମାତ୍ର ବଂଶ ଉଦ୍ଧାର କାମ ଲାଗି ପୁତ୍ରକୁ ଆଶର୍ବାଦ କଲେ।

ବାଳକ ଭାଗୀରଥ କୁଳଗୁରୁ ବଶିଷ୍ଠଙ୍କଠାରୁ ଦୀକ୍ଷା ନେଲେ, ମା'ମାନଙ୍କଠାରୁ ଆଶୀର୍ବାଦ ନେଇ ତପସ୍ୟା ଲାଗି ଘୋର ବନସ୍ତରେ ପ୍ରବେଶ କଲେ। ଛୋଟ ପିଲା ଥିଲେ ଭଗୀରଥ -ମାତ୍ର ତାଙ୍କ ସାହସ ଓ ଧୈର୍ଯ୍ୟ ଦେଖ। ନିଜ ବଂଶ ଉଦ୍ଧାର ପାଇଁ ଜଂଗଲରେ ଘୋର ତପସ୍ୟା କଲେ।

ଭଗୀରଥଙ୍କ ତପସ୍ୟାରେ ଖୁସି ହୋଇ ଇନ୍ଦ୍ର ଦେବତା ତାଙ୍କୁ ଗଙ୍ଗାଙ୍କୁ ପୃଥିବୀକୁ ଆଣିବାର ବାଟ ବତାଇଲେ। ପାବନୀ ଗଙ୍ଗ ମା'ଙ୍କର ପୃଥିବୀ ଆସିବା ସମୟ ହୋଇଥିଲା। ଭଗୀରଥ ମହାଦେବ ଶିବଙ୍କ ଆରଧନା କଲେ ଓ ଶ୍ରୀ ବିଷ୍ଣୁଙ୍କ ଆଶୀର୍ବାଦ ପାଇଲେ। ମା' ଗଙ୍ଗା ସ୍ୱର୍ଗରୁ ପ୍ରଥମେ ଆସି ହର ହର ମହାଦେବଙ୍କ ଜଟାରେ ପଡ଼ିଲେ ଓ ତାପରେ ହିମାଳୟ ପର୍ବତରୁ ବାହାରିଲେ। ଆଗେ ଆଗେ ଭଗୀରଥ ଚାଲିଲେ, ତାଙ୍କ ପଛେ ପଛେ ଗଙ୍ଗାନଦୀ। ସଗର ପୁତ୍ରଙ୍କ ଭସ୍ମସ୍ଥଳୀକୁ ଗଲେ ଭଗୀରଥ। ଗଙ୍ଗା ମା'ଙ୍କ ପବିତ୍ର ପ୍ଲାବନରେ ସଗର ପୁତ୍ରମାନେ ଉଦ୍ଧାର ପାଇଲେ। ଭଗୀରଥଙ୍କ କାର୍ଯ୍ୟ ସିଦ୍ଧ ହେଲା।

ସ୍ୱର୍ଗରୁ ଗଂଗାଙ୍କୁ ପୃଥିବୀକୁ ଆଣିଥିଲେ ଭଗୀରଥ। ସେଥିଲାଗି ଗଙ୍ଗାଙ୍କ ନାଁ ଭାଗୀରଥୀ କୁହାଯାଏ। ପିଲାମାନେ ବଡ଼ ହେଲେ ରାମାୟଣ ପଢ଼ିବ ଓ ଆହୁରି ଅନେକ ଚମତ୍କାର କଥା ଜାଣିବ। ସେଦିନ ମିନା ଅପାଙ୍କ କଥା ସରିଗଲା। ପିଲାମାନେ ଖୁସିରେ ଘରକୁ ଫେରିଲେ। (କ୍ରମଶଃ)

+ମୋ: ୯୯୮୦୩୦୦୭୫୧

## କବିତା ତୁମ ପାଇଁ

### ଅଗଷ୍ଟ ପନ୍ଦର ଆସିଛି ଆଜି

ନିରଞ୍ଜନ ସାହୁ

ଅଗଷ୍ଟ ପନ୍ଦର ଆସିଛି ଆଜି
ଚଉଦିଗ ପରା ଉଠିଛି ସାଜି ।
ଫରଫର ଉଡେ ଜାତୀୟ ଧ୍ୱଜା
ଉଚ୍ଚ ସ୍ୱରେ ବାଜେ ବିଜୟ ବାଜା ।
ଜାତୀୟ ସଙ୍ଗୀତ ହେଉଛି ଗାନ
ପବିତ୍ର ହେଉଛି ସଭିଙ୍କ କାନ ।
ଜୟ ଧ୍ୱନି ସାଂଗ୍ରାମୀଙ୍କର ନାମେ
ଉଚ୍ଚ ସ୍ୱରେ ଧ୍ୱନି ଦେଉଛୁ ଆମେ ।
ଭାରତ ମାତାର କରୁଛୁ ଜୟ
ଆମ ମନେ ନାହିଁ ତିଳେ ହେଁ ଭୟ ।
ଭେଦଭାବ ବାଛ ବିଚାର ନାହିଁ
ଶପଥ କରୁଛୁ ତ୍ରିରଙ୍ଗା ଚାହିଁ ।
ଦେଶ ସେବା ହେବ ଆମର କର୍ମ
ପାଳନ କରିବୁ ଆଚରି ଧର୍ମ ।
ଇତିହାସ ପଢ଼ି ଜାଣିଛୁ ସବୁ
ବିଦେଶୀ କିଭଳି କରିଲା କାବୁ ।
କେମିତି ସଂଗ୍ରାମୀ ସଂଗ୍ରାମ କଲେ
ଦେଶ ଜାତି ପାଇଁ ଜୀବନ ଦେଲେ ।
ସ୍ୱାଧୀନତା ପାଇଁ ସହିଲେ କଷ୍ଟ
ପିଲା ପରିବାର ହୋଇଲେ ନଷ୍ଟ ।
ଏ ପବିତ୍ର ଦିନେ ଶପଥ କଲୁ
ଦେଶର ସୁରକ୍ଷା ଦାଇତ୍ୱ ନେଲୁ ।
ଜୀବନେ ଆମର ଏହା ହିଁ ଦୀକ୍ଷା
ସ୍ୱାଧୀନତା ଆମେ କରିବୁ ରକ୍ଷା ।
ଦେଶ ପାଇଁ ଆମେ ଜୀବନ ଦେବୁ
'ଜୟ ହିନ୍ଦ' କହି ବିଦାୟ ନେବୁ ।
କଟିଯାଉ ପଛେ ଆମରି ବେକ
ଭାରତ ମାତାର ରଖିବୁ ଟେକ ।

+ନିହଲପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
(ମୋ) ୯୯୩୮୭୪୧୫୮୩

### ମୁଁ ଗଛ କହୁଛି.....

ରମେଶ ଚନ୍ଦ୍ର ନାୟକ

ଗଛ ମୁଁ କହୁଛି କାହାଣୀ ମୋହର
ଶୁଣ ପିଲେ ମନ ଦେଇ
ମାଟି ମା' ଦେହରୁ ଜନମ ଲଭିଛି
ଜଗତ ମଙ୍ଗଳ ପାଇଁ ।
ଛୋଟିଆ ମଞ୍ଜିରୁ ଚାରା ରୂପ ନିଏ
ଚାରାରୁ ବିଶାଳ ଗଛ
ମଣିଷ ପେଟକୁ ଦାନା ଦେବା ସହ
ପରିବେଶ କରେ ସ୍ୱଚ୍ଛ ।
ଦିବସ କାଳରେ ଦେଇ ଅମ୍ଳଜାନ
ଅଙ୍ଗାରକାମ୍ଳ ଯେ ନିଏ
ରାତି ଉଭାହେଲେ ମଣିଷ ପରି ମୋ
ନିଃଶ୍ୱାସ ପ୍ରଶ୍ୱାସ ଯାଏ।
କେତେ ଫୁଲ ଫଳ ଦେଉଅଛି ମୁହିଁ
ମନା କେବେ କରେ ନାହିଁ
ଜାଳେଣି ପାଇଁ ଯେ କାଠ ଯୋଗାଉଛି
ଦୁଃଖ କଷ୍ଟ କେତେ ସହି।
ଯଦି ଦୈବ ଯୋଗେ ଫୁଲ ଫଳ ନାହିଁ
ବାଟୋଇକୁ ଦିଏ ଛାଇ
ଚେର ମୂଳ ପତ୍ରେ ଔଷଧ ଦେଉଛି
ରୋଗ ଉପଶମ ପାଇଁ।
ଖରା ଓ ବର୍ଷାରେ ଛତା ହୋଇଥାଏ
ବରଷା କରଇ ମୁହିଁ
ପକ୍ଷୀ ସରୀସୃପ ଆଶ୍ରୟ ପାଆନ୍ତି
ଜୀବନ ବଞ୍ଚାନ୍ତି ସେହି।
ଚଉକି ଟେବୁଲ ପଲଙ୍କ କାଗଜ
ମୋ କାଠରୁ ଗଢ଼ି ଥାଅ
ଅନ୍ଧକାର ତଡ଼ି ଆଲୋକ ଦିଅଇ
ଜାଳି ପୁଣି ନିଜ ଦେହ।
କେତେ ଯେ ସୁନ୍ଦର ରୂପ ମନୋହର
ଧରଣୀ ମୋ ପାଇଁ ଦିଶେ
ଏ ଜୀବ ଜଗତ ତିଷ୍ଠି ରହି ଅଛି
ମୋର ଯୋଗୁଁ ଧରା ହସେ।
ବନ୍ଧୁ ବୋଲି ଭାବି ବନ୍ଧୁ ବାନ୍ଧିଥିଲି
ମଣିଷକୁ ଭଲ ମଣି
ମଣିଷ ଜାତିଟା ମୋତେ ନ ବୁଝିଲା
ସ୍ୱାର୍ଥ ପାଇଁ ଦିଏ ହାଣି।
ପ୍ରଦୂଷଣ ପାଇଁ ମୋତେ କାଟ ନାହିଁ
ଥିବା ଯାଏ ପ୍ରାଣ ମୋର
ନୂଆ ନୂଆ ଚାରା ଗଛ ଲଗାଇବ
ପିଲାଏ ଶପଥ କର।

+ କେଶରପୁର , ବକ୍ସି ବଜାର , କଟକ ।
(ମୋ) ୭୯୭୮୧୫୧୭୧୦

## ସ୍ୱାଧୀନତା ଦିବସରେ ନାଟକ



ବିନୟ କୁମାର ଦାସ



ବିଦ୍ୟାଳୟରେ ପ୍ରତିବର୍ଷ ଦେଶର ସ୍ୱାଧୀନତା ପ୍ରାପ୍ତି ସଂପର୍କରେ ଗୋଟିଏ ଶିଶୁ ନାଟକ ମଞ୍ଚସ୍ଥ ହୁଏ ଆଉ ସେହି ସନ୍ଧ୍ୟାରେ ନାଟକ ପରେ ପରେ ସେହି ନାଟକରେ ଅଭିନୟ କରିଥିବା ଶ୍ରେଷ୍ଠ ଅଭିନେତାକୁ ସେଦିନର ମୁଖ୍ୟ ଅତିଥି ପୁରସ୍କୃତ କରିଥାନ୍ତି ।

ଏ ବର୍ଷର ନାଟକ ଥିଲା 'ବାଜିରାଉତ'। ନାଟକଟି ଏତେ ସୁନ୍ଦର ଭାବରେ ଶିଶୁ କଳାକାରମାନେ ଉପସ୍ଥାପନା କରିଥିଲେ ଯେ ଦର୍ଶକମାନଙ୍କୁ ତାହା ଭରପୁର ଆନଂଦ ପ୍ରଦାନ କରିଥିଲା। ବିଶେଷ କରି ବାଜିରାଉତ ଭୂମିକାରେ ଅଭିନୟ କରିଥିବା କଳାକାରର ଜୀବନ୍ତ ଅଭିନୟରେ ସମସ୍ତେ ଅଭିଭୂତ ହୋଇଯାଇଥିଲେ । ସମସ୍ତେ ଏହା ବି ଜାଣିଥିଲେ ଯେ ଏହି ପିଲାଟି ନିଶ୍ଚିତ ଭାବରେ ଏ ନାଟକର ହେବ ଶ୍ରେଷ୍ଠ ଅଭିନେତା। ଖାଲି ବିଚାରକ ମଣ୍ଡଳୀଙ୍କ ଘୋଷଣାକୁ ଅପେକ୍ଷା କରିଥିଲେ ।

କିନ୍ତୁ ଯେତେବେଳେ ଏହା ଘୋଷଣା କରାଗଲା, ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ କାରଣ ଏ ବର୍ଷର ଶ୍ରେଷ୍ଠ ଅଵିନେତା ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲା ସୁବ୍ରତ...ଯିଏ କି ଜଣେ ଇଂରେଜ ସରକାରଙ୍କତ ଏକ ସାଧାରଣ ସିପାହୀ ଭୂମିକାରେ ଅଭିନୟ କରୁଥିଲା । ପୁରସ୍କାର ଘୋଷଣା ହେବା ପରେ ଅବଶ୍ୟ ସମସ୍ତେ ଅନୁଭବ କଲେ ଯେ ତା ଅଭିନୟ ମଧ ଖୁବ ଉଚ୍ଚ କୋଟୀର ଥିଲା ।

ମୁଖ୍ୟ ଅତିଥି ସୁବ୍ରତକୁ ପୁରସ୍କାର ସହିତ ତାଙ୍କ ନିଜ ତରଫରୁ ତାକୁ ପାଂଚଶହ ଟଙ୍କା ବି ଦେଲେ ତା ଅଭିନୟରେ ମୁଗ୍ଧ ହୋଇ । ତାଙ୍କ ଭାଷଣରେ ସେ ସୁବ୍ରତର ବହୁତ ତାରିଫ କଲେ। ସ୍କୁଲର ପ୍ରଧାନ ଶିକ୍ଷକ ତାଙ୍କ ଭାଷଣରେ ଦେଶର ସ୍ୱାଧିନତା ପ୍ରାପ୍ତି ସଂପର୍କରେ ଆମ କ୍ରାନ୍ତିକାରୀଙ୍କ ଭୂମିକା ବର୍ଣ୍ଣନା କରିବା ସହିତ ସୁବ୍ରତର ନିଖୁଣ ଅଭିନୟ ବିଷୟରେ ବି କହିଲେ । ତେବେ ସେ ଏକଥା ବି ଦର୍ଶକଙ୍କୁ ଜଣାଇଦେଲେ ଯେ ଏହି ଚରିତ୍ରରେ ଅଭିନୟ କରିବା ପାଇଁ ବିଦ୍ୟାଳୟ ଜଣେ କେହି ଛାତ୍ର ରାଜି ହୋଇ ନ ଥିବା ବେଳେ ସୁବ୍ରତ କାହିଁକି ଯେ ରାଜି ହେଲା; ସେ ନିଜେ ବି ବୁଝି ପାରୁନାହାନ୍ତି । ତେଣୁ ସେ ସୁବ୍ରତକୁ କହିଲେ...' ତୁମେ ଏ ଚରିତ୍ର ପାଇଁ କଣ ପାଇଁ ରାଜି ହେଲ ତାହା ଦର୍ଶକମାନଙ୍କୁ କୁହ।' ତହୁଁ ସୁବ୍ରତ ତା ବକ୍ତବ୍ୟରେ କହିଥିଲା..' ମୁଁ ଏମିତି ତ ଅଭିନୟ କରିବାକୁ ଭଲ ପାଏ । ଚରିତ୍ର ଭିତରେ ଥରେ ପଶିଗଲେ ଆଉ ବାହାରି ପାରେନି। ଏହି ଚରିତ୍ରଟି ବିଦେଶୀ ଶାସକର ସିପାହୀ ଥିଲା ଜଣେ ଦକ୍ଷ ସିପାହୀ । ସେ ତାର କର୍ତ୍ତବ୍ୟ ନିଷ୍ଠାର ସହିତ ପାଳନ କରିଛି। ମୁଁ ଏତକ ବି ଚାହେଁ ଯେ କର୍ତ୍ତବ୍ୟ ପାଳନରେ କେବେ ବି ହେଳା କରିବା ଉଚିତ ନୁହେଁ । ତାଛଡା ମୁଁ ଦେଶ ପାଇଁ କିଛି କରିବା ପାଇଁ ଚାହେଁ। ଦେଶମାତୃକା ପାଇଁ ଜୀବନ ଦେବାକୁ ବି ପଛାଇବି ନାହିଁ । ଇଂରେଜ ସିପାହୀ ଭୂମିକାରେ କେହି ଅଭିନୟ ପାଇଁ ରାଜି ହେଲେନି....ମୋତେ କିନ୍ତୁ ଚରିତ୍ରଟି ଭଲ ଲାଗିଲା । କାରଣ ସେ ତା ଉପରିସ୍ଥ ହାକିମଙ୍କ ହୁକୁମକୁ ଅକ୍ଷରେ ଅକ୍ଷରେ ପାଳନ କରିଛି । ମୁଁ ସେହି ଚରିତ୍ରର ସଚ୍ଚୋଟତା ଭିତରେ ମଜିଗଲି । ତେଣୁ ହୁଏତ ମୋ ଅଭିନୟ ଆପଣମାନଙ୍କୁ ପସନ୍ଦ ଆସିଲା। ତାପରେ ଦେଖନ୍ତୁ...ସେ କଣ ତା ଦେଶ ପ୍ରତି ବିଶ୍ୱାସଘାତକତା କରିଚି କି...ସେ ତ ତା କର୍ତ୍ତବ୍ୟକୁ ଗୁରୁତ୍ୱ ଦେଇଛି। ବାସ୍...ଏହି ସୁନ୍ଦର ଚରିତ୍ର ମୋତେ ବହୁତ ସନ୍ତୁଷ୍ଟି ଦେଇଥିଲା... ଆଉ ତା ଫଳ ଆଜି ମୋ ହାତରେ ଏହି ଶ୍ରେଷ୍ଠ ପୁରସ୍କାର ଟ୍ରଫି । ଏମିତି ଆପଣମାନେ ମୋତେ ଆପଣମାନଙ୍କ ଅକୁଣ୍ଠ ଆଶିଷ ଢାଳୁଥାନ୍ତୁ... ଏତିକି ମୋ କାମନା।''

ତା ବକ୍ତବ୍ୟରେ ପ୍ରେକ୍ଷାଳୟଟି ତାଳିମାଡରେ କମ୍ପି ଉଠିଲା ।

+ଅଂଗାରଗଡିଆ , ବାଲେଶ୍ୱର.୧
ମୋ.୭୯୭୮୮୬୦୩୬୩

## ପିଲାଙ୍କ ଉପନ୍ୟାସ : ଭାଗ-୧୫

# ପାଗଳାବାବାଙ୍କ ଟାଇମ୍ ମେସିନ୍

ପୀତାମ୍ବରୀ ଦାଶ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଦୂରରୁ ପୁରୁଷ ଓ ମହିଳା ଦୁଇ ଜଣ ଆସୁଥବାର ଦେଖାଗଲା । ଛୋଟ ଝିଅଟି ଏକ ହାଲ୍‌କା ଜାଲି କପଡା ପରି ଅଠାଳିଆ ନେଟ୍‌ରେ ତାକୁ ଢାଙ୍କିଦେଲା । ତାକୁ ଇସାରା ଦେଲା ବୁଦା କଡକୁ ଯାଇ ଛପିଯିବାକୁ । ସୋମୁ ତା କଥାନୁସାରେ ବୁଦୁବଦୁକିଆ ଗଛ ଉଢାଳରେ ଲୁଚିଗଲା । ଝିଅଟି ସେଇ ବେଂଚ୍‌ରେ ବସିପଡିଲା । ତା ହାତରେ ପିନ୍ଧିଥିବା ଓାଚ୍‌କୁ ଅନ୍ କଲା । ତାହା ଏକ ଲାପ୍‌ଟପ୍ ସ୍କ୍ରିନ୍ ପରି ଦେଖାଗଲା । ସେ ତାକୁ ଚଳାଇବାର ବାହାନା କରୁଥିଲା । ଅଥଚ ଦୃଷ୍ଟିଥିଲା ଆସୁଥିବା ଲୋକ ଦୁଇଜଣଙ୍କ ଉପରେ । ସେ ଦୁହେଁ ପାଖ ହୋଇଗଲେ । ପୁରୁଷ ଜଣଙ୍କ ନିଜ ହାତର ଘଂଟାକୁ ଚାହିଁ ଚାଲିଥିଲେ । ମହିଳା ଜଣଙ୍କ ସେଠାରେ ଅଟକି ଗଲେ । ଝିଅଟିକୁ କହିଲେ ଟିନି -ଏଠି ଆଉ ବସନା । ଶୀଘ୍ର ଚାଲିଆ । ପ୍ରଫେସର୍ ଏବେ ଫେରିବେ । ଝିଅଟି କହିଲା- ବ୍ୟସ୍ତ ହୁଅନା ମା । ମୁଁ ଏଇ ମାତ୍ର ଚାଲିଯିବି ; ତୁମ ପଛେ ପଛେ । ଲିଡର ମୋତେ ଦେଖିପାରିବେନି ପରୁଷ ଜଣଙ୍କ ଫେରିପଡି କହିଲେ - ଭଲ ଝିଅ କଥା ମାନନ୍ତି ନା- ଝିଅଟି କହିଲା- ଆଜ୍ଞା । ଏଇ ସଲ୍ୟୁସନ୍‌ଟା ଟିକେ ଅଛି ଶେଷ କରିଦେବି ଦି ମିନିଟ୍‌ରେ ପ୍ଲିଜ୍ ମହିଳା ଜଣଙ୍କ କହିଲେ - 'ଦୁଇ ମିନିଟ୍ କାହିଁକି ; ପାଂଚ ମିନିଟ୍‌ରେ ସାରିଲେ ବି ଚଳିବ । କିନ୍ତୁ ଆମ ଘରେ ବସି କଲେ ସମସ୍ୟା ନାହିଁ । ତୁ ତ ଏବେ ସବୁ କିଛି ଜାଣିଲୁଣି ଶୀଘ୍ର ଚାଲିଆସିବ' । ଝିଅଟି ମୁଣ୍ଡ ହଲାଇ ସମ୍ମତି ଜଣାଇଲା । ଏମିତି ଅଭିନୟ କଲା ସତେ ଯେମିତି ସେ ପୂରା ବ୍ୟସ୍ତ ତା ସଲ୍ୟୁସନ୍ ସମାଧାନ କରିବାରେ । ସେ ଦୁହେଁ ଥିଲେ ଟିନିର ପିତାମାତା । ରାସ୍ତା ବୁଲାଣିରେ ସେମାନେ ଆଉ ଦେଖାଗଲେନି । ଟିନି ତରବରରେ ସୋମୁ ପାଖକୁ ଗଲା ନିଜ ଚପଲର ଏକ ସୁଇଚ୍ ଟିପିଲା ତାହା ଫୋଲ୍ଡ ହେଇଗଲା ଏକ ଉଡନ୍ତା ଥାଳିଆ ପରି । ଆକାର ଖୁବ୍ ଛୋଟ । ସୋମୁକୁ ସେଥିରେ ବସାଇଲା । ଦୁହେଁ ଆଖି ପିଛୁଳାକେ ଯାଇ ମନୀଷ ପାଖରେ ପଂହଚିଲେ ।

ଟିନି ଆଉ ଏକ ନେଟ୍ ମନୀଷ ଉପରେ ଢାଙ୍କିଦେଲା । ତାଙ୍କ ଟାଇମ୍ ମେସିନ୍‌କୁ ଟିପାଟିପି କରି ଏକ ଛୋଟ ବ୍ୟାଗ୍ କରିଦେଲା। ସୋମୁକୁ ନିର୍ଦ୍ଦେଶ ଦେଲା ତାକୁ ପିଠିରେ ପକାଇବାକୁ ମନୀଷ ଓ ସୋମୁକୁ ସେଇ ଉଡନ୍ତା ଥାଳିଆ ପରି ଦିଶୁଥିବା ଯାନରେ ବସାଇଲା ଟିନି । ଆଖିପିଛୁଳାକେ ସେମାନେ ଏକ ନିର୍ବୁଜ କୋଠରୀରେ ପଂହଚି ଯାଇଥିଲେ । ଟିନି ମନୀଷ ହାତରେ ଏକ ଇଂଜେକ୍‌ସନ୍ ଆଣି ଫୁଟାଇଦେଲା ଗୋଟାଏ ସେକେଣ୍ଡ୍‌ରେ ମନୀଷର ଚେତା ଫେରିଆସିଲା ସେ କିଛି କହିବାକୁ ଚାହୁଁଥିଲା । ଟିନି ଇସାରାରେ ସୋମୁ ଆଉ ମନୀଷକୁ ନୀରବ ରହିବାକୁ କହିଲା । ସୋମୁ କାନରେ ଲଗାଯାଇଥିବା ବଟମ୍ ପରି ଆଉ ଏକ ବଟମ୍ ମନୀଷ କାନରେ ସେ ଲଗାଇଦେଲା । ଟିନି ତାକୁ ଚୁପ୍‌ଚୁପ୍ କହିଲା -ଏଇଠାରେ ଛପି ରୁହ ବାହାରକୁ ଯିବାକୁ ଆଦୌ ଚେଷ୍ଟା କରନା । ଏ ଦୁନିଆରେ ବିପଦ ହିଁ ବିପଦ ଭୟରେ ସୋମୁ ଓ ମନୀଷର ମୁହଁ ଶେତା ପଡିଗଲା ଟିନିର ମା' ଆଉ ବାପା ଦୁହେଁ ଅଦ୍ଭୁତ ..ପୋଷାକ ପିନ୍ଧିଥିଲେ ଯେଉଁଥିରେ କେବଳ ତାଙ୍କ ଆଖି ଦିଶୁଥିଲା । ଟିନିର ବାପା ବାହାରକୁ ନ ଯାଇ କବାଟ ବନ୍ଦ କରି ଭିତରେ ରହିବାକୁ ନିର୍ଦ୍ଦେଶ ଦେଲେ । ତାର ମାଟିନିକୁ ଗେହ୍ଲା କରି କହିଲେ -ସୁନା ଝିଅ ।

ଯେ ଯାହା କହିଲେ ଆଦୌ ବିବ୍ରତ ହେବନି କି କବାଟ ଖୋଲିବନି.... ପ୍ଲିଜ୍ !

ଟିନି କହିଲା - ମା', ମୁଁ ସବୁ ଜାଣେ ତୁମେ ଯାଅ । ବ୍ୟସ୍ତ ହୁଅନା ତା' ବାପା କହିଲେ - ଲାବୋରୋଟୋରୀରେ ଫୁଡ୍ ଆଉ ୱାଟର କ୍ୟାପ୍‌ସୁଲ୍ ଷ୍ଟକ୍ ନାହିଁ । ଆମେ ନିଜର ଜରୁରୀ ଆବଶ୍ୟକତା ପାଇଁ ସାଥିରେ ନେଇଯାଇଛୁ । ଆମର ଯଦି ଫେରିବାକୁ ଦୀର୍ଘ ସମୟ ଲାଗେ ତୁମେ କଣ କରିବ -ନିଜେ ବନେଇବାକୁ ଚେଷ୍ଟାକରିବି । ମା' ମୋତେ ସଲ୍ୟୁସନ୍ ଶିଖାଇଦେଇଛନ୍ତି । ତାଙ୍କ ସହ ମୁଁ ମଧ୍ୟ କାମ କରିଛି । ଧନ୍ୟବାଦ ସୁନାଝିଅ । ଟିନିର ମା' କାନ୍ଦ କାନ୍ଦ ହୋଇ କହିଲେ - ଆମେ ଏବେ ଆସୁଛୁ ମା ...ଟିନିର ଆଖିରୁ ଲୁହ ଝରୁଥିଲା । ମୁହଁ ଖୋଲି କିଛି କହିପାରିଲାନି ସେ । ହାତ ହଲାଇ ବାପ ମା'ଙ୍କୁ ବିଦାୟ ଜଣାଇଲା । ସୁଇଚ୍ ଟିପି ଗେଟ୍ ଫାଷ୍ଟ ରୁମ୍ ଲକ୍ କଲା । ଚୁପ୍‌ଚାପ୍ ଆସି ତା ରୁମ୍‌ରେ ବସିଲା । ଯେଉଁରୁମ୍‌ରେ ମନୀଷ ଓ ସୋମୁ ଥିଲେ । ଦୁହେଁ ତା ପାଖକୁ ଆସିଲେ । ମନୀଷ ଦେହରୁ ସେଇ ନେଟ୍‌ଟା କାଢିବାକୁ ଚେଷ୍ଟା କଲା । ଟିନି ବିବ୍ରତ ହେଇ କହିଲା - ନା ନା , ସେ ଭୁଲ କରନା । ତୁମେ ଏଇଠି ଥିଲେ ବି ପ୍ରଫେସର୍ ଚାହିଁଲେ ତା ମ୍ୟାଗ୍ନେଟ୍ ସ୍କ୍ରିନ୍ ସର୍ଚ୍ଚ କରି ତୁମ ଉପସ୍ଥିତି ଜାଣିଯିବ । ତା ପରେ କଣ ହେବ ତୁମେ ଜାଣନା । ସେ ତୁମ ଦୁହିଁକୁ ନିଜର ଗୋଲାମ କରି ରଖିବ । ତୁମର ଡୁପ୍ଲିକେଟ୍‌କୁ ତୁମ ଦୁନିଆକୁ ପଠାଇ ତା ସ୍ୱାର୍ଥ ସାଧନ କରିବ । ଇଂଜକ୍‌ସନ୍ ନେବା ପରେ ମନୀଷର ଶୋଷ ମରିଯାଇଥିଲା । ତାକୁ ଟିକେ ଭଲ ଲାଗୁଥିଲା । ସେ ଟିନିକୁ ପ୍ରଶ୍ନ କଲା - ତୁମେ କଣ ଆମ ପୃଥିବୀର ଲୋକ ନୁହେଁ ? ଟିନି ଉତର ଦେଲା - ହଁ ... ମୁଁ ପୃଥିବୀବାସି କିନ୍ତୁ ୨୦୫୦ ମସିହାର ବାସିନ୍ଦା । ସୋମୁ ଓ ମନୀଷ ଚମକି ପଡିଲେ । ଟିନି ଦୀର୍ଘ ଶ୍ୱାସ ପକାଇ କହିଲା -ସବୁ କିଛି ପ୍ରାପ୍ତି ପରେ ଆଉ କଣ ହାସଲ କରିହୁଏ ସବୁ ସଭ୍ୟତାର ଅନ୍ତ ଯେମିତି ଘଟିଥିଲା ପୃଥିବୀର ଅବସ୍ଥା ମଧ୍ୟ ଠିକ୍ ସେଇଆ ହେଲା ।

+ପୁରୋହିତପୁର, ଜଗତସିଂହପୁର
ମୋ:୯୭୭୮୫୨୦୩୭୦

## ଦେଶମାତୃକାର ମୂଲ୍ୟ



ଶୁଭଶ୍ରୀ ପଣ୍ଡା



ସେଦିନ ଗାଁ ଦାଣ୍ଡରେ ଖୁବ ଭିଡ଼ ଜମିଥାଏ। ଗାଁ ଲୋକଙ୍କ କଥାବାର୍ତ୍ତାରୁ ଶୁଣିବାକୁ ପାଇଲି ଯେ ସୁବାସ ଆସୁଛି ସେ ପୁଣି ଶୋଭାଯାତ୍ରାରେ। ସାଥି ଯବାନ ମାନେ ତା ମରଶରୀରକୁ ନେଇ ଆସୁଛନ୍ତି ଗାଁ ମାଟିକୁ।

ସମସ୍ତଙ୍କ ମୁଖମଣ୍ଡଳରେ ଦୁଃଖର କଳାବାଦଲ । ସଭିଙ୍କ ମୁଖରେ ସେଇ ଗୋଟିଏ କଥା - ଆଜି ଆମେମାନେ ଗୋଟେ ଦେଶପ୍ରେମୀ ପୁଅକୁ ହରାଇଦେଲୁ। ନିଧି ମଉସା କହୁଥାନ୍ତି, ସୁବାସ କୁଆଡେ ଭାରି କର୍ତ୍ତବ୍ୟ ନିଷ୍ଠ ଥିଲା। ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଶତ୍ରୁ ସୈନ୍ୟ ସହ ଲଢ଼ି ଲଢ଼ି ଶେଷରେ ସହିଦ ହେଇଗଲା ଜନ୍ମଭୂମି ପାଇଁ।

ମୋ ଠାରୁ ୫ ବର୍ଷ ସାନ ସେ। ସ୍କୁଲରେ ପଢିବାବେଳେ ସାଙ୍ଗ ହେଇ ପ୍ରତିଦିନ ସ୍କୁଲକୁ ଯାଉ। ଅଗଷ୍ଟ ପନ୍ଦର କି ଜାନୁଆରୀ ୨୬ ରେ କିନ୍ତୁ ସେ କେବେବି ସ୍କୁଲକୁ ଯାଏନି। ଦିନେ ତାକୁ ପଚାରିଥିଲି ତାକୁ - ଆରେ ସୁବାସ , ଏସବୁ ଦେଶର ମହତ ଦିନ ମାନଙ୍କରେ ତୁ ପାଳନ କରିବାକୁ ସ୍କୁଲକୁ ଯାଉନୁ କାହିଁକି ? ଉତ୍ତର ଦେଇ ମତେ ସେ କହିଥିଲା - ନାନି, ଖାଲି ଦେଶ ପାଇଁ ଦିବସ ସବୁ ପାଳନ କରିଦେଲେ କି ଗୋଟିଏ ଦିନ ଦେଶ ପାଇଁ ସଚ୍ଚୋଟ ହେଇ ମହାପୁରୁଷ ମାନଙ୍କର ସ୍ମୃତିଚାରଣ କରିଦେଲେ ଆମର କର୍ତ୍ତବ୍ୟ ପୁରା ହେଇଯାଏନି। ଦେଶ ପାଇଁ ପ୍ରକୃତରେ ଅନ୍ତରରୁ ଲଢ଼ିବାକୁ ହୁଏ। ଜନ୍ମଭୂମିକୁ ହୃଦୟରୁ ଭଲପାଇବାକୁ ହୁଏ ଠିକ ନିଜ ମା ଭଳି।

ସେଦିନ ତାର ଛୋଟ ବୟସରେ ସିନା ସେ ଏତେ କଥା ମତେ ବୁଝେଇ କହିଥିଲା, ହେଲେ ମୁଁ ସେସବୁକୁ କିଛି ଭାବିନଥିଲି। ତା କଥାକୁ ଫୁଲା ଫାଙ୍କିଆଟା, ସ୍କୁଲ ଯିବନି ବୋଲି ବାହାନା କରୁଛି, କହି ଫୁ କରି ଉଡାଇଦେଇଥିଲି ସିନା, ଆଜି ତାର କଥାର ମୂଲ୍ୟ ଏବଂ ତାର ଦେଶ ମାତୃକା ପାଇଁ ଭକ୍ତି ଓ ସମ୍ମାନକୁ ମତେ ଠିକ୍ ବୁଝେଇସାରିଥିଲା ସେ।

+ବସ୍ତପଡା, ସୋମପୁର, କଟକ
ପିନ- ୭୫୪୧୩୦
(ମୋ) ୭୯୭୮୧୯୮୭୦୪

# ୨୧ ବର୍ଷର ବିଜେଡ଼ି ଶାସନରେ ନୂଆ ବସଷ୍ଟାଣ୍ଡ ଶୂନ: କଂଗ୍ରେସ

ଭୁବନେଶ୍ୱର,୧୩/୮ (ନି.ପ୍ର): ଆଗାମୀ ପଂଚାୟତ ଓ ପୌରନିର୍ବାଚନକୁ ଆଖିରେ ରଖି ନବୀନ ବାବୁଙ୍କ ସରକାର ମିଛର ହୋଲସେଲ ବଜାର ଖୋଲିବା ଆରମ୍ଭ କରିଛନ୍ତି ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ବିଭାଗ ଆବାହକ ସତ୍ୟପ୍ରକାଶ ନାୟକ କଟାକ୍ଷ କରି କହିଛନ୍ତି। ଦୀର୍ଘ ୨୧ ବର୍ଷର ଶାସନ ଭିତରେ ରାଜ୍ୟର ସମସ୍ତ ୩୦ ଜିଲ୍ଲାରେ ବସଷ୍ଟାଣ୍ଡ ହୋଇନାହିଁ। ୨୦୦୦ ମସିହାରେ କଂଗ୍ରେସ ସରକାର ଛାଡ଼ିବା ସମୟରେ ରାଜ୍ୟ ସଡ଼କ ପରିବହନ ନିଗମ ଅଧିନରେ ଥିବା ୩୮ଟି ବସଷ୍ଟାଣ୍ଡ ବ୍ୟତିତ ଆଉ ଗୋଟିଏବି ନୂଆବସଷ୍ଟାଣ୍ଡ ନିର୍ମାଣ କରାଯାଇ ପାରିଲାନାହିଁ। ରାଜ୍ୟ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ତରଫରୁ ୧୫ଟି ନୂଆ ବସଷ୍ଟାଣ୍ଡ ମଧ୍ୟରୁ ମାତ୍ର ୫ଟିର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାର ଜିଲ୍ଲା ମୁଖ୍ୟାଳୟ ଛତ୍ରପୁର ଠାରେ ଥିବା ବସଷ୍ଟାଣ୍ଡରେ ଯାତ୍ରୀମାନଙ୍କ ପାଇଁ ପିଇବାପାଣି, ଶୌଚାଳୟ, ଯାତ୍ରୀ ବିଶ୍ରାମାଗାର, ଆଲୋକ ଆଦି ସର୍ବନିମ୍ନ ମୌଳିକ ସୁବିଧାର ବ୍ୟବସ୍ଥା ନାହିଁ। ବିଜେଡ଼ିର ଟାଣୁଆ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ନିଜ ଜିଲ୍ଲା ଯାଜପୁର ବସଷ୍ଟାଣ୍ଡ ଅବା ଅନ୍ୟତମ ଟାଣୁଆ ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁଙ୍କ ନିଜ ନିର୍ବାଚନ ମଣ୍ଡଳି ନୟାଗଡ଼ ବସଷ୍ଟାଣ୍ଡରେ ଅଦ୍ୟାବଧି ପିଇବାପାଣି, ଶୌଚାଳୟ, ଯାତ୍ରୀ ବିଶ୍ରାମାଗାର, ଆଲୋକ ଆଦି ସର୍ବନିମ୍ନ ମୌଳିକ ସୁବିଧାର ବ୍ୟବସ୍ଥା କରାଯାଇ ପାରିଲା ନାହିଁ। ରାଜ୍ୟରେ ୩୦ଟି ଜିଲ୍ଲା ମଧ୍ୟରୁ ମାତ୍ର ୨୦ଟି ଜିଲ୍ଲାକୁ ଘରୋଇ ବସ ଚଳାଚଳ କରୁଥିବା ସ୍ଥଳେ ଅନ୍ୟ ୧୦ଟି ଆଦିବାସୀ ବହୁଳ ଜିଲ୍ଲାପାଇଁ ଘରୋଇ ବସ ଚଳାଚଳ କରିପାରୁ ନାହିଁ। ରାଜ୍ୟରେ ଘରୋଇ ବସର ସଂଖ୍ୟା ପାଖାପାଖି ୧୫ ହଜାର ଥିବା ସ୍ଥଳେ ସରକାରୀ ବସର ସଂଖ୍ୟା ମାତ୍ର ୫ଶହ ଭିତରେ ସୀମିତ ରହିଛି। ଆଜି ପର୍ଯ୍ୟନ୍ତ ରାଜ୍ୟରେ ଗୋଟିଏ ଆଇଏସବିଟି ବା ଆନ୍ତଃରାଜ୍ୟ ବସ ଟର୍ମିନସ୍ ନିର୍ମାଣ କରାଯାଇପାରିଲା ନାହିଁ। ଏପର୍ଯ୍ୟନ୍ତ ୧୧୪ ପୌରାଂଚଳ, ୩୧୪ ବ୍ଲକ ଓ ୫୮ଟି ସବଡିଭିଜନ ପାଇଁ ବସଷ୍ଟାଣ୍ଡର ବ୍ୟବସ୍ଥା ନାହିଁ। ତେଣୁ ଅତିକମରେ ରାଜ୍ୟର ୧୧୪ ପୌରାଂଚଳ ପାଇଁ ୧୧୪ଟି ନୂଆ ବସଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟ ଅବିଳମ୍ବେ ଆରମ୍ଭ କରାଯାଉ ବୋଲି କଂଗ୍ରେସ ଦାବିକରିଛି। ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ୮୯ଟି ଇଣ୍ଡୋର ଷ୍ଟାଡିୟମ ନିର୍ମାଣ ନିଷ୍ପତିକୁ ସ୍ୱାଗତ କରାଯାଉଛି କିନ୍ତୁ ସବୁଷ୍ଟାଡିୟମର ନାମ ବିଜୁବାବୁଙ୍କ ନାମରେ ନାମିତ କରିବା ଏକ ହୀନରାଜନୀତିର ପରିଚୟ ସୃଷ୍ଟି କରୁଛି। ଏହା ନକରି ରାଜ୍ୟର ଅନେକ ପ୍ରଥିତଯଶା ଜନନାୟକ ଓ କିମ୍ବଦନ୍ତି ଖେଳାଳି ମାନଙ୍କ ନାମରେ ଇଣ୍ଡୋର ଷ୍ଟାଡିୟମର ନାମକରଣ କରିବାପାଇଁ ରାଜ୍ୟ କଂଗ୍ରେସ ତରଫରୁ ଶ୍ରୀ ନାୟକ ଦାବି କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ମନୋରଞ୍ଜନ ଦାଶ, ପ୍ରଶାନ୍ତ ଶତପଥି, ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।

# ୟୁନିସେଫ, ପିଆଇବି ପକ୍ଷରୁ ଗଣମାଧ୍ୟମ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୩/୮ (ନି.ପ୍ର): କୋଭିଡ ମହାମାରୀର ସମ୍ଭାବ୍ୟ ତୃତୀୟ ଲହରୀ ମୁକାବିଲା ପାଇଁ ସମସ୍ତଙ୍କୁ ସତର୍କ ରହିବାର ଆବଶ୍ୟକତା ରହିଛି। କୋଭିଡ ଉପଯୁକ୍ତ ବ୍ୟବହାର ଅନୁପାଳନ ସହିତ ସମସ୍ତେ ଟିକା ନେବା ଜରୁରି ବୋଲି ୟୁନିସେଫ, ଓଡ଼ିଶା ଏବଂ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ ଆୟୋଜିତ ଗଣମାଧ୍ୟମ ସଚେତନତା କାର୍ଯ୍ୟକ୍ରମରେ ବିଷୟ ବିଶେଷଜ୍ଞ ଓ ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଛନ୍ତି। ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ସୁନ୍ଦରଗଡ଼, ଗଜପତି, କନ୍ଧମାଳ ପାଇଁ କୋଭିଡ ଉପରେ ଏହି ଗଣମାଧ୍ୟମ ସଚେତନତା କର୍ମଶାଳା ଆୟୋଜନ କରାଯାଇଥିଲା। ଭର୍ଚୁଆଲ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପତ୍ର ସୂଚନା କାର୍ଯ୍ୟାଳୟ ଏବଂ ଆଂଚଳିକ ଜନ ସମ୍ପର୍କ କାର୍ଯ୍ୟାଳୟର ଓଡ଼ିଶା ପ୍ରାନ୍ତ ଅତିରିକ୍ତ ମହାନିର୍ଦ୍ଦେଶକ ରାଜିନ୍ଦର ଚୌଧୁରୀ, ଆଂଚଳିକ ଜନ ସମ୍ପର୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର, ୟୁନିସେଫ ଓଡ଼ିଶାର ସିଏପି ବିଶେଷଜ୍ଞ ରାଧିକା ଶ୍ରୀବାସ୍ତବ, ଏସଇପିଆଇଓ ଡା. ତାପସ, ଗଜପତି ଜିଲ୍ଲାର ପୂର୍ବତନ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମୁନୀର, କୋରାପୁଟ ଜିଲ୍ଲା ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ନୀଳମାଧବ ଶତପଥୀ, ୟୁନିସେଫ ଓଡ଼ିଶାର ଡା. ଅନୀଲ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଏଡିଜି ଶ୍ରୀ ଚୌଧୁରୀ କହିଥିଲେ ଯେ ବର୍ତ୍ତମାନ ଆମେରିକା, ବ୍ରିଟେନ ଭଳି ଦେଶରେ କରୋନା ସଂକ୍ରମଣ ବୃଦ୍ଧି ପାଇଛି, କିନ୍ତୁ ମୃତ୍ୟୁସଂଖ୍ୟା କମ ରହିଛି, ଏହାର କାରଣ ହେଉଛି ଟିକାକରଣରେ ପ୍ରସାର। ଏହାକୁ ବୁଝିବାର ଆବଶ୍ୟକତା ରହିଛି। ଟିକାକରଣ ଜୀବନ ବଂଚାଇଥାଏ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଅନ୍ୟ ଅତିଥିମାନେ ମଧ୍ୟ କରୋନା ସଂକ୍ରମଣକୁ ପ୍ରତିହତ କରିବା ଏବଂ ଟିକାକରଣ ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀମାନେ ଅଂଶଗ୍ରହଣ କରିଥିଲେ।

# ଭାରତୀୟ ଶିଳ୍ପ ମହାସଂଘର ବାର୍ଷିକ ବୈଠକ

ନୂଆଦିଲ୍ଲୀ/ଭୁବନେଶ୍ୱର,୧୩/୮ (ନି.ପ୍ର): ଆମେ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରିବା ବେଳେ ଆମେ ସମସ୍ତେ ଏକାଠି ହୋଇ ଯୁବପିଢ଼ିଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଦରକାର। କାରଣ ଯୁବପିଢିମାନେ ହିଁ ଭାରତର ନେତୃତ୍ୱ ନେଇ ଆତ୍ମନିର୍ଭର ଭାରତର ଲକ୍ଷ୍ୟକୁ ହାସଲ କରିପାରିବେ। ଏହି ଲକ୍ଷ୍ୟ ଆଧାରରେ ଭାରତ ଦ୍ରୁତ ଅର୍ଥନୀତି ଅଭିବୃଦ୍ଧିର ସାକ୍ଷୀ ହେବ ଏବଂ ବିଶ୍ୱ ଅଭିବୃଦ୍ଧିର ଇଞ୍ଜିନ ହେବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଭାରତୀୟ ଶିଳ୍ପ ମହାସଂଘର(ସିଆଇଆଇ)ର ବାର୍ଷିକ ସମାରୋହରେ ନିଯୁକ୍ତି ସୃଷ୍ଟି ଏବଂ ଉଦ୍ୟମିତା – ଜୀବିକା ପାଇଁ ଆଗକୁ ବଢିବା ବିଷୟ ଉପରେ ଆୟୋଜିତ ଭର୍ଚୁଆଲ ଆଲୋଚନାରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତର ଅର୍ଥନୀତି ଦ୍ରୁତଗତିରେ ଆଗକୁ ବଢୁଛି ଏବଂ ଦେଶର ଭବିଷ୍ୟତ ଉଜ୍ଜ୍ୱଳ ଦେଖାଯାଉଛି। ଅର୍ଥନୀତିକୁ ଆଗକୁ ବଢ଼ାଇବା ସହ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ପାଇଁ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦେବାକୁ ହେବ। ଆମ ଯୁବପିଢ଼ିଙ୍କୁ ଏକବିଂଶ ଶତାବ୍ଦୀର ଦକ୍ଷତା ସହ ପ୍ରସ୍ତୁତ କରିବା ପାଇଁ ନିରନ୍ତର ଉଦ୍ୟମ ଜାରୀ ରହିଛି। ଜାତୀୟ ଶିକ୍ଷା ନୀତି ୨୦୨୦ରେ ଭାରତ ସରକାର ଭବିଷ୍ୟତର ମାନବସମ୍ବଳ ପ୍ରସ୍ତୁତ କରିବା ପାଇଁ ଶିକ୍ଷା ଏବଂ ଦକ୍ଷତା ମଧ୍ୟରେ ସମନ୍ୱୟ ରଖିବା ପାଇଁ କାର୍ଯ୍ୟ କରୁଛନ୍ତି। ଜାତୀୟ ଶିକ୍ଷା ନୀତି ଏକ ସୁଦୃଢ଼ ଶିକ୍ଷା ପରିସଂସ୍ଥାନ ପ୍ରସ୍ତୁତ କରିବାରେ ବଡ଼ ଯୋଗଦାନ ରଖିବ ଏବଂ ଅର୍ଥନୀତି ଅଭିବୃଦ୍ଧିରେ ସହାୟକ ହେବ। ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ଟେକ୍ନୋଲୋଜି ସମାଜକୁ ପୁନଃରୂପ ଦେଇଥାଏ। ଟେକ୍ନୋଲୋଜି ସହଯୋଗରେ ଆମର ଶିକ୍ଷକମାନେ ରି-ସ୍କିଲ ଏବଂ ଅପ-ସ୍କିଲ୍ କରିବା ଦରକାର। ଅପରପକ୍ଷରେ ମହାମାରୀ କାରଣରୁ ଶିକ୍ଷାନୁଷ୍ଠାନ ଏବଂ ଦକ୍ଷତା ବିକାଶ କେନ୍ଦ୍ର ପ୍ରଭାବିତ ହୋଇଥିବା ବେଳେ ସରକାର ଡ଼ିଜିଟାଲ ଶିକ୍ଷାକୁ ବିକଶିତ କରି ଶିକ୍ଷାର ନିରନ୍ତରକୁ ସୁନିଶ୍ଚିତ କରିଛନ୍ତି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

# ଓବିସି ଓ ଏସ୍‌ଇବିସିମାନଙ୍କ ସହିତ ପ୍ରତାରଣା କରିଛନ୍ତି ରାଜ୍ୟ ସରକାର : ବିଜେପି

ଭୁବନେଶ୍ୱର,୧୩/୮ (ନି.ପ୍ର): ଗତକାଲି ଲୋକସଭା ଓ ରାଜ୍ୟସଭାରେ ଦେଶର ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣକୁ ଲାଗୁ କରିବା ପାଇଁ ଏହି ବିଲ୍ ପାସ୍ ହୋଇଛି। ସ୍ୱାଧୀନତାର ୭୦ବର୍ଷ ବିତି ଯାଇଥିଲେ ମଧ ଏହି ବିଲ୍‌କୁ ଠିକ୍ ଢଙ୍ଗରେ ପାରିତ କରିବା ଏବଂ କାର୍ଯ୍ୟକାରୀ କରିବା ଦିଗରେ ପୂର୍ବ ସରକାରମାନଙ୍କର ଆନ୍ତରିକତାର ଅଭାବ ରହିଥିଲା। ବର୍ତମାନ ରାଜ୍ୟ ସରକାର ତୁରନ୍ତ ଓବିସିମାନଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରନ୍ତୁ ବୋଲି ରାଜ୍ୟ ମୁଖପାତ୍ର ଶ୍ରୀମତୀ ସୋନାଲୀ ସାହୁ ଦାବି କରିଛନ୍ତି। ଓଡିଶାରେ ୨୨ବର୍ଷ ଧରି ଏକ ସ୍ଥାୟୀ ସରକାର ରହିଛି କିନ୍ତୁ ରାଜ୍ୟରେ ଓବିସି ଏବେ ବି ଅବହେଳିତ। ଏଥିପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ସ୍ପଷ୍ଟ ପରିଲକ୍ଷିତ ହେଉଛି। ୧୯୮୦ ମସିହାରେ ବି.ପି. ମଣ୍ଡଳଙ୍କ ନେତୃତ୍ୱରେ ଗଠିତ ମଣ୍ଡଳ କମିଶନ ପ୍ରଦାନ କରିଥିବା ରିପୋର୍ଟରେ ୨୭ ପ୍ରତିଶତ ସଂରକ୍ଷଣ ଦେବା କଥା ଉଲ୍ଲେଖ ଥିଲା। ୧୯୯୦ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଭି.ପି. ସିଂହ ଓବିସି ସଂରକ୍ଷଣ ଲାଗୁ କରିବା ପାଇଁ କହିଥିଲେ। କିନ୍ତୁ ଦୁର୍ଭାଗ୍ୟର କଥା ଯେ ୧୯୯୧ ମସିହାରେ ତତ୍କାଳୀନ ଓଡିଶାର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓବିସି ମାନଙ୍କୁ ତାଙ୍କ ଅଧିକାରରୁ ବଂଚିତ ଓ ସାମ୍ବିଧାନିକ ଅଧିକାରକୁ ଛଡାଇନେବା ପାଇଁ ଚକ୍ରାନ୍ତ କରି ସୁପ୍ରିମକୋର୍ଟକୁ ଯାଇଥିଲେ। ୧୯୯୦ ମସିହାରୁ ଆଜି ପର୍ଯ୍ୟନ୍ତ ସାମ୍ବିଧାନିକ ଅଧିକାର ପାଇଁ ଆଜି ମଧ ସରକାରଙ୍କ ସହ ପଛୁଆ ବର୍ଗର ଲୋକେ ଲଢେଇ କରୁଛନ୍ତି। ପିତାଙ୍କ ନୀତି ଅନୁସରଣ କରି ବର୍ତମାନର ନବୀନ ପଟ୍ଟନାୟକ ନେତୃତ୍ୱାଧିନ ରାଜ୍ୟ ସରକାର ମଧ ଏହି ନିଷ୍ପତି ବିରୁଦ୍ଧରେ ଯାଉଛନ୍ତି। ଯେଉଁମାନେ ସାମାଜିକ ଆର୍ଥିକ ଦୃଷ୍ଟିରେ ପଛୁଆ ରହୁଛନ୍ତି ସେମାନେ ସବୁବେଳେ ପଛୁଆ ହୋଇ ରୁହନ୍ତୁ। ଏହା ହେଉଛି ରାଜ୍ୟ ସରକାରଙ୍କ ପ୍ରକୃତ ମାନସିକତା। ତେଣୁ ୩ ଦଶନ୍ଧି ଧରି ଏହି ସାମ୍ବିଧାନିକ ଅଧିକାର ପାଇଁ ପଛୁଆ ବର୍ଗ ଲୋକମାନେ ଲଢେଇ ଜାରୀ ରଖିଛନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀ ପଛୁଆ ଏବଂ ଏସ୍‌ଇବିସି ବର୍ଗର ଲୋକମାନଙ୍କୁ ଏହି ଅଧିକାର ଦେଇ ଏହା ପ୍ରମାଣିତ କରିଛନ୍ତି ଯେ, ସମସ୍ତଙ୍କୁ ସାଙ୍ଗରେ ନେଇ ସମସ୍ତଙ୍କ ବିକାଶ ହେଉଛି ବିଜେପି ସରକାରର ଲକ୍ଷ୍ୟ। ଦୁର୍ଭାଗ୍ୟର କଥା ରାଜ୍ୟ ସରକାର ଗୋଟିଏ ପଟେ ସଂସଦରେ ସମର୍ଥନ ଦେଲେ ଅପରପକ୍ଷରେ ଆଉ ଏକ ଚକ୍ରାନ୍ତ ସୃଷ୍ଟି କରି ପଛୁଆ ବର୍ଗ ଲୋକମାନଙ୍କୁ ତାଙ୍କ ନ୍ୟାର୍ଯ୍ୟ ହକ୍ ପ୍ରଦାନ କରିବାରୁ ବଂଚିତ କରୁଛନ୍ତି। ଏଥିରୁ ରାଜ୍ୟସରକାରଙ୍କ ଦୋମୁହାଁ ନୀତି ଦର୍ଶାଉଛି। ଓଡିଶାରେ ୫୨ ପ୍ରତିଶତରୁ ଅଧିକ ଓବିସି ବର୍ଗ ଲୋକ ବାସ କରିଛନ୍ତି। ସେମାନଙ୍କଠାରୁ ତାଙ୍କ ନ୍ୟାର୍ଯ୍ୟ ହକ୍ ଛଡାଇ ନେଇ ରାଜ୍ୟ ସରକାର ମହାପାପ କରୁଛନ୍ତି ବୋଲି ଶ୍ରୀମତୀ ସାହୁ କହିଛନ୍ତି। ଏହି ଅବସରରେ ରାଜ୍ୟ ମିଡିଆ ପ୍ରମୁଖ ଦିଲୀପ ମଲ୍ଲିକ ଉପସ୍ଥିତ ଥିଲେ।

# ଯୁବ ରେଡକ୍ରସ୍ କାଉନସେଲରମାନଙ୍କ ରିଫ୍ରେସର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭୁବନେଶ୍ୱର,୧୩/୮ (ନି.ପ୍ର): ଭାରତୀୟ ରେଡକ୍ରସ୍ ସୋସାଇଟି, ଓଡିଶା ରାଜ୍ୟ ଶାଖାର ଅବୈତନିକ ସଚିବ ସିଟିଏମ୍. ସୁଗୁଣାଙ୍କ ତତ୍ତ୍ୱାବଧାନରେ ତିନି ଦିବସୀୟ ଯୁବ ରେଡକ୍ରସ୍ ପରାମର୍ଶଦାତାମାନଙ୍କ ପୁନଃପ୍ରଶିକ୍ଷଣ (ରିଫ୍ରେସର) କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ରେଡକ୍ରସ୍‌ର ପ୍ରମୁଖ କାର୍ଯ୍ୟକ୍ରମ ଗୁଡିକୁ ବଳବତର ଓ କାର୍ଯ୍ୟକ୍ଷମ କରିବା ସହିତ ତାଲିମପ୍ରାପ୍ତ ଯୁବ ରେଡ଼କ୍ରସ କାଉନସେଲର ମାନେ ଯୁବ ରେଡ଼କ୍ରସ୍ ସ୍ୱେଚ୍ଛାସେବୀ ମାନଙ୍କୁ ଉପଯୁକ୍ତ ଦିଗଦର୍ଶନ ଦେଇପାରିବେ। ତତ୍‌ସହିତ ସେମାନଙ୍କର ସାମାଜିକ କର୍ତବ୍ୟ ଓ ଦାୟିତ୍ୱବୋଧ ଦିଗରେ ସହାୟକ ହୋଇପାରିବେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗର ରାଜ୍ୟ ନୋଡାଲ ଅଫିସର ତଥା ଉପସଚିବ ଡ. ରମେଶ ଚନ୍ଦ୍ର ବେହେରା, ଯୋଗ ଦେଇ ନିଜର ଉତ୍ସାହ ଜନକ ଶବ୍ଦରେ ସମର୍ପିତ ଶିକ୍ଷକମାନଙ୍କୁ ଉପଯୁକ୍ତ ସେବକ ଭାବରେ ଅଭିହିତ କରିଥିଲେ। ଯୁବ ରେଡକ୍ରସ କାର୍ଯ୍ୟଧାରା ମାଧ୍ୟମରେ ପରାମର୍ଶଦାତାମାନେ ଯୁବଗୋଷ୍ଠିଙ୍କ ବ୍ୟକ୍ତିତ୍ୱ ନିର୍ମାଣ ସହିତ ରାଷ୍ଟ୍ର ପ୍ରଗତିରେ ସହାୟକ ହେବା ନିମନ୍ତେ ଆହ୍ୱାନ ଦେବା ସହିତ ସେମାନଙ୍କୁ ରାଷ୍ଟ୍ରଗଠନର ଆଧାର ଭାବରେ ଅଭିହିତ କରିଥିଲେ।

ଅନ୍ୟତମ ଅତିଥିଭାବେ କନିଷ୍ଠ ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ଭାରତୀୟ ରେଡକ୍ରସ୍, ଓଡିଶା ଶାଖାର କୋଷାଧ୍ୟକ୍ଷ ମେଜର ଡ. କଳ୍ପନା ଦାସ, ଅତିଥି ଭାବେ ଯୋଗଦେଇ ରେଡକ୍ରସ୍ କାର୍ଯ୍ୟକ୍ରମକୁ କର୍ତବ୍ୟ ନଭାବି ଜୀବନର ଲକ୍ଷ୍ୟ ଭାବେ ଗ୍ରହଣ କରିବାକୁ, ଅଂଶଗ୍ରହଣ କରିଥିବା ସମସ୍ତ କାଉନସେଲର ମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କାଉନସେଲର ଡ. ଉମାକାନ୍ତ ନାଗ, ଓ ଡ. ସୁକାନ୍ତି ମହାପାତ୍ର ନିଜସ୍ୱ ଅନୁଭୁତି ପ୍ରଦାନ କରିଥିଲେ ଏବଂ ଅତିଥି ମାନଙ୍କ ଦ୍ୱାରା କାଉନସେଲର ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଯୁବ ରେଡକ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ତଥା ଯୁବ ରେଡକ୍ରସ ର ବିଭିନ୍ନ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ।

# ମୌଳିକ ସମସ୍ୟା ନେଇ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟବିତ୍ତ ମହାସଂଘ ପକ୍ଷରୁ ସ୍ମାରକପତ୍ର

ଭୁବନେଶ୍ୱର,୧୩/୮ (ନି.ପ୍ର): ଆଜି ରାଷ୍ଟ୍ରୀୟ ମଧ୍ୟବିତ ପରିବାର ମହାସଂଘ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ମହାସଂଘର ରାଷ୍ଟ୍ରୀୟ ସଭାପତି ପ୍ରଦୀପ ମିଶ୍ରଙ୍କ ନେତୃତ୍ୱରେ ଏକ ଚାରିଜଣିଆ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଧ୍ୟବିତ ବର୍ଗଙ୍କ ବିଭିନ୍ନ ମୌଳିକ ସମସ୍ୟା ସମ୍ବଳିତ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। କରୋନା ମହାମାରୀ ସମୟରେ ଜୀବନ ଜୀବିକା ହରାଇ ଭୋକ ଉପାସରେ ରହିଥିବା ମଧ୍ୟବିତ ଶ୍ରେଣୀର ଲୋକଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୌଣସି ସାହାଯ୍ୟ ସହଯୋଗ ନକରିବା ଓ ସମସ୍ତ ସରକାରୀ ଯୋଜନାରେ ମଧ୍ୟବିତ ବର୍ଗଙ୍କୁ ସରକାର ଅଣଦେଖା କରୁଥିବା ମହାସଂଘର ସଭାପତି ପ୍ରଦୀପ ମିଶ୍ର ଅଭିଯୋଗ କରିଛନ୍ତି। ମଧ୍ୟବିତ ବର୍ଗଙ୍କୁ ସାମାଜିକ ସମାନତା ଓ ଆର୍ଥିକ ସୁରକ୍ଷାକୁ ଅଗ୍ରାଧିକାର ଦେବା ସହିତ ମଧ୍ୟବିତ ବର୍ଗଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତି ଚିହ୍ନଟ ପାଇଁ ଥିବା ଆଇନକୁ ତର୍ଜମା କରି ନୂତନ ଆଇନ ପ୍ରଣୟନ କରିବା, ଭାରତବର୍ଷରେ ଥିବା ମଧ୍ୟବିତ ବର୍ଗଙ୍କ ସଂଖ୍ୟା ନିରୂପଣ କରିବା, ଦେଶରେ ମଧ୍ୟବିତ କମିଶନ ଗଠନ କରିବା, ଶିକ୍ଷା ଓ ସରକାରୀ ଚାକିରୀ କ୍ଷେତ୍ରରେ ମଧ୍ୟବିତ ବର୍ଗଙ୍କ ପାଇଁ ୧୨ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବା ସହିତ ସମସ୍ତ ମଧ୍ୟବିତ ପିରବାରମାନଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ନିକଟରେ ମଧ୍ୟବିତ ପରିବାର ମହାସଂଘର ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ କେ. ବାଲାରାଜୁ ଆଚାରୀ ଦାବି କରିଛନ୍ତି।

# ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ କିନ୍ନରଙ୍କ ପାଇଁ କୋଭିଡ-୧୯ ଟିକା ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୩/୮ (ନି.ପ୍ର): ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୁରୁବାର ଭୁବନେଶ୍ୱରର ଭରତପୁର ବସ୍ତିଠାରେ ଟ୍ରାନ୍ସଜେଣ୍ଡର ସମ୍ପ୍ରଦାୟ ମଧ୍ୟରେ କୋଭିଡ ୧୯ ଟିକା ଗ୍ରହଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କୁଳପତି, ପ୍ରଫେସର ଡ଼ଃ ସବିତା ଆଚାର୍ଯ୍ୟ କର୍ମଶାଳାର ଉଦଘାଟନ କରିଥିଲେ। କର୍ମଶାଳାରେ ଭରତପୁର ଟ୍ରାନ୍ସଜେଣ୍ଡର ଗୋଷ୍ଠୀ ମୁଖ୍ୟ ସୁଶ୍ରୀ ଆୟେଶା ପଣ୍ଡାଙ୍କ ନେତୃତ୍ୱରେ ପାଖାପାଖି ୩୦ ଟ୍ରାନ୍ସଜେଣ୍ଡର ଯୋଗଦେଇଥିଲେ। ପ୍ରଫେସର ଆଚାର୍ଯ୍ୟ କହିଥିଲେଯେ, ଉତ୍କଳ ବିଶ୍ୱବିଦ୍ୟାଳୟ ଏହାର ଶିକ୍ଷା ଏବଂ ଜ୍ଞାନକୁ ବିଶ୍ୱବିଦ୍ୟାଳୟର ସୀମା ବାହାରକୁ ନେଇ ସମାଜର ମଙ୍ଗଳରେ ପ୍ରୟୋଗ କରିବାକୁ ଚାହୁଁଛି ଏବଂ ଏହି କାର୍ଯ୍ୟକ୍ରମ ହେଉଛି ଏହି ପ୍ରୟାସର ଏକ ଛୋଟ ଅଂଶ। ସେ ଅଂଶଗ୍ରହଣକାରୀ ମାନଙ୍କୁ କୋଭିଡ୍ ଉପଯୁକ୍ତ ଆଚରଣ ଅଭ୍ୟାସ କରିବାକୁ ଅନୁରୋଧ କରିଥିଲେ ଯେପରିକି ମାସ୍କ ପିନ୍ଧିବା ଏବଂ ହାତ ଧୋଇବା। ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଡକ୍ଟର ଜୟସିଂହ କ୍ଷତ୍ରି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, 'ଲକଡାଉନ ଲୋକମାନଙ୍କରଜୀବିକା ତଥା ରୋଜଗାର ଉପରେ କଡ଼ା ପ୍ରଭାବ ପକାଇଛି। ଲକଡାଉନ ଦୀର୍ଘସ୍ଥାୟୀ ସମାଧାନ ନୁହେଁ, ଟୀକା ସମାଧାନ ଅଟେ। ବିତରଣ ପ୍ରଣାଳୀ, ପାର୍ଶ୍ୱ ପ୍ରତିକ୍ରିୟା, ଟିକା ସମ୍ବନ୍ଧରେ ସାଧାରଣ ଭୁଲ ଧାରଣା ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ଟ୍ରାନ୍ସକମ୍ୟୁନିଟି ନେତ୍ରୀ ସୁଶ୍ରୀ ଆୟଶା ପଣ୍ଡା କହିଥିଲେ, 'ଟ୍ରାନ୍ସଜେଣ୍ଡରମାନେ ଏକ ଅବହେଳିତ ସମ୍ପ୍ରଦାୟ। ମହାମାରୀ ସମୟରେ ଆମମାନଙ୍କ ମଧ୍ୟରୁ ଅନେକ ଜୀବିକା ହରାଇଛନ୍ତି। ଟୀକା ସମ୍ବନ୍ଧରେ ଆମ ସମାଜରେ ସଚେତନତାର ଅଭାବ ରହିଛି। ୨୦୧୧ ଜନଗଣନା ଅନୁଯାୟୀ, ଭାରତରେ ୪.୮୭ ଲକ୍ଷ ଟ୍ରାନ୍ସଜେଣ୍ଡର ବ୍ୟକ୍ତି ଅଛନ୍ତି। କିନ୍ତୁ ବର୍ତ୍ତମାନର ସରକାରୀ ତଥ୍ୟ ଅନୁଯାୟୀ, କେବଳ ୨୫,୪୬୮ (୫. ୨୨ପ୍ରତିଶତ) ବ୍ୟକ୍ତିଙ୍କୁ ଟୀକାକରଣ କରାଯାଇଛି। ଏହା ପଛରେ ଅନେକ କାରଣ ରହିଛି। ଟ୍ରାନ୍ସ ସମ୍ପ୍ରଦାୟ ମଧ୍ୟରେ ଟିକା ଦ୍ୱିଧା ରହିଛି। ଆବଶ୍ୟକୀୟ ସୂଚନା, ସଚେତନତା ଏବଂ ସମର୍ଥନର ଅଭାବ ଏହି ଦ୍ୱିଧା ପଛରେ ଥିବା ଏକ ବଡ଼କାରଣ। ଏହା ସହିତ ଟ୍ରାନ୍ସ ସମ୍ପ୍ରଦାୟରେ ଟିକା ଦ୍ୱିଧା ପଛରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି ଯୌନ ପୁନର୍ନିର୍ମାଣ ସର୍ଜରୀ ଏବଂ ହରମୋନ ରିପ୍ଲେସମେଂଟ ଥେରାପିର ଜଟିଳତା।

# ଆଜାଦି କା ଅମୃତ ମହୋତ୍ସବ:ରାଷ୍ଟ୍ରଗାନ ଭିଡ଼ିଓ ରେକର୍ଡିଂ ଆପ୍‌ଲୋଡ୍ ଓ ପ୍ରମାଣପତ୍ର ସଂଗ୍ରହ ଅଭିଯାନ

ଭୁବନେଶ୍ୱର,୧୩/୮ (ନି.ପ୍ର): ଆଜାଦି କା ଅମୃତ ମହୋତ୍ସବ ଉପଲକ୍ଷେ ରାଷ୍ଟ୍ରଗାନ ଭିଡ଼ିଓ ରେକର୍ଡ଼ି କରି ଅପ୍‌ଲୋଡ୍ କଲେ ଏହି ଅଭିଯାନରେ ସାମିଲ ଥିବା ଏକ ପ୍ରମାଣପତ୍ର ଡାଉନ୍‌ଲୋଡ୍ କରି ସଂଗ୍ରହ କରିବାର ସୁଯୋଗ ଦିଆଯାଇଛି। ଏ ସଂକ୍ରାନ୍ତରେ ଏକ ପୋର୍ଟାଲ ବିକଶିତ କରି ସର୍ବସାଧାରଣଙ୍କ ମଧ୍ୟରେ ବହୁଳ ଭାବେ ପ୍ରସାରିତ କରାଯାଇଛି। ଏଥିରେ ୪ଟି ପର୍ଯ୍ୟାୟ ରହିଛି। ପ୍ରଥମରେ ନିଜ ନାମ, ଦ୍ୱିତୀୟରେ ଦଣ୍ଡାୟମାନ ମୁଦ୍ରାରେ ରାଷ୍ଟ୍ରଗାନ ଗାଇବାର ଭିଡ଼ିଓ ରେକର୍ଡ଼ି କରିବା, ତୃତୀୟ ପର୍ଯ୍ୟାୟରେ ଏହି ଭିଡ଼ିଓକୁ ଅପ୍‌ଲୋଡ୍‌କରିବା ଏବଂ ଚତୁର୍ଥରେ ନିଜ ନାମ ସମ୍ବଳିତ ଏକ ପ୍ରମାଣପତ୍ର ଡାଉନ୍‌ଲୋଡ୍‌କରି ସଂଗ୍ରହ କରିବା ରହିଛି। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏହି ପ୍ରମାଣପତ୍ର ଅନ୍‌ଲାଇନ୍‌ରେ ତତ୍‌କ୍ଷଣାତ୍ ପ୍ରଦାନ କରିବାର ପ୍ରାବଧାନ କରିଛି। ଏହି ଅଭିଯାନରେ ଅଧିକରୁ ଅଧିକ ସଂଖ୍ୟାରେ ସାମିଲ ହୋଇ ରାଷ୍ଟ୍ରୀୟ ଏକତା ପ୍ରଦର୍ଶନ କରିବାକୁ ଆହ୍ୱାନ କରାଯାଇଛି। ଏହିଅଭିଯାନରେ ସାମିଲ ହେବାକୁରାଜ୍ୟ ସଂସ୍କୃତିବିଭାଗ ତରଫରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଏହା ଆସନ୍ତା ଅଗଷ୍ଟ ୧୪ ତାରିଖ କିମ୍ବା ତା'ପୂର୍ବରୁ ଅପ୍‌ଲୋଡ୍ କରାଯାଇପାରିବ।

# ବନ ଉନ୍ନୟନ ନିଗମ ପକ୍ଷରୁ ରାଜ୍ୟ ସରକାରଙ୍କୁ ୧.୫୮ କୋଟି ଟଙ୍କାର ଲାଭାଂଶ ପ୍ରଦାନ

ଭୁବନେଶ୍ୱର,୧୩/୮ (ନି.ପ୍ର): ଓଡିଶା ବନ ଉନ୍ନୟନ ନିଗମ ପକ୍ଷରୁ ଗୁରୁବାର ରାଜ୍ୟ ସରକାରଙ୍କୁ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୧ କୋଟି ୫୮ ଲକ୍ଷ ୧୩ ହଜାର ୧୭୫ ଟଙ୍କାର ଲାଭାଂଶ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନିଗମର ପରିଚାଳନା ନିର୍ଦ୍ଦେଶକ ରାଜୀବ କୁମାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଏହି ପରିମାଣରେ ଚେକ୍ ପ୍ରଦାନ କରିଥିଲେ। ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ମୋନା ଶର୍ମା ସ୍ୱାଗତ ଭାଷଣ ଦେଇ ନିଗମର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ନିଗମର ଅଧ୍ୟକ୍ଷ ପରାଗ ଗୁପ୍ତା, ଉନ୍ନୟନ କମିଶନର ପି.କେ. ଜେନା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ।

# ସଂରକ୍ଷଣ ସୀମା ୫୦%ରୁ ଉର୍ଦ୍ଧ୍ୱ କରିବା ପାଇଁ ଚାପ ପକାଉ ବିଜେପି: ବିଜେଡି

ଭୁବନେଶ୍ୱର,୧୩/୮ (ନି.ପ୍ର): ଗତକାଲି ବିଜେଡି ସାଂସଦମାନେ ଭାରତର ମାନ୍ୟବର କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଭେଟି ଏକ କେନ୍ଦ୍ରୀୟ ଆଇନ୍ ଦାବି କରିଛନ୍ତି ଯେଉଁଥିରେ ସଂରକ୍ଷଣ ସୀମାକୁ ୫୦%ରୁ ଉର୍ଦ୍ଧ୍ୱ କରାଗଲେ ଓଡିଶା ସରକାର ଓବିସି ବର୍ଗଙ୍କ ପାଇଁ ଅଧିକ ସଂରକ୍ଷଣ କରିପାରିବେ। ସୁପ୍ରିମକୋର୍ଟ ତାଙ୍କ ରାୟରେ ସଂରକ୍ଷଣ ସୀମାକୁ ୫୦% ମଧ୍ୟରେ ସୀମିତ ରଖିଥିବା କହିଛନ୍ତି ବିଜେଡି ପ୍ରବକ୍ତା ଇପ୍ସିତା ସାହୁ।

ବିଜେପି ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ବିଜେଡି ପ୍ରବକ୍ତା ସୁଶ୍ରୀ ସାହୁ କହିଛନ୍ତି ଯେ ମିଥ୍ୟା ଓ ବିଭ୍ରାନ୍ତିକର ବିବୃତି ଦେବା ପରିବର୍ତେ ଓଡିଶା ବିଜେପି ନିଜ ଦଳ ପରିଚାଳିତ କେନ୍ଦ୍ର ସରକାରଙ୍କୁ ତୁରନ୍ତ ଏକ କେନ୍ଦ୍ରୀୟ ଆଇନ ଆଣିବାକୁ ଅନୁରୋଧ କରିବା ଉଚିତଯେଉଁଥିରେ ସଂରକ୍ଷଣ ସୀମା ୫୦%ରୁ ଅଧିକ ରହିବ ଓ ଓଡିଶା ସରକାର ଓବିସିମାନଙ୍କୁ ସମ୍ପୂର୍ଣ୍ଣ ଭାବେ ସଂରକ୍ଷଣ ସୁବିଧା ଦେଇପାରିବେ। ଏହି କେନ୍ଦ୍ରୀୟ ଆଇନ୍ ଆଣିବାରେ ବିଳମ୍ବ ହେତୁ ଯଦିଓ ଓଡିଶା ସରକାର ଚାହୁଁଛନ୍ତି, କିନ୍ତୁ ଓବିସି ସଂରକ୍ଷଣ କାର୍ଯ୍ୟକାରୀ କରିବାରେ ସମର୍ଥ ହୋଇପାରୁ ନାହାନ୍ତି। ବିଜେପି ରାଜ୍ୟର ଓବିସି ଲୋକଙ୍କ ଭାବନାକୁ ନେଇ ଶସ୍ତା ରାଜନୀତି ବନ୍ଦ କରୁ। ସେମାନେ ନିଜ ଦଳ ପରିଚାଳିତ କେନ୍ଦ୍ର ସରକାରଙ୍କୁ ସଂରକ୍ଷଣ ସୀମା ୫୦ ପ୍ରତିଶତରୁ ଅଧିକ ବୃଦ୍ଧି କରିବା ଏବଂ ଓବିସିଙ୍କ ପାଇଁ ଜାତି ଭିତିକ ଗଣନା ତୁରନ୍ତ କରିବାକୁ କୁହନ୍ତୁ ସୁଶ୍ରୀ ସାହୁ କହିଛନ୍ତି।

# ନିର୍ଭୁଲ ଚାଷୀ ନାମ ପଞ୍ଜୀକରଣ ଓ ଯାଂଚ ପ୍ରକ୍ରିୟା ଉପରେ ଯୋଗାଣ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,୧୩/୮ (ନି.ପ୍ର): ଚଳିତ ଖରିଫରେ ଧାନ ସଂଗ୍ରହ ନିମନ୍ତେ ଚାଷୀମାନଙ୍କ ନାମ ପଞ୍ଜୀକରଣ ଓ ଏହାର ଯାଂଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଏକ ନିର୍ଭୁଲ ଚାଷୀ ନାମ ପଞ୍ଜୀକରଣ ତାଲିକା ପ୍ରସ୍ତୁତ କରିବା ପାଇଁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆଜି ଲୋକସେବା ଭବନଠାରେ ଆୟୋଜିତ ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଚାଷୀ ନାମ ପଞ୍ଜୀକରଣର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ବୈଠକରେ ସୂଚନା ଅନୁଯାୟୀ ଅଗଷ୍ଟ ୧୧ ତାରିଖ ସୁଦ୍ଧା ରାଜ୍ୟରେ ମୋଟ ୭ ଲକ୍ଷ ୭୨ ହଜାର ୫୪୪ ଜଣ ଚାଷୀ ଖରିଫ ଧାନ ବିକ୍ରି ନିମନ୍ତେ ନାମ ପଞ୍ଜୀକରଣ କରିଛନ୍ତି। ସୂଚନାଯୋଗ୍ୟ ଯେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ଚଳିତ ଖରିଫରେ ଧାନ ବିକ୍ରି ନିମନ୍ତେ ଇଚ୍ଛୁକ ଚାଷୀମାନଙ୍କୁ ନୂତନ ଭାବେ ସେମାନଙ୍କ ନାମ ନିକଟସ୍ଥ ସୋସାଇଟିରେ କରିବା ଆବଶ୍ୟକ। ଚାଷୀମାନେ ଯେପରି ସୁବିଧାରେ ସେମାନଙ୍କର ନାମପଞ୍ଜୀକରଣ କରିପାରିବେ ସେଥି ନିମନ୍ତେ ପ୍ରତ୍ୟେକ ସୋସାଇଟିରେ ଏକ ହେଲ୍ପଡେସ୍କର ବ୍ୟବସ୍ଥା କରାଯାଇଛି। ହେଲ୍ପଡେସ୍କଗୁଡ଼ିକ କିପରି ଚାଷୀମାନଙ୍କୁ ନାମ ପଞ୍ଜୀକରଣରେ ସହାୟକ ହୋଇପାରିଛି ସେ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମୀକ୍ଷା କରିଥିଲେ। ଏଥିସହିତ ନାମ ପଞ୍ଜୀକରଣ ଓ ଯାଂଚ ସମ୍ପର୍କିତ କୌଣସି ଆପତି ଅଭିଯୋଗର ତୁରନ୍ତ ସମାଧାନ କରିବା ପାଇଁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏକ ନିର୍ଭୁଲ ଚାଷୀପଞ୍ଜୀକରଣ ତାଲିକା ପ୍ରସ୍ତୁତ କରିବା ପାଇଁ ଯାଂଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଦିଗରେ ବିଭାଗ ପକ୍ଷରୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି। ଚାଷୀମାନେ ଦେଇଥିବା ତଥ୍ୟ ଅନୁସାରେ ସମ୍ପୃକ୍ତ ପ୍ଲଟ୍‌ରେ ଧାନଚାଷ କରାଯାଇଛି କି ନାହିଁ, ସେ ସମ୍ପର୍କରେ ପ୍ରକୃତ ତଥ୍ୟ ହାସଲ କରିବା ପାଇଁ ଚଳିତ ବର୍ଷ ବିଭାଗ ପକ୍ଷରୁ ଓଡ଼ିଶା ସ୍ପେସ୍ ଆପ୍ଲିକେସନ୍ ସେଂଟର(ଓରସାକ) ସହାୟତାରେ ସାଟେଲାଇଟ୍ ଇମେଜକୁ ବ୍ୟବହାର କରାଯାଉଛି। ଏହାକୁ ଚଳିତ ଖରିଫରେ ପାଇଲଟ ପ୍ରକଳ୍ପ ଭାବରେ ୭ଟି ଜିଲ୍ଲାରେ ଉପଯୋଗ କରାଯାଉଛି। ସାଟେଲାଇଟ ଠାରୁ ଉତୋଳିତ ଫଟୋଚିତ୍ରର ବିଶ୍ଳେଷଣ ମାଧ୍ୟମରେ ଧାନ ଚାଷ ସମ୍ପର୍କରେ ପ୍ରକୃତ ତଥ୍ୟ ସଂଗ୍ରହରେ ସହାୟକ ହୋଇପାରୁଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ସଚିବ ବୀରବିକ୍ରମ ଯାଦବ କହିଥିଲେ। ଓରସାକର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ବରିଷ୍ଠ ବୈଜ୍ଞାନିକ ଧାନଚାଷ ହୋଇଥିବା ଜମିର ବୈଜ୍ଞାନିକ ପ୍ରଣାଳୀରେ ଯାଂଚ କରିବା ପ୍ରକ୍ରିୟା ସମ୍ବନ୍ଧରେ ସବିଶେଷ ବିବରଣୀ ଉପସ୍ଥାପନ କରିଥିଲେ। ସାଟେଲାଇଟ ମାଧ୍ୟମରେ ଉତୋଳିତ ହେଉଥିବା ହାଇ ରିଜୋଲ୍ୟୁସନ ଫଟୋଚିତ୍ରକୁ ରାଜସ୍ୱ ବିଭାଗର କାଡାଷ୍ଟ୍ରାଲ ମ୍ୟାପ୍ ଓ ଜମିପଟ୍ଟା ସହିତ ଜିଓ ରେଫରେନ୍‌ସିଂ ମାଧ୍ୟମରେ ମେଳ କରାଯାଇ ଧାନଚାଷ ସମ୍ବନ୍ଧିତ ପ୍ଲଟ ଯାଂଚ କରାଯାଉଛି ବୋଲି ଓରସାକ୍ ତରଫରୁ ବୈଠକରେ ସୂଚନା ଦିଆଯାଇଥିଲା।

# ଜନସାଧାରଣଙ୍କ ଆବେଗ ସହିତ ପାଳନ ହେବ ଆଜାଦୀକା ଅମୃତ ମହୋତ୍ସବ

ଭୁବନେଶ୍ୱର,୧୩/୦୮(ନି.ପ୍ର): ଭାରତୀୟ ସ୍ୱାଧୀନତାର ୭୫ବର୍ଷପୂର୍ତ୍ତି କୁସ୍ମରଣ କରି ଆଜାଦୀକା ଅମୃତ ମହୋତ୍ସବରେ ବ୍ୟାପକ ଅଂଶଗ୍ରହଣ ଏବଂ ସଚେତନତାକୁ ନିଶ୍ଚିତ କରିବାକୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ମହୋତ୍ସବକୁ ସାମଗ୍ରିକ ଆବେଗ ମାଧ୍ୟମରେ ଜନଭାଗିଦାରୀ ଏବଂ ଜନଆନ୍ଦୋଳନ ଉତ୍ସବଭାବେ ପାଳନକରିବା ପାଇଁ ଏକାଧିକ ଅଭିନବକାର୍ଯ୍ୟକ୍ରମ ପ୍ରସ୍ତୁତକରିଛି। ଏହାର ଉଦ୍ଦେଶ୍ୟ ହେଉଛି ଏକନୂତ ନଭାରତ ଅଭିମୁଖେ ଯାତ୍ରାସମୟରେ ବଳିଦାନ ଏବଂ ଦେଶପ୍ରେମର ଆବେଗକୁ ମନେରଖିବାରେ ଲୋକଙ୍କ ଯୋଗଦାନକୁ ସୁନିଶ୍ଚିତ କରିବା। ଗଣମାଧ୍ୟମ ୟୁନିଟ୍ଭିନ୍ନମୋଡ୍ ଏବଂ ମାଧ୍ୟମ ଜରିଆରେ ସମଗ୍ର ଦେଶରେ ମିଳିତଭାବେ କାର୍ଯ୍ୟକ୍ରମ ପ୍ରସାରଣ କରିବେ। ମିଳିତକାର୍ଯ୍ୟକ୍ରମର ଏକ ମୁଖ୍ୟଦିଗହେଉଛି ସ୍ୱାଧୀନତା ସଂଗ୍ରାମର "ହଜିଯାଇଥିବା ହିରୋ"ଙ୍କ ସମେତ ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନକୁ ମନେପକାଇବା। ଅଲଇଣ୍ଡିଆ ରେଡିଓ ୧୬ ଅଗଷ୍ଟ ୨୦୨୧ ଠାରୁ ଜାତୀୟ ତଥା ଆଞ୍ଚଳିକ ଚ୍ୟାନେଲରେ ଏକ ଅଦ୍ୱିତୀୟ ଅଭିନବ କାର୍ଯ୍ୟକ୍ରମ "ଆଜାଦୀକା ସଫର ଆକାଶବାଣୀକେ ସାଥ" ଆରମ୍ଭକରିବ। ବିଶିଷ୍ଟସ୍ୱାଧୀନତାସଂଗ୍ରାମୀଙ୍କ ଉପରେ ଆଧାରିତ ଦୈନିକ ପାଞ୍ଚମିନିଟର କାର୍ଯ୍ୟକ୍ରମ ଏବଂ ପ୍ରମୁଖ ଐତିହାସିକ ଏବଂ ରାଜନୈତିକଘଟଣାବଳୀଉପରେ ଦୈନିକସକାଳ ୮:୨୦ରେ (ହିନ୍ଦୀ) ଏବଂ୮:୫୦ରେ (ଇଂରାଜୀ) ରେପ୍ରସାରିତ ହେବ । ଜନଭଗୀଦାରୀଙ୍କ ଆବେଗକୁ ଆଗେଇନେଇ ଆକାଶବାଣୀ ମଧ୍ୟ ଜାତୀୟ ତଥା ଆଞ୍ଚଳିକ ଅମୃତ ମହୋତ୍ସବ ବିଷୟବସ୍ତୁକୁ ଇଜ୍୧୬ ଅଗଷ୍ଟ୨୦୨୧ରୁ (ହିନ୍ଦୀରେ ସକାଳ ୮ଟାରୁ ୮:୩୦ ଏବଂ ଇଂରାଜୀରେ ସକାଳ ୮:୩୦ରୁ ୯ଟା) ଆୟୋଜନ କରିବ। ୧୬ଅଗଷ୍ଟ, ୨୦୨୧ଠାରୁ, ଦୂରଦର୍ଶନ ନେଟୱାର୍କ ଦୈନିକପାଞ୍ଚମିନିଟର କାର୍ଯ୍ୟକ୍ରମ ପ୍ରସାରଣ କରିବଏ ବଂ ସେହିଦିନର ପ୍ରମୁଖଐତିହାସିକ ତଥା ରାଜନୈତିକ ଘଟଣାଗୁଡ଼ିକର ସୂଚନା ଦେବ। ଏହିକାର୍ଯ୍ୟକ୍ର ମଡିଡିନିଉଜ ଦ୍ୱାରା ସକାଳ ୮:୫୫ ଏବଂ ଡିଡିଇଣ୍ଡିଆରେ ପ୍ରତିଦିନସକାଳ ୮:୩୦ରେ ପ୍ରସାରିତ ହେବ । ଦୂରଦର୍ଶନ ପକ୍ଷରୁ ବଳିଦାନର ଏବଂ ଦେଶଭକ୍ତିର ଆବେଗକୁ ନେଇ ଚଳଚ୍ଚିତ୍ରର ଏକ ତାଲିକା ପ୍ରସ୍ତୁତ କରାଯାଇଛି । ହିନ୍ଦୁସ୍ତାନ କି କସମ ଏବଂ ତିରଙ୍ଗା ପରିଚଳଚ୍ଚିତ୍ର ୧୫ ଅଗଷ୍ଟ୨୦୨୧ରେ ପ୍ରଦର୍ଶିତ ହେବ । ଷ୍ଟାର୍ଟଅପ୍, ପ୍ରତିରକ୍ଷା, ମହାକାଶ ଏବଂ ଐହତିହାସିକ ଆଇନ୍ ପରି ବିଷୟବସ୍ତୁ ଉପରେ ଏକ ବିଶେଷ ବିଭାଗୀୟ କାର୍ଯ୍ୟକ୍ରମ ମଧ୍ୟ ପ୍ରସାରଣ ଆରମ୍ଭ କରିବ । ଲାଲକିଲ୍ଲାରୁ ସିଧାପ୍ରସାରଣ, ଗୁରୁତ୍ୱପୂର୍ଣ୍ଣ ଉତ୍ସବକୁ ପାଳନ କରିବାପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସହିତ ସ୍ୱାଧୀନତା ଦିବସରେ ଦୂରଦର୍ଶନ ଏକ ବିଶେଷ କାର୍ଯ୍ୟକ୍ରମ ପ୍ରସାରିତ କରିବ।

## ମହାରାଷ୍ଟ୍ର : ରାୟଗଡ଼ରେ ଡେଲ୍‌ଟା ପ୍ଲସ୍ ଭ୍ୟାରିଏଂଟ ସଂକ୍ରମିତ ମହିଳା ମୃତ

ମୁମ୍ବାଇ,୧୩/୦୮ (ନି.ପ୍ର): ମହାରାଷ୍ଟ୍ରର ରାୟଗଡ଼ ଜିଲ୍ଲାରେ କରୋନା ଭାଇରସର ଡେଲ୍‌ଟା ପ୍ଲସ୍ ଭ୍ୟାରିଏଂଟରେ ସଂକ୍ରମିତ ୬୯ ବର୍ଷୀୟ ମହିଳାଙ୍କ ମୃତ୍ୟୁ ହୋଇଛି। ରାଜ୍ୟରେ ଡେଲ୍‌ଟା ପ୍ଲସ୍ ଭ୍ୟାରିଏଂଟରେ ଏପର୍ଯ୍ୟନ୍ତ ତିନିଜଣଙ୍କ ମୃତ୍ୟୁ ହୋଇସାରିଛି। ଏହା ପୂର୍ବରୁ ମୁମ୍ବାଇ ଏବଂ ରତ୍ନାଗିରି ଜିଲ୍ଲାରେ ଜଣେ ଲେଖାଏଁ ମୃତ୍ୟୁ ହୋଇଛି। ରାୟଗଡ଼ ଜିଲ୍ଲାର ଜିଲ୍ଲାଧିକାରୀ ନିଧି ଚୌଧୁରୀ ଶୁକ୍ରବାର ଦିନ କହିଛନ୍ତି ଯେ ଜିଲ୍ଲାର ନାଗୋଠଣେ ଅଂଚଳରେ ରହୁଥିବା ୬୯ ବର୍ଷୀୟ ମହିଳାଙ୍କ ଡେଲ୍‌ଟା ପ୍ଲସ୍ ଭ୍ୟାରିଏଂଟରେ ମୃତ୍ୟୁ ହୋଇଛି। ସେ କହିଛନ୍ତି ଯେ ସ୍ୱାସ୍ଥ୍ୟ ବିଭାଗ ସତର୍କତା ସହିତ କାମ କରୁଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଜଗତସିଂହପୁରରେ ୨୧୫ କୋଟି ଟଙ୍କା ....

ବିଭିନ୍ନ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କର ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଯୋଗୁଁ ଆଜି ଓଡିଶା ମହିଳା ସଶକ୍ତିକରଣଠାରୁ ଆରମ୍ଭ କରି କ୍ରୀଡାର ବିକାଶ ପର୍ଯ୍ୟନ୍ତ ଏବଂ ବିଭିନ୍ନ କଲ୍ୟାଣ କାର୍ଯ୍ୟକ୍ରମ କ୍ଷେତ୍ରରେ ସାରା ଦେଶ ପାଇଁ ଆଦର୍ଶ ହୋଇପାରିଛି ବୋଲି ସେମାନେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ସାଂସଦ ଡାକ୍ତର ରାଜଶ୍ରୀ ମଲ୍ଲିକ, ତିର୍ତୋଲ ବିଧାୟକ ଶ୍ରୀ ବିଜୟ ଶଙ୍କର ଦାସ, ପାରାଦୀପ ବିଧାୟକ ଶ୍ରୀ ସମ୍ବିତ ରାଉତରାୟ ପ୍ରମୁଖ ସେମାନଙ୍କର ବକ୍ତବ୍ୟ ରଖି ଓଡିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ ଟି) ଶ୍ରୀ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଶ୍ରୀ ପ୍ରଶାନ୍ତ ମୁଦୁଲି ସ୍ୱାଗତ ଭାଷଣ ଦେଇଥିଲେ ।

### ପଂଚାୟତ ନିର୍ବାଚନରେ ଓବିସିଙ୍କୁ ....

ଅନ୍ୟ ପକ୍ଷରେ ରାଜ୍ୟ ସରକାର କୌଣସି ଜାତିକୁ ଓବିସି ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ଜାତୀୟ ପଛୁଆବର୍ଗ କମିଶନଙ୍କୁ ତଥ୍ୟ ସହିତ ଉପଯୁକ୍ତ ଦାବି ଉପସ୍ଥାପନ କରିବାକୁ ପଡିଥାଏ। ଯଦି ତାହା କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦିତ ହୁଏ ତେବେ ସେହି ଜାତି ଓବିସି ତାଲିକାଭୁକ୍ତ ହୁଏ। ୧୧.୦୮.୨୦୧୮ ପୂର୍ବରୁ ଆମ ରାଜ୍ୟରେ ୨୦୦ଟି ଜାତି ଏବଂ ଉପଜାତି ଓବିସି ତାଲିକା ଅନ୍ତର୍ଭୁକ୍ତ ହୋଇଛି। ପୂର୍ବଭଳି ରାଜ୍ୟଗୁଡିକ ପଛୁଆବର୍ଗ ତାଲିକା ପ୍ରସ୍ତୁତ ପାଇଁ ସମ୍ବିଧାନ ସଂଶୋଧନରେ ବ୍ୟବସ୍ଥା ଥିବାରୁ ଲୋକସଭାରେ କୌଣସି ବିରୋଧି ଦଳ ଏହାକୁ ବିରୋଧ କରିନାହାନ୍ତି।

### କର୍ଣ୍ଣାଟକରେ ଛୋଟ....

କହୁଛନ୍ତି ବିଶେଷଜ୍ଞ । ଭାରତ ବଜାରରେ ୨୦୨୨ ଜାନୁୟାରୀ ସୁଦ୍ଧା ଛୋଟ ପିଲାଙ୍କ ପାଇଁ କୋଭାଭାକ୍ସ ଟିକା ଆସିଯିବ । ହେଲେ ଏହା ଡିସିଜିଆଇଙ୍କ ଅନୁମତି ଉପରେ ନିର୍ଭର କରେ ବୋଲି କହିଛନ୍ତି ସିରମ ଇନଷ୍ଟିଚ୍ୟୁଟ ମୁଖ୍ୟ ଅଦାର ପୁନାୱାଲ । ଅନ୍ୟ ରାଜ୍ୟରେ ଶିଶୁ କରୋନାରେ ଆକ୍ରାନ୍ତ ହେଉଥିବାରୁ ଓଡିଶା ପ୍ରତି ମଧ୍ୟ ବିପଦ ଥିବା ନେଇ ସତର୍କ କରେଇ ଦେଇଛନ୍ତି ବିଶେଷଜ୍ଞ । ଅନ୍ୟପଟେ ତୃତୀୟ ଲହର ମୁକାବିଲା ପାଇଁ ରାଜ୍ୟସ୍ତରୀୟ ଟାସ୍କଫୋର୍ସ ଓ ଜିଲ୍ଲା ସ୍ତରୀୟ ଟାସ୍କ ଫୋର୍ସ ଗଠନ କରିଥିବା କହିଛନ୍ତି ଡିଏମଇଟି ସିବିକେ ମହାନ୍ତି । ଓଡିଶାରେ ଜୁଲାଇ ୨୬ରୁ ଦଶମ ଓ ଦ୍ୱାଦଶ ପିଲାଙ୍କ ପାଠ ପଢା ଶ୍ରେଣୀ ଗୃହରେ ଆରମ୍ଭ ହୋଇଛି । ଏହାରି ଭିତରେ କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡି ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଜଣେ ଦଶମ ଶ୍ରେଣୀର ଛାତ୍ରୀ କରୋନା ପଜିଟିଭ୍ ଚିହ୍ନଟ ପରେ ଅଗଷ୍ଟ ୧୫ ଯାଏଁ ସ୍କୁଲ ବନ୍ଦ ରଖିଛି ପ୍ରଶାସନ । ତେଣୁ ପିଲାଙ୍କୁ କରୋନା ସଂକ୍ରମିତ ହେବା ଖବର ଏବେ ସମସ୍ତଙ୍କ ପାଇଁ ଚିନ୍ତା ବଢାଇଛି ।

# କିଟ୍ ବିଶ୍ୱବିଦ୍ୟାଳୟର ୧୭ତମ ସମାବର୍ତ୍ତନ



ଅଚ୍ୟୁତ ସାମନ୍ତ

ବିଗତ ବର୍ଷଗୁଡ଼ିକରେ ଅତିବାହିତ ହୋଇଥିବା ସମୟ ଏବଂ ୨୦୨୧ଠାରୁ ଆରମ୍ଭ ହୋଇଥିବା ସମୟ ମଧ୍ୟରେ ଏକ ବିରାଟ ପରିବର୍ତ୍ତନ ଦେଖା ଦେଇଛି। ଠିକ୍ ଏକ ଶତାବ୍ଦୀ ତଳେ ସ୍ପେନିସ୍ ଫ୍ଲୁ ଭଳି ଏକ ମାରାତ୍ମକ ମହାମାରୀ ସମଗ୍ର ବିଶ୍ୱକୁ କବଳିତ କରିଥିଲା। ଶହେବର୍ଷ ପରେ ଗତବର୍ଷ ବିଶ୍ୱ ଯେଉଁ ସଙ୍କଟମୟ ପରିସ୍ଥିତିର ସାମନା କଲା, ଏଥିରେ ସମସ୍ତ ଜନଜୀବନ ଓ ଜୀବିକା ସଂପୂର୍ଣ୍ଣ ପ୍ରଭାବିତ ହୋଇଥିଲା। ୨୦୨୧ ଆରମ୍ଭରୁ ସାମାନ୍ୟ ଆଶ୍ୱସ୍ତି ମିଳିଥିଲେ ମଧ୍ୟ କିଛି ମାସ ପରେ ପୁନର୍ବାର ମହାମାରୀର ପ୍ରକୋପ ଦେଖାଦେଇଥିଲା ଏବଂ ଏହା ଅଧିକ ବିନାଶକାରୀ ହୋଇଥିଲା। ଉଣା ଅଧିକେ ଆମେ ସମସ୍ତେ କୋଭିଡ୍-୧୯ର ଭୟାବହ କ୍ଷୟକ୍ଷତି ଅନୁଭବ କରିଛୁ ଏବଂ କିଛି ଲୋକଙ୍କ ପାଇଁ ଆମେ ଗର୍ବ କରୁଛୁ ଯେଉଁମାନେ ଏହି ମହାମାରୀ ବିରୋଧରେ ଯୁଦ୍ଧକରି ବିଜୟୀ ହୋଇଛନ୍ତି। ଯେଉଁମାନେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ସେମାନେ ହେଲେ ଛାତ୍ରଛାତ୍ରୀ ଓ ଶିକ୍ଷା ବ୍ୟବସ୍ଥା। ବହୁ ଅନିଶ୍ଚିତତା ଓ ଅନିର୍ଦ୍ଦିଷ୍ଟ ମଧ୍ୟରେ ସମ୍ପୂର୍ଣ୍ଣ ଶିକ୍ଷାବର୍ଷ ଅତିକ୍ରାନ୍ତ ହୋଇଛି। କରୋନା ମହାମାରୀ ଯୋଗୁଁ ହସ୍‌ପିଟାଲ୍‌ଗୁଡ଼ିକରେ ଶଯ୍ୟା ଓ ଅମ୍ଳଜାନର ଅଭାବ ସାଙ୍ଗକୁ ପ୍ରଳୟଙ୍କରୀ ବାତ୍ୟା 'ୟଶ', ତାଲାବନ୍ଦ ଏବଂ ମାନସିକ ଅବସାଦ କାରଣରୁ ଲୋକମାନେ ରୋଜଗାର ହରାଇ ଦାରିଦ୍ର୍ୟ ଆଡ଼କୁ ଠେଲି ହୋଇଯାଉଥିବା ଭଳି ଖବର ମଧ୍ୟରେ କିଟରୁ ୨୦୨୧ ଉତ୍ତୀର୍ଣ୍ଣ ବ୍ୟାଚ୍‌ର ଛାତ୍ରଛାତ୍ରୀମାନେ ଯଥେଷ୍ଟ କଠିନ ଅଧ୍ୟବସାୟ କରିଛନ୍ତି । ଛାତ୍ର-ଅନୁକୂଳ, କରୁଣା ଓ ମାନବିକତା ଭିତ୍ତିକ କିଟ୍ ବିଶ୍ୱବିଦ୍ୟାଳୟ କିନ୍ତୁ ଏଭଳି ପରିସ୍ଥିତିରେ ନିଜ ଛାତ୍ରଛାତ୍ରୀଙ୍କ ସହ ଦୃଢ଼ ଭାବରେ ଛିଡ଼ା ହୋଇଛି ଏବଂ ଏଭଳି ପରିସ୍ଥିତିରେ ଥାଇ ସଫଳତା ପାଇବା ପାଇଁ ସହଯୋଗ କରିଛି। ୧୯୯୨-୯୩ରେ ପ୍ରତିଷ୍ଠିତ କିଟ୍ ନିଜର ପରାକାଷ୍ଠା ପାଇଁ ବିଶ୍ୱସ୍ତରରେ ପ୍ରଶଂସିତ ହୋଇପାରିଛି। ପ୍ରତିଷ୍ଠା ହେବାର ଖୁବ୍ କମ୍ ସମୟ ମଧ୍ୟରେ ଶିକ୍ଷା ସହ ବିଭିନ୍ନ ଉପାୟରେ ସମାଜର ଲୋକଙ୍କ ହିତ ସାଧନ କରିବା ଏବଂ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରି 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏମିନେନ୍‌ସ' ଭାବେ ସ୍ୱୀକୃତି ପାଇବା ତଥା ବିଭିନ୍ନ ବିଶ୍ୱ ରାଙ୍କିଙ୍ଗରେ ସମ୍ମାନଜନକ ସ୍ଥାନ ହାସଲ କରିବା ନିଶ୍ଚିତ ଭାବେ ଗୌରବର ବିଷୟ। ଏସିଆ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ, ଟାଇମ୍‌ସ ହାଇଅର ଏଜୁକେସନ୍ ରାଙ୍କିଙ୍ଗ ଭଳି ବିଶ୍ୱସ୍ତରୀୟ ସମ୍ମାନଜନକ ରାଙ୍କିଙ୍ଗରେ ସ୍ଥାନ ପାଇଥିବା ଖୁବ୍ କମ୍ ଭାରତୀୟ ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ଅନ୍ୟତମ। ଓଡ଼ିଶାରୁ ଏକମାତ୍ର ଘରୋଇ ବିଶ୍ୱବିଦ୍ୟାଳୟ ଭାବେ ଏହି ସମ୍ମାନର ଅଧିକାରୀ ହୋଇପାରିଛି କିଟ୍। କରୋନା ମହାମାରୀ ସମୟରେ ଅଭାବଗ୍ରସ୍ତ ଲୋକଙ୍କୁ ସେବା ଯୋଗାଇ ଦେବାରେ କିଟ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଆସିଛି। କିଟ୍ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ (କିମ୍‌ସ) ଅତି ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। କିମ୍‌ସ ଦ୍ୱାରା ଓଡ଼ିଶାରେ ୪ଟି ସ୍ଥାନରେ କୋଭିଡ୍ ହସ୍‌ପିଟାଲରେ ମୋଟ ୨ହଜାର ଶଯ୍ୟା ପ୍ରସ୍ତୁତ କରି କୋଭିଡ୍ ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦେବାରେ ସରକାରଙ୍କୁ ସହାୟତା ପ୍ରଦାନ କରିପାରିଛି । ତାଲାବନ୍ଦ ଯୋଗୁଁ ନିରାଶ୍ରୟ, ଗରିବ ଓ ଖାଦ୍ୟ ପାଇଁ ଅନ୍ୟ ଉପରେ ନିର୍ଭର କରି ଚଳୁଥିବା ପ୍ରାୟ ୩ ଲକ୍ଷ ଅଭାବୀ ଲୋକ, ବସ୍ତିବାସିନ୍ଦା ଓ ପ୍ରବାସୀ ଶ୍ରମିକଙ୍କୁ କିଟ୍ ରନ୍ଧା ଓ ଶୁଖିଲା ଖାଦ୍ୟ ବଣ୍ଟନ କରିପାରିଛି। ହୋଟେଲ୍ ବଜାର ଓ ପର୍ଯ୍ୟଟନସ୍ଥଳୀଗୁଡ଼ିକ ବନ୍ଦ ରହୁଥିବାରୁ ଖାଦ୍ୟ ପାଇଁ ଏହା ଉପରେ ନିର୍ଭର କରି ରହୁଥିବା ବୁଲା ପଶୁପକ୍ଷୀ ଭୋକରେ ଥିବାବେଳେ କିଟ୍ ପକ୍ଷରୁ ସେମାନଙ୍କୁ ନିୟମିତ ଖାଦ୍ୟ ଦିଆଯାଇଆସିଛି।

ମହାମାରୀ ଯୋଗୁଁ କିସରେ ଶିକ୍ଷାରତ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ନିଜ ଘରେ ରହୁଥିବା ୩୦ ହଜାର ଛାତ୍ରଛାତ୍ରୀଙ୍କ ଘରକୁ ପ୍ରତ୍ୟେକ ମାସରେ ଶୁଖିଲା ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଇଛି ଏବଂ ନିୟମିତ ଭାବେ ପାଠ୍ୟୋପକରଣ ଓ ପୋଷାକ ମଧ୍ୟ ସେମାନଙ୍କ ନିକଟରେ ପହଞ୍ଚାଇ ଦିଆଯାଇଛି। ଓଡ଼ିଶାରେ କୋଭିଡ୍ ଯୋଗୁଁ ଅନାଥ ହୋଇଯାଇଥିବା ବହୁ ପିଲାଙ୍କୁ ୨୦୨୦-୨୧ ଓ ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ବିନାଦେୟରେ କିଟ୍ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନର ବ୍ୟବସ୍ଥା କରାଯାଇଛି। କେବଳ ସେତିକି ନୁହେଁ, ରାଜ୍ୟର ବିଭିନ୍ନ ସ୍ଥାନରେ ବିଭିନ୍ନ କାରଣରୁ ଅନାଥ ହୋଇଯାଇଥିବା ଶହେରୁ ଊର୍ଦ୍ଧ୍ୱ ପିଲାଙ୍କୁ ଆପଣାଇ ନିଆଯାଇ ସେମାନଙ୍କୁ ମାସିକ ୫ରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। କରୋନା ପରେ କିସ୍ ଖୋଲିଲେ ସେମାନେ କିସରେ ବିନା ଦେୟରେ ପାଠ ପଢ଼ିବା ସହ ଉଚ୍ଚଶିକ୍ଷା ଲାଭ କରିବେ। କରୋନାରେ ମୃତ୍ୟୁବରଣ କରିଥିବା କିଟ୍‌ରେ କାର୍ଯ୍ୟରତ ଶିକ୍ଷକ, ଅଧ୍ୟାପକ କିମ୍ବା କର୍ମଚାରୀଙ୍କୁ ୫ଲକ୍ଷ ଟଙ୍କାର ଆର୍ଥିକ ସହାୟତା ସହ ଯୋଗ୍ୟତା ଭିତ୍ତିରେ ସେମାନଙ୍କ ପିଲାଙ୍କୁ କିଟରେ ବିନାଦେୟରେ ପାଠ ପଢ଼ିବା ଓ ଯୋଗ୍ୟତା ଭିତ୍ତିରେ ସେମାନଙ୍କ ପରିବାରର ଜଣଙ୍କୁ କିଟ୍ ଓ କିସରେ ନିଯୁକ୍ତି ପ୍ରଦାନ କରିବା ଭଳି ବଳିଷ୍ଠ ଓ ଉଦାହରଣୀୟ ପଦକ୍ଷେପ ନେବାରେ କିଟ୍ ଭାରତବର୍ଷର ଏକମାତ୍ର ଅନୁଷ୍ଠାନ। ପ୍ରତିଷ୍ଠା ହେବାଠାରୁ ଶିକ୍ଷା ସହ କିଟ୍ ସର୍ବଦା ବିଭିନ୍ନ ବହୁମୁଖୀ କାର୍ଯ୍ୟ କରିଆସିଛି। ଶିକ୍ଷା ସମେତ ସ୍ୱାସ୍ଥ୍ୟ, ଶତତ ବିକାଶ, ସାହିତ୍ୟ, ସଂସ୍କୃତି ଏବଂ ବିଶେଷ କରି କ୍ରୀଡ଼ା କ୍ଷେତ୍ରରେ କିଟ୍‌ର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଆସିଛି। କିଟ୍ ଭାରତର ଏକମାତ୍ର ବିଶ୍ୱବିଦ୍ୟାଳୟ ଯେଉଁଠୁ ତିନି ତିନି ଜଣ ଅଲିମ୍ପିଆନ୍ ବାହାରି ପାରିଛନ୍ତି । ନିକଟରେ ଟୋକିଓ ଅଲିମ୍ପିକରେ କିଟ୍ ଛାତ୍ରୀ ଦୁତି ଚାନ୍ଦ ୧୦୦ ଓ ୨୦୦ ମିଟର ଦୌଡ଼ରେ ଭାରତର ପ୍ରତିନିଧିତ୍ୱ କରିଥିବା ବେଳେ ଭବାନୀ ଦେବୀ ଅସି ଚାଳନା ଓ ଶିବପାଲ୍ ସିଂହ ଜାଭେଲିନ୍ ଥ୍ରୋରେ ଅଂଶଗ୍ରହଣ କରିଥିଲେ। ବର୍ତ୍ତମାନ ସୁଦ୍ଧା କିଟ୍ ଓ କିସ୍‌ରୁ ଆଞ୍ଚଳିକସ୍ତରରୁ ଆନ୍ତର୍ଜାତିକସ୍ତର ପର୍ଯ୍ୟନ୍ତ ୫ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ବାହାରି ସାରିଲେଣି। କିଟ୍ ବିଶ୍ୱବିଦ୍ୟାଳୟକୁ ଏକ ଗ୍ଲୋବାଲ୍ ଭିଲେଜ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହାର ଯଥାର୍ଥତା ମଧ୍ୟ ରହିଛି। କିଟରେ ପ୍ରାୟ ୬୫ଟି ଦେଶରୁ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏହି ସମସ୍ତ ଦେଶର ଛାତ୍ରଛାତ୍ରୀଙ୍କୁ ମିଶାଇ ମୋଟ ୩୦ ହଜାର ଛାତ୍ରଛାତ୍ରୀ ଗୋଟିଏ କ୍ୟାମ୍ପସରେ ରହୁଛନ୍ତି। ଭିନ୍ନ ଅଞ୍ଚଳ, ଭିନ୍ନ ପରମ୍ପରା ଓ ଭିନ୍ନ ଭାଷାଭାଷୀର ପିଲାମାନେ ଏକାଠି ରହିଲେ ଏହା ଏକ ଗ୍ଲୋବାଲ୍ ଭିଲେଜ ଭାବେ ପ୍ରତୀୟମାନ ହୋଇଥାଏ।

ପ୍ଲେସମେଣ୍ଟ ପାଇଁ କିଟ୍ ବିଶ୍ୱବିଦ୍ୟାଳୟର ଏକ ସ୍ୱତନ୍ତ୍ର ପ୍ରଶସ୍ତି ରହିଛି। ପ୍ରତିଷ୍ଠା ହେବଠାରୁ କିଟ୍ ଏହାର ଛାତ୍ରଛାତ୍ରୀଙ୍କୁ ନିରନ୍ତର ଶତ ପ୍ରତିଶତ ପ୍ଲେସମେଣ୍ଟ ଯୋଗାଇ ଦେଇ ଆସିଛି। ମହାମାରୀ ସତ୍ତ୍ୱେ କିଟ୍‌ର ୨୦୧୯-୨୦ ପାସ୍ ଆଉଟ୍ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କୁ ଆଖିଦୃଶିଆ ପ୍ଲେସମେଣ୍ଟ ଯୋଗାଇ ଦିଆଯାଇଛି। କିଟ୍‌ର ଟ୍ରେନିଂ ଓ ପ୍ଲେସମେଣ୍ଟ ବିଭାଗର କଠିନ ପରିଶ୍ରମ ଯୋଗୁଁ ୨୦୨୧ ପାସ୍ ଆଉଟ୍ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କୁ ରେକର୍ଡ ପ୍ଲେସମେଣ୍ଟ ଯୋଗାଇ ଦେବାରେ ସଫଳ ହୋଇଛି। ୨୫ଶହ ଛାତ୍ରଛାତ୍ରୀ ଗୋଟିଏ ଲେଖାଏଁ ପ୍ଲେସମେଣ୍ଟ ଅଫର ପାଇଥିବା ବେଳେ ୪ହଜାର ପିଲା ଏକାଧିକ ପ୍ଲେସମେଣ୍ଟ ଅଫର ପାଇଛନ୍ତି। ସେମାନଙ୍କ ମଧ୍ୟରୁ ହାରାହାରି ବାର୍ଷିକ ପ୍ୟାକେଜ୍ ୬ଲକ୍ଷ ଟଙ୍କା ଥିବାବେଳେ ସର୍ବାଧିକ ବାର୍ଷିକ ୩୦ ଲକ୍ଷ ଟଙ୍କା ପ୍ୟାକେଜରେ ପିଲମାନେ ମଧ୍ୟ ପ୍ଲେସମେଣ୍ଟ ଅଫର ପାଇଛନ୍ତି। ଏବେ କରୋନା କାଳରେ କମ୍ପାନୀର ସ୍ଥିତି ଓ ଯେଉଁଭଳି ଭାବେ କମ୍ପାନୀମାନେ କର୍ମଚାରୀ ହ୍ରାସ କରୁଛନ୍ତି, ସେଭଳି ପରିସ୍ଥିତିରେ ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ପ୍ଲେସମେଣ୍ଟ ଯୋଗାଇ ଦେବା ଏତେ ସହଜ ସାଧ ନୁହେଁ। କିଟ୍?କୁ ଶୀର୍ଷରେ ପହଞ୍ଚାଇବା ପାଇଁ ଏହାର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଅକ୍ଳାନ୍ତ ପରିଶ୍ରମ କରିଛନ୍ତି- ଏହା ଅନସ୍ୱୀକାର୍ଯ୍ୟ। ତେବେ ଖୁବ୍ ଶୀଘ୍ର କରୋନା ମହାମାରୀ ପ୍ରକୋପ ଲୋପ ପାଇବ ଏବଂ ଛାତ୍ରଛାତ୍ରୀମାନେ ପୁଣି କ୍ୟାମ୍ପସ୍‌କୁ ଫେରିବେ ବୋଲି ଆଶା କରାଯାଇପାରେ। ଇତି ମଧ୍ୟରେ ଛାତ୍ରଛାତ୍ରୀମାନେ କ୍ୟାମ୍ପସରେ ପହଞ୍ଚିବା ପୂର୍ବରୁ କୋଭିଡ୍‌ର ସମସ୍ତ ପ୍ରକାର ସୁରକ୍ଷା, ସତର୍କତା ଓ କୋଭିଡ୍ ପ୍ରୋଟୋକଲ୍‌କୁ ଦୃଷ୍ଟିରେ ରଖି ସମସ୍ତ କ୍ୟାମ୍ପସ୍‌କୁ ପୁନଃ ବ୍ୟବସ୍ଥିତ କରାଯାଇଛି। କରୋନା କଟକଣା ଯୋଗୁଁ ୨୦୨୧ ଗ୍ରାଜୁଏଟିଂ ବ୍ୟାଚ୍?ର ଛାତ୍ରଛାତ୍ରୀମାନେ ଚଳିତବର୍ଷ କିଟ୍? ବିଶ୍ୱବିଦ୍ୟାଳୟର ୧୭ତମ ସମାବର୍ତ୍ତନରେ ଯୋଗ ଦେଇ ପାରୁନଥିଲେ ମଧ୍ୟ ଯତ୍ ସମ୍ଭବ ଅତ୍ୟାଧୁନିକ ବୈଷୟିକ ପ୍ରଯୁକ୍ତି ଜରିଆରେ ସେମାନଙ୍କ ସହ ବ୍ୟକ୍ତିଗତ ଭାବେ ଯୋଗାଯୋଗ ରଖାଯାଇଛି।

୧୭ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ ତଥା କୌଶଳ ବିକାଶ ଓ ଔଦ୍ୟୋଗିକୀ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଉଥିବା ବେଳେ ଫ୍ରାନ୍‌ସର ବିଶିଷ୍ଟ ରସାୟନ ନୋବେଲ୍ ବିଜେତା ପଫେସର ଜିନ୍ ମାରି ଲେ ଛାତ୍ରଛାତ୍ରୀଙ୍କୁ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିବେ। ଚଳିତବର୍ଷ ବିଶିଷ୍ଟ ଆଧ୍ୟାତ୍ମିକ ସାଧ୍ୱୀ ମାତା ଅମୃତାନନ୍ଦମୟୀ ଦେବୀ (ଆମ୍ମା)ଙ୍କୁ ସମ୍ମାନସୂଚକ ଡିଲିଟ୍ ପ୍ରଦାନ କରୁଥିବାରୁ କିଟ୍ ବିଶ୍ୱବିଦ୍ୟାଳୟ ନିଜକୁ ଧନ୍ୟ ମନେକରୁଛି। ସେହିପରି ବିଶିଷ୍ଟ ଶିକ୍ଷାବିତ୍? ଓ ସମାଜସେବୀ 'ଏନାମ୍ ଗ୍ରୁପ୍ ଏବଂ ଦେଶ ଆପନାଏଁ ସହଯୋଗ ଫାଉଣ୍ଡେସନ୍'ର ପ୍ରତିଷ୍ଠାତା ତଥା ଫ୍ଲେମ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ନିର୍ଦ୍ଦେଶକ ଶ୍ରୀଯୁକ୍ତ ବଲ୍ଲଭ ଭନ୍ ଶାଲିଙ୍କୁ ମଧ୍ୟ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟୋରେଟ୍ ପ୍ରଦାନ କରାଯିବ। ଶେଷରେ ଏତିକି କହିବି, ବର୍ତ୍ତମାନର ଅତି ଜଟିଳ ସମୟରେ କେବଳ ଘରେ ରହିବା ହିଁ ବୁଦ୍ଧିମାନର କାର୍ଯ୍ୟ। ଘରେ ରହି ନିଜ ନିକଟତର ଓ ପ୍ରିୟଜନଙ୍କୁ ଶାରୀରିକ ଭାବେ ସାକ୍ଷାତ ନ କରି ମାନସିକ ଭାବର ଆଦାନ ପ୍ରଦାନ କରିବା ଉଚିତ। ଏହି ଅବସରରେ ପ୍ରତ୍ୟେକ ଛାତ୍ରଛାତ୍ରୀମାନେ ସେମାନଙ୍କ ମହତ୍ତ୍ୱାକାଙ୍?କ୍ଷା ଓ ସ୍ୱପ୍ନ ପୂରଣ କରିବା ସହ ଦେଶ ଗଠନ ଦିଗରେ ବ୍ରତୀ ହେବା ପାଇଁ ଅନୁପ୍ରାଣୀତ ହେବେ ବୋଲି ଆଶା କରୁଛି। ଏହାକୁ ସେମାନେ ପ୍ରାଥମିକତା ଦେବା ଉଚିତ। ମୁଁ ଗୋଟିଏ କଥା ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଦୋହରାଉଛି, ତୁମେମାନେ ଗୋଟିଏ କଥା ମନେରଖ- ତୁମେମାନେ ରହୁଥିବା ହଷ୍ଟେଲ୍‌ର ନାମ ଯେଭଳି କିଙ୍ଗସ ପ୍ୟାଲେସ୍ ଓ କୁଇନ୍‌ସ କ୍ୟାସେଲ୍ ରଖାଯାଇଛି ସେହିପରି ତୁମେମାନେ ଜଣେ ଜଣେ ରାଜା ଓ ରାଣୀ ଭାବେ ଅଛ ଓ ରହିଥିବ ମଧ୍ୟ।

- ପ୍ରତିଷ୍ଠାତା, କିଟ୍ ଓ କିସ୍

## ସମାଜସେବୀ ଅମର ସେଠୀଙ୍କ ପିତୃ ବିୟୋଗ



ବାରିପଦା,୧୩/୦୮ (ନି.ପ୍ର): ସ୍ଥାନୀୟ ବୁଢ଼ୀଖମାରୀ ସ୍ଥିତ ନିଜ ବାସଭବନରେ ବିଶିଷ୍ଟ ସମାଜସେବୀ ଅମର ସେଠିଙ୍କ ପିତା ରଘୁନାଥ ସେଠି ବୁଧବାର ରାତି ୧୦ ଟା ୩୦ ରେ ଇହଧାମ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୯୪ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ସମୟରେ ତାଙ୍କ ପାଖରେ ବଡ ପୁଅ ଅଶୋକ, ସାନ ପୁଅ ଅମର, ଝିଅ ସବିତା, ସଂଗୀତା, ଜ୍ୱାଇଁ ବୈକୁଣ୍ଠ, ଅମୃତ ତଥା ନାତି ଅଭିଲାଷ, ଅବିନାଶ ଓ ଶାଶ୍ୱତ ଏବଂ ନାତୁଣୀ ଶ୍ରାବଣୀ, ଅର୍ପିତା ଓ ଆଇସା ଉପସ୍ଥିତ ଥିଲେ। ଏଇ ଖବର ପାଇ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ସମବେଦନା ଜଣାଇଥିବାବେଳେ ମୋରଡା ବିଧାୟକ ରାଜକିଶୋର ଦାସ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ବଡ଼ସାହି ବିଧାୟକ ଗଣେଶ୍ୱର ପାତ୍ର, ପୂର୍ବତନ ଏସ ଡି ସି ଅଧ୍ୟକ୍ଷ ଡା ଦେବାଶିଷ ମାର୍ଣ୍ଡି, ପୂର୍ବତନ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ ନଗରପାଳ ଜୀତେନ୍ଦ୍ର ମହାନ୍ତି, ସୁବ୍ରମନିୟମ ମହାନ୍ତି, ବାଙ୍ଗିରିପୋଷି ବ୍ଲକ ଅଧ୍ୟକ୍ଷ ସୁବୋଧ ମାର୍ଣ୍ଡି, କୁଳିଅଣା ବ୍ଲକ ବରିଷ୍ଠ ନେତା ଦୁର୍ଗା ମାର୍ଣ୍ଡି, ଶାମାଖୁଣ୍ଟା ବ୍ଲକ ଅଧ୍ୟକ୍ଷ ବିଲକାନ ସିଂ ତଥା ମୟୁରଭଞ୍ଜ ଜିଲ୍ଲାର ଅବୟତନିକ ବନ୍ୟପ୍ରାଣୀ ସଂରକ୍ଷକ ବିବେକାନନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଶକାକୁଳ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ଏହା ବ୍ୟତୀତ ଜିଲ୍ଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସମବେଦନା ଜଣାଇଥିଲେ। ଶେଷରେ ନାତି ଅବିନାଶ ମୁଖାଗ୍ନି ଦେଇଥିଲେ।– ଭଗବାନ ତାଙ୍କର ଆତ୍ମାର ସଦ୍ଗତି ଦେବା ସହିତ ପରିବାର ଲୋକଙ୍କୁ ଧର୍ଯ୍ୟ ଓ ସାହସ ଦିଅନ୍ତୁ।

## ଅନୀଲ କୁମାର ସାହୁଙ୍କ ସ୍ମୃତିରେ ରକ୍ତଦାନ ଶିବିର : ୫୨ ୟୁନିଟ୍ ସଂଗୃହୀତ

ଜଳେଶ୍ୱର ୧୩/୮(ଏକ୍ସପ୍ରେସ୍ ନ୍ୟୁଜ୍): ଜଳେଶ୍ୱର ପୌରପାଳିକାର ଶାସନବାର୍ଡସ୍ଥିତ ସିଦ୍ଧେଶ୍ୱର କ୍ଲବର ପୂର୍ବତନ ସଂପାଦକ ତଥା ଜଳେଶ୍ୱର ଅଟୋ ମାଲିକ ସଂଘର ପ୍ରାକ୍ତନ ସଂପାଦକ ଅନୀଲ କୁମାର ସାହୁଙ୍କ ସ୍ମୃତିରେ କ୍ଲବ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମକୁ ଏସ୍‌ଡିପିଓ ଅଂକିତା କୁମ୍ଭାର ଉଦ୍‌ଘାଟନ କରିଥିବା ବେଳେ ପୌରଅଧିକାରୀ ଅଜୟ କୁମାର ମହାପାତ୍ର, ରକ୍ତଦାତା ସଂଘର ଜିଲା ସଂପାଦକ କମଳ ଚକ୍ରବର୍ତ୍ତୀ, ସଂପାଦକ ଇଂ ହୃଷିକେଶ ସାହୁ, ଗ୍ରାମ୍ୟ ମୁଖ୍ୟ ଡ. ଅରୁଣ ପ୍ରଧାନ, ବ୍ଲକ ରକ୍ତଦାତା ସଂଘର ସଭାପତି ଡ. ଅଜିତ୍ ମହାନ୍ତି , ମୁଖ୍ୟ ଉପଦେଷ୍ଟା ଦୁର୍ଜୟ ପାଣିଗ୍ରାହୀ ଓ ବ୍ଲକବ୍ୟାଙ୍କ ଅଧିକାରୀ ଡା. ମହେଶ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ସାମ୍ପ୍ରତିକ ସମୟରେ ରକ୍ତର ଆବଶ୍ୟକତା ସଂପର୍କରେ କହିଥିଲେ । କାର୍ଯ୍ୟକ୍ରମକୁ ଫାଲଗୁନୀ ପାଣିଗ୍ରାହୀ, ଅଶ୍ୱିନୀ କର, ମହେଶ୍ୱର ବେହେରା, କ୍ଲବ ସଭାପତି ସରୋଜ ପାଣିଗ୍ରାହୀ, ସଂପାଦକ ସଂଜୟ ବେରା, ବିଶ୍ୱନାଥ ସାହୁ, ଦିଲ୍ଲିପ ପାତ୍ର, ବରେନ୍ଦ୍ର ଦାସ, ଦିଲ୍ଲିପ ଦାସ, ଝାଡେଶ୍ୱର ରାଉଳ, ଦାମୋଦର ମହାନ୍ତି, ଖୋକନ୍ ଦେବନାଥ, ବାଦଲ ଦେବନାଥ, ମୁନା ସାହୁ ଓ ଯୁବକ ସଂଘର ସଭ୍ୟମାନେ ଯୋଗ ଦେଇ ପରିଚାଳନା କରିଥିଲେ ।

## ୧୮ ଅଗଷ୍ଟ ରାଇରଙ୍ଗପୁର ବନ୍ଦ ନେଇ ଭଞ୍ଜସେନାର ପ୍ରସ୍ତୁତି ବୈଠକ



ବାରିପଦା /ରାଇରଙ୍ଗପୁର,୧୩/୦୮ (ନି.ପ୍ର): ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲର ଉନ୍ନତିକରଣ, ଅଭାବୀ ଡାକ୍ତର ପଦବୀ ପୂରଣ, ଆଇ.ସି.ୟୁ ବେଡ୍ ବ୍ୟବସ୍ଥା ସହିତ ରାଇରଙ୍ଗପୁର ହସ୍ପିଟାଲକୁ ସୁପର ସ୍ପେସାଲିଷ୍ଟ ହସ୍ପିଟାଲ ଗଠନ କରିବା, ଭାଲୁବସା-ପୁରୁଣାପାଣି ବାଇପାସ ରୋଡ୍ ନିର୍ମାଣ କରିବା, ବାମନଘାଟି ଉପଖଣ୍ଡ ମଧ୍ୟରେ ନୂତନ ଅତିରିକ୍ତ ଜିଲ୍ଲାପାଳ ପଦବୀ ସୃଷ୍ଟି କରିବା ଦାବୀ ନେଇ ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବା ଉଦ୍ଦ୍ୟେଶରେ ଚଳିତ ଅଗଷ୍ଟ ୧୮ତାରିଖ ବୁଧୁବାର ଦିନ ଜିଲ୍ଲାର ଅଗ୍ରଣୀ ତଥା ଅଣରାଜନୈତିକ ସଂଗଠନ ଭଞ୍ଜସେନା,ବାମନଘାଟି ଉପଖଣ୍ଡ ଶାଖା ପକ୍ଷରୁ ରାଇରଙ୍ଗପୁର ବନ୍ଦର ଆହ୍ୱାନ ଦିଆଯାଇଅଛି। ଏହି ପରିପ୍ରେକ୍ଷୀରେ ବନ୍ଦ ପାଳନକୁ ସଫଳ କରିବା ପାଇଁ ଆଜି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ରାଇରଙ୍ଗପୁର ପୂର୍ତ୍ତ ବିଭାଗ ଗେଷ୍ଟ ହାଉସ ଠାରେ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ଜିଲ୍ଲା କାର୍ଯ୍ୟକାରୀ ଅଧ୍ୟକ୍ଷ ରାକେଶ ସିଂ, ଉପାଧ୍ୟକ୍ଷ୍ୟ ଅଞ୍ଜନ ବରାଳ, ବାମନଘାଟି ଉପଖଣ୍ଡ ସଭାପତି ସୌମିତ ବଳ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଲକ୍ଷ୍ମଣ ଟୁଡୁ, ଜିଲ୍ଲା ଉପସଭାପତି ଚିକୁ ପଟ୍ଟନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ଇଂ ରମଜାନ ବେଗ, ମୁଖପାତ୍ର ମୋହିତ ବିଶୋଇ, ଜିଲ୍ଲା ଛାତ୍ର ଶାଖା ଉପସଭାପତି ସୁଭମ ପଣ୍ଡା, ଛାତ୍ର ଶାଖା ରାଇରଙ୍ଗପୁର ସହର ସଭାପତି ଶିବରାଜ ମହାନ୍ତି, ବିଘ୍ନେଶ୍ୱର ବାସ୍କେ, ସଦନା ସର୍ଦାର ପ୍ରମୁଖ ବରିଷ୍ଠ କର୍ମକର୍ତ୍ତା ସାମିଲ ଥିଲେ। ଏହା ସହିତ ଭଞ୍ଜସେନା ରାଇରଙ୍ଗପୁର ମ୍ୟୁନିସିପାଲିଟି କମିଟି ସଭାପତି ରଞ୍ଜିତ ବେରାଙ୍କୁ ତାଙ୍କ ଦାଇତ୍ୱରୁ ଅବ୍ୟାହତି ଦେବା ସହିତ ସମ୍ପୂର୍ଣ ସହର କମିଟିକୁ ଭଙ୍ଗ କରାଯାଇଛି ଏବଂ ଆଗାମୀ ଦିନରେ ଉପଖଣ୍ଡର ଏକ ନୂତନ ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯିବ ବୋଲି ଉପଖଣ୍ଡ ସଭାପତି ସୌମିତ ବଳ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।

## ଭଦ୍ରକରେ ବ୍ରାଉନ ସୁଗାର ଜବତ, ୨ ଗିରଫ

ଭଦ୍ରକ,୧୩/୦୮ (ନି.ପ୍ର): ପଡୋଶୀ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱରରୁ ଚୋରା ଚାଲାଣ ହୋଇ ଆସୁଥିବା ଧଳା ଜହର ରୂପୀ ବ୍ରାଉନସୁଗରକୁ କୌଶଳକରି ଯେତେ ଧରୁଥିଲେବି ତାହା ଥମିବାର ନାଁ ଗନ୍ଧ ଧରୁ ନାହିଁ।ଗତ ମାସକ ମଧ୍ୟରେ ପୋଲିସ ପ୍ରାୟ କୋଟିଏରୁ ଉର୍ଦ୍ଧ୍ୱ ମୂଲ୍ୟର ଏହି ବ୍ରାଉନସୁଗର ଧରିଥିବା ବେଳେ ଗତକାଲି ରାତି ପ୍ରାୟ ୨.୩୦ରେ ସାବରଙ୍ଗ ଥାନା ପୋଲିସ ଇଚ୍ଛାପୁର-ଭଟଡିରା ରେଲୱେ ଲେବୁଲ କ୍ରସିଂ ନିକଟରେ ଜଳେଶ୍ୱରରୁ ୭୦ଗ୍ରାମ(୭ଲକ୍ଷ ଟଙ୍କା)ର ବ୍ରାଉନସୁଗରକୁ ଏକ ଧଳା ରଙ୍ଗର ବଜାଜ ଡିସ୍କଭର ବାଇକରେ ନେଇ ଆସୁଥିବା ଚରମ୍ପା ପଥରଡିହି ଗ୍ରାମର ବାବାଜୀ ଦାସଙ୍କ ପୁଅ ଅଭୟ(୩୫) ଓ ଗଂଜାମ ଜିଲ୍ଲାର ବୈଦ୍ୟନାଥପୁର ଥାନା ଲାଞ୍ଜିପାଲି ଗ୍ରାମ ଇନ୍ଦିରା ନଗର ସେକେଣ୍ଡ ଲେନ ନ୍ୱିସୀ ସ୍ୱର୍ଗତ ସର୍ବେଶ୍ୱର ଆଚାର୍ଯ୍ୟଙ୍କ ପୁତ୍ର ସତ୍ୟନାରାୟଣ(୨୯)କୁ ଗିରଫ କରି ଉପରୋକ୍ତ ବ୍ରାଉନସୁଗର, ବାଇକ,୨ଟି ମୋବାଇଲ ସହ ୪ସହ ଟଙ୍କା ଜବତ କରିଛି।ଏମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

# ଗୋଟିଏ ଦିନରେ ୧୧୯୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୩/୦୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୧୯୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୯୨୩୭୫କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୭୪୭୫୬ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ସଂଖ୍ୟା ୧୦୮୦୯ ରହିଛି । ଆଜି ଚିହ୍ନଟ ହୋଇଥିବା ୧୧୯୩ ଜଣଙ୍କ ମଧ୍ୟରୁ ୬୯୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୯୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୪୨୫ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୪୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୬୯ ଜଣ, ବରଗଡ଼ରୁ ୧୦ ଜଣ, ଭଦ୍ରକରୁ ୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୩, କଟକରୁ ୧୬୧, ଦେବଗଡ ଜିଲ୍ଲାରୁ ୫ ଜଣ, ଢେଙ୍କାନାଳ ଜିଲ୍ଲାରୁ ୩୧ ଜଣ, ଗଜପତି ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଞ୍ଜାମର ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୫୬ ଜଣ, ଯାଜପୁରରୁ ୫୦ ଜଣ, ଝାରସୁଗୁଡ଼ାରୁ ୧୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡିରୁ ଜଣେ ହେଲେ ଚିହ୍ନଟ ହୋଇ ନାହାନ୍ତି । କନ୍ଧମାଳ ଜିଲ୍ଲାରୁ ୪ ଜଣ. କେନ୍ଦ୍ରାପଡ଼ାରୁ ୨୯ ଜଣ, କେନ୍ଦୁଝରରୁ ୨୦ ଜଣ , ଖୋର୍ଦ୍ଧାରୁ ୪୨୫ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ୪ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ଦକ୍ଷିଣନରସିଂହପୁର ଠାରେ ଯୁବ ବିଜେଡି ତରଫରୁ ରକ୍ତଦାନ ଶିବିର

ନୀଳଗିରି,୧୩/୦୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ରକ୍ତ ଅଭାବକୁ ଦୂର କରିବା ପାଇଁ ବିଜୁ ଯୁବ ଜନତା ଦଳ ତରଫରୁ ନୀଳଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଔପଦା ବ୍ଲକ ଦକ୍ଷିଣ ନରସିଂହପୁର ଠାରେ ବିଜୁ ଯୁବ ଜନତା ଦଳ ଓ ଓଡ଼ିଶା ମୋ ପରିବାର ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୫୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ଜଣାପଡ଼ିଛି । ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ଜିଲ୍ଲା ସଂପାଦକ ବିସ୍ମୟ ମଲ୍ଲିକ ଙ୍କ ନେତୃତ୍ୱରେ ବ୍ଲକ ସଭାପତି ବିଜୟ ପ୍ରଧାନ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୁଗ୍ମ ସଂପାଦକ ଗତିକୃଷ୍ଣ ନନ୍ଦ, ଜିଲ୍ଲା ଯୁବ ବିଜେଡି ସଭାପତି ତାପସ ପରିଡ଼ା, ଜିଲ୍ଲା ସାଧାରଣ ସଂପାଦକ ସ୍ମୃତି ରଂଜନ ମହାପାତ୍ର, ନୀଳଗିରି ବ୍ଲକ ଯୁବ ବିଜେଡି ସଭାପତି ଧୀରେନ୍ଦ୍ର ଲେଙ୍କା, ଜିଲ୍ଲା ସଂପାଦକ ମନରଂଜନ ଦାସବାବୁ ପ୍ରମୁଖ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଦଳର ସମସ୍ତ ବରିଷ୍ଠ ନେତା ଓ ଯୁବ ବିଜେଡି ଦଳର କାର୍ଯ୍ୟକର୍ତ୍ତା ମାନେ ସହଯୋଗ କରିଥିଲେ ।

## କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୯ ଗିରଫ, ୯୦୯ ବାହନ ଜବତ

ଭୁବନେଶ୍ୱର,୧୩/୦୮ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୯ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୯୦୯ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୫,୦୫,୩୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ପିତୃପକ୍ଷ ପିଣ୍ଡଦାନ ପାଇଁ 'ଆଇଆରସିଟିସି'ର ସ୍ୱତନ୍ତ୍ର ତୀର୍ଥଯାତ୍ରୀ ଟ୍ରେନ

## ସେପ୍ଟେମ୍ବର ୨୫ରୁ ଗୟା ଅଭିମୁଖେ କରିବ ଯାତ୍ରା



ବାଲେଶ୍ୱର,୧୩।୮(): ସ୍ୱଳ୍ପ ଖର୍ଚ୍ଚରେ ମହାଳୟା ପିତୃପକ୍ଷରେ ପିଣ୍ଡଦାନ ତର୍ପଣ ଆଭିମୁଖ୍ୟ ନେଇ ଭାରତୀୟ ରେଳ କ୍ୟାଟେରିଂ ଓ ପର୍ଯ୍ୟଟନ ନିଗମ(ଆଇଆରସିଟିସି) ପକ୍ଷରୁ ଓଡ଼ିଶାବାସୀଙ୍କ ପାଇଁ 'ତୀର୍ଥଯାତ୍ରୀ ସ୍ୱତନ୍ତ୍ର ପର୍ଯ୍ୟଟକ ଟେନ' ବ୍ୟବସ୍ଥା କରାଯାଇଛି । ସ୍ଥାନୀୟ ସଦଭାବନା ସଭାଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ 'ଆଇଆରସିଟିସି' ଭୁବନେଶ୍ୱର ଆଞ୍ଚଳିକ ଶାଖା ପରିଚାଳକ ଡକ୍ଟର କ୍ରାନ୍ତି ପି ସାବରକର ଯୋଗଦେଇ ଓଡ଼ିଶାର ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ନିଗମ ପକ୍ଷରୁ ନିଆଯାଇଥିବା ସ୍ୱତନ୍ତ୍ର ଟ୍ରେନରେ ୭ ଦିନିଆ ଯାତ୍ରା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଆସନ୍ତା ସେପ୍ଟେମ୍ବର ମାସ ୨୫ ତାରିଖରୁ ଏହି ଟ୍ରେନ ଓଡ଼ିଶାରୁ ବାହାରି ବାରଣାସୀ, ପ୍ରୟାଗରାଜ, ତ୍ରିବେଣୀ ଓ ଗୟା ପ୍ରଭୃତି ସ୍ଥାନରେ ରହିବା ସହ ଅକ୍ଟୋବର ପହିଲାରେ ଫେରିବେ। ମୋଟ ଉପରେ ୬ ରାତି ଓ ୭ଦିନର ଏହି ରିହାତି ଯାତ୍ରାରେ ଯାତ୍ରୀଙ୍କ ରହିବାଠାରୁ ଖିଆପିଆ ଓ ନିରାପତ୍ତା ଦାୟିତ୍ୱ ନିଗମ ବହନ କରିବ। ନିଗମର ସ୍ୱତନ୍ତ୍ର ଟିମ, ମେଡିକାଲ ଟିମ ଯାତ୍ରୀମାନଙ୍କ ସହ ରହିବ। ପ୍ରତିଦିନ ରଚିପୂର୍ଣ୍ଣ ୨ଟା ମିଲ ଓ ଜଳଖିଆ ବ୍ୟବସ୍ଥା ରହିଛି। ଏହି ରିହାତି ଯାତ୍ରାରେ ଦୁଇ ବର୍ଗର ଯଥା ସ୍ଲିପର କ୍ଲାସ ଯାତ୍ରୀଙ୍କ ପାଇଁ ୬,୬୨୦ ଓ ଥାର୍ଡ଼ ଏସି ଯାତ୍ରୀଙ୍କ ପାଇଁ ମୂଲ୍ୟ ୧୧,୦୩୦ ଟଙ୍କା ରହିଛି। ଟ୍ରେନ ରହଣି ସ୍ଥାନରେ ଯାତ୍ରୀଙ୍କ ପାଇଁ ହେଟେଲ ଓ ଧର୍ମଶାଳା ବ୍ୟବସ୍ଥା କରାଯାଇଛି। ବାରଣାସୀରେ କାଶୀ ବିଶ୍ୱନାଥ ଦର୍ଶନ ଓ ପୂଜା ସାଙ୍ଗକୁ ଗଙ୍ଗା ଆରତୀ, ତ୍ରିବେଣୀ ସଙ୍ଗମ ଏବଂ ଗୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନର ବ୍ୟବସ୍ଥା କରାଯାଇଛି। ଓଡ଼ିଶାର ବ୍ରହ୍ମପୁର, ଖୋର୍ଦ୍ଧାରୋଡ଼, ଭୁବନେଶ୍ୱର, କଟକ, ଯାଜପୁର ରୋଡ଼, ଭଦ୍ରକ ଓ ବାଲେଶ୍ୱର ଷ୍ଟେସନରୁ ଯାତ୍ରୀମାନେ ଟ୍ରେନ ଚଢ଼ିବା ସହ ପୁଣି ସେଇଠାରେ ଓହ୍ଲାବେ। 'ଆଇଆରସିଟିସି' ୱେବସାଇଟକୁ ଯାଇ ଅନଲାଇନ ଟିକଟ ବୁକ କରିବେ କିମ୍ବା ଏହିସବୁ ଷ୍ଟେସନରେ ସ୍ଥାପନ ହୋଇଥିବା ସ୍ୱତନ୍ତ୍ର କାଉଣ୍ଟରରୁ ଅଫଲାଇନ ଟିକଟ ସଂଗ୍ରହ କରିପାରିବେ ବୋଲି ଡକ୍ଟର ସବରକର କହିଛନ୍ତି। ଅର୍ଥର ଅଭାବ ପାଇଁ ପିତୃପକ୍ଷରେ ଗୟାରେ ପିଣ୍ଡଦାନରୁ ବଞ୍ଚିତ ବ୍ୟକ୍ତିଙ୍କ ପାଇଁ 'ଆଇଆରସିଟିସି' ପକ୍ଷରୁ ଏହି ବ୍ୟବସ୍ଥା କରାଯାଇଛି। ଏହାର ସୁଯୋଗ ନେବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି।

# ରାସ୍ତାରେ ଧାନ ଗଛ ରୋଇ ପ୍ରତିବାଦ ଜଣାଇଲେ ଗ୍ରାମବାସୀ



ନୀଳଗିରି,୧୩/୦୮ (ନି.ପ୍ର): ରାଜ୍ୟ ସରକାର ଗ୍ରାମ ଗୁଡ଼ିକର ବିକାଶ ପାଇଁ ବିଭିନ୍ନ ଯୋଜନା କରି ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରୁଥିବା ବେଳେ ତାହା କିପରି ବାଟମାରଣା ହେଉଛି, ତାହାର ନଗ୍ନ ନମୁନା ଦେଖିବାକୁ ମିଳିଛି ନୀଳଗିରି ବ୍ଲକ ବେଗୁନିଆ ପଞ୍ଚାୟତର ତୋଟାପଡ଼ା ଗ୍ରାମର । ସୂଚନା ଅନୁଯାୟୀ ବେଗୁନିଆ ଗ୍ରା.ପ.ର ତୋଟାପଡ଼ା ଗ୍ରାମର ଗ୍ରାମ୍ୟ ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ଅବସ୍ଥା ହୋଇଛି । ରାସ୍ତାଟି ବର୍ଷା ସମୟରେ ଅତ୍ୟନ୍ତ କାଦୁଅମୟ ହେଉଥିବା ଯୋଗୁଁ ଗମନାଗମନରେ ଘୋର ଅସୁବିଧା ସୃଷ୍ଟି ହେଉଛି । ଏପରିକି ଗ୍ରାମ ମଧ୍ୟକୁ ୧୦୮, ୧୦୨, ଦମକଳ ଗାଡ଼ି, ଛୋଟ ଛୋଟ ସ୍କୁଲ ପିଲା, ରୋଗୀ ଏବଂ ସାଧାରଣ ଜନତା ଯିବା ଆସିବାରେ ଘୋର ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ପ୍ରକାଶଥାଉକି ଉକ୍ତ ରାସ୍ତା ପାଇଁ ବିଧାୟକଙ୍କ ହାତ ପାଣ୍ଠିରୁ ଦେଢ଼ ଲକ୍ଷ ଟଙ୍କା ୨୦୨୦-୨୧ ମସିହାରେ ଦେଇଥିବା ବେଳେ ଚଳିତ ୨୦୨୧-୨୨ ଏହା ସମ୍ପୂର୍ଣ୍ଣ ହୋଇଥିବା ବିଭାଗୀୟ ଯନ୍ତ୍ରୀ ପ୍ରକାଶ କରିଛନ୍ତି । କାର୍ଯ୍ୟଟି ୬ମାସ ପୂର୍ବରୁ ସମ୍ପୂର୍ଣ୍ଣ ହୋଇଥିବା ବେଳେ ନିମ୍ନମାନର କାର୍ଯ୍ୟ ଯୋଗୁଁ ଏପରି ଅବସ୍ଥା ହୋଇଥିବା ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି । ଆଜି ପ୍ରତିବାଦ ସ୍ୱରୂପ ଉକ୍ତ ରାସ୍ତାର ଗ୍ରାମବାସୀମାନେ ଧାନଗଛ ରୋଇଥିବା ଦେଖିବା ମିଳିଛି । ଏଥିପ୍ରତି ଜିଲ୍ଲାପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମର ସୁଶାନ୍ତ ନାୟକ, ସୁଶାନ୍ତ ମାଝୀ, ଆଶୁତୋଷ ମାଝୀ, ପ୍ରଭାତ ମାଝୀ, ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ଦାବୀ କରିଛନ୍ତି ।

# ସମାଜସେବୀ ଘନଶ୍ୟାମ ବେଜଙ୍କ ଶ୍ରଦ୍ଧବାର୍ଷିକ ସ୍ମୃତିସଭା

ବାଲେଶ୍ୱର,୧୩/୦୮ (ନି.ପ୍ର): ବାଲେଶ୍ୱର ସହର ସହଦେବଖୁଣ୍ଟା ଅଞ୍ଚଳର ଜଣାଶୁଣା ସମାଜସେବୀ ତଥା କଂଗ୍ରେସ ନେତା ସ୍ୱର୍ଗତ ଘନଶ୍ୟାମ ବେଜଙ୍କ ଶ୍ରାଦ୍ଧ ବାର୍ଷିକ ସ୍ମୃତିସଭା ତାଙ୍କ ବାସଭବନରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। 'ଘନଶ୍ୟାମ ବେଜ ସ୍ମୃତି କମିଟି' ପକ୍ଷରୁ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସ୍ମୃତି କମିଟିର ସଦସ୍ୟ ଇଂ. କୁମାର କାର୍ତ୍ତିକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଜିଲା ଓକିଲ ସଂଘ ସଭାପତି ମନୋଜ ନାୟକ, ସାହିତ୍ୟିକ ବିଜୟ ଉପାଧ୍ୟାୟ, ଶ୍ରମିକ ନେତା ଅରୁଣ ଜେନା, ନିରଞ୍ଜନ ପରିଡ଼ା, ସରସ୍ୱତୀ ପଣ୍ଡା, ଭଗବାନ ମହନ୍ତୀ, ଦେବାଶୀଷ ସିଂହ, ସଂଜୟ ବେହେରା ଓ ମନୋରଞ୍ଜନ ବେହେରା ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ବେଜଙ୍କ ସାଂଗଠନିକ ଦକ୍ଷତା ଓ ସମାଜସେବା ମୂଳକ କାର୍ଯ୍ୟଧାରା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଆସନ୍ତା ବର୍ଷରେ ତାଙ୍କ ସ୍ମୃତିରକ୍ଷା ପାଇଁ ବିଦ୍ୟାଳୟସ୍ତରରେ ବକ୍ତୃତା ପ୍ରତିଯୋଗିତା, ରକ୍ତଦାନ ଶିବିର ଓ ସ୍ମରଣିକା ପ୍ରକାଶନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସ୍ୱର୍ଗତ ବେଜଙ୍କ ଜ୍ୟେଷ୍ଠପୁତ୍ର ପ୍ରଶାନ୍ତ ବେଜ, କନିଷ୍ଠପୁତ୍ର ସୁଶାନ୍ତ ବେଜ ଏକମାତ୍ର କନ୍ୟା ତୁଳସୀ ବେଜ, ଜ୍ୱାଇଁ ଇଂ. କାର୍ତ୍ତିକ କୁମାରଙ୍କ ସମେତ ପରିବାର ଅନ୍ୟ ସଦସ୍ୟମାନେ ଏଥିରେ ଉପସ୍ଥିତ ଥିଲେ।

# ଦିନକରେ ଚିହ୍ନଟ ୬୯ କରୋନା ସଂକ୍ରମିତ

ବାଲେଶ୍ୱର,୧୩/୦୮ (ନି.ପ୍ର): ରାଜ୍ୟର ଅନ୍ୟାନ୍ୟ ଜିଲାରେ ସଂକ୍ରମଣ ହ୍ରାସ ପାଇ ଶୁନରେ ପହଞ୍ଚିଥିବା ବେଳେ ବାଲେଶ୍ୱରରେ ଦୈନିକ କରୋନା ସଂକ୍ରମଣ ହାର ୫୦ରୁ ନିମ୍ନକୁ ଆସୁନଥିବା ଲକ୍ଷ୍ୟ କରାଯାଇଛି। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୬୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୮,୭୧୯ରେ ପହଞ୍ଚିଥିବା ବେଳେ ଏବେ ସୁଦ୍ଧା ୩୭,୮୬୫ଜଣ ସଂକ୍ରମିତ ସୁସ୍ଥ ହୋଇଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ଦୁଇଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ଅଦ୍ୟାବଧି କରୋନା ଜନିତ ମୃତ୍ୟୁ ସଂଖ୍ୟା୨୨୬ରେ ପହଞ୍ଚିଛି ବୋଲି ସରକାରୀ ୱେବସାଇଟରେ ଦର୍ଶାଯାଇଛି। ଅନ୍ୟପକ୍ଷରେ ଜିଲାରେ ଚାଲିଥିବା ସାମୂହିକ ଟିକାକରଣ କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲାର ୮୬ କେନ୍ଦ୍ରରେ ଆଜି ୧୯,୬୦୮ ଜଣ କୋଭିଡ ଟିକା ନେଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅଦ୍ୟାବଧି ଜିଲାରେ ମୋଟ ୯, ୩୮,୯୪୦ ପାନ ଟିକା ପ୍ରଦାନ କରାଯାଇଛି। ତନ୍ମଧ୍ୟରୁ ୬,୭୬,୫୪୦ ଜଣ ପ୍ରଥମ ପାନ ଓ ୨,୬୨,୪୦୦ଜଣ ଦ୍ୱିତୀୟ ପାନ ଟିକା ନେଇଥିବା ଜଣାପଡ଼ିଛି।

# ନୀଳଗିରିରେ ବିଜୁପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ପାଇଁ କ୍ୟାବିନେଟ ମଞ୍ଜୁରୀ

ନୀଳଗିରି,୧୩/୦୮ (ନି.ପ୍ର): ଓଡ଼ିଶାର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଖେଳରେ ବିକାଶ ପାଇଁ ଓଡ଼ିଶାର ଯଶସ୍ୱୀ ମୁଖ୍ୟମନ୍ତ୍ରୀ ମାନ୍ୟବର ନବୀନ ପଟ୍ଟନାୟକ ଙ୍କ ସରକାର ଓଡ଼ିଶାର ବିଭିନ୍ନ ସହରାଞ୍ଚଳରେ ୮୯ଟି ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ପାଇଁ କ୍ୟାବିନେଟରେ ଅର୍ଥ ମଂଜୁର ହୋଇଛି । ଦୀର୍ଘ ୫ବର୍ଷ ପୂର୍ବରୁ ହକି ଇଣ୍ଡିଆକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରୋତ୍ସାହନ ଯୋଗୁଁ ଚଳିତ ବର୍ଷ ଟୋକିୟ ଅଲମ୍ପିକ ରେ ଭାରତକୁ ବ୍ରୋଞ୍ଜ ପଦକ ମିଳିଥିବାରୁ ସାରା ଦେଶ ମୁଖ୍ୟମନ୍ତ୍ରୀ ଙ୍କୁ ଅଜସ୍ର ପ୍ରଶଂସା ଦେଇଥିଲେ । ଏହି ପରିପ୍ରେକ୍ଷୀରେ ନୀଳଗିରି ଏକ ଇନ୍‌ଡୋର ଷ୍ଟାୟିମ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରୁଥିବାରୁ ନୀଳଗିରି ଅଞ୍ଚଳରେ ଖୁସୀର ମାହଲ ଖେଳିଯାଇଛି । ଆଜି ଅପରାହ୍ନ ୪ଘଟିକା ସମୟରେ ନୀଳଗିରି ଏନ.ଏ.ସି. କଲ୍ୟାଣ ମଣ୍ଡପ ଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଧନ୍ୟବାଦ ସଭା ଅନୁଷ୍ଠିତ ହୋଇଥିଲା । କୋଭିଡ ଗାଇଡ୍ ଲାଇନ୍ ଅନୁଯାୟୀ ସିମୀତ ସଂଖ୍ୟକ ଜନସାଧାରଣ ଏବଂ ସାମ୍ବାଦିକମାନଙ୍କୁ ନେଇ ଏକ ସାମ୍ବାଦିକ ସଭା ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦିଆଯାଇଥିଲା । ଉକ୍ତ ସଭାରେ ଓଡ଼ିଶାର ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କର ଏଭଳି ପ୍ରୟାସ ଯୁବପିଢ଼ୀ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବା ସହିତ ଖେଳାଳୀମାନଙ୍କୁ ପ୍ରୋତ୍ସାହନ ଯୋଗାଇବ ବୋଲି ମତବ୍ୟକ୍ତ କରିଥିଲେ । ଉକ୍ତ ସଭାରେ ରାଜ୍ୟ, ଜିଲ୍ଲା, ବ୍ଲକସ୍ତରୀୟ ଖେଳାଳୀମାନଙ୍କୁ କ୍ରୀଡ଼ା ଉପକରଣ ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ନୀଳଗିରି ବିଜେଡି ବିଧାୟକ ପ୍ରାର୍ଥୀ ସନ୍ତୋଷ କୁମାର ଖଟୁଆ ଅଧ୍ୟକ୍ଷତା କରିଥିଲେ । ଜିଲ୍ଲା ବିଜେଡି ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା ସଭାରେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କର ଏଭଳି କାର୍ଯ୍ୟକୁ ଓଡ଼ିଶା ସହିତ ଭାରତ ବର୍ଷ ମନେ ରଖିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁଗ୍ମ ସଂପାଦକ ଗତିକୃଷ୍ଣ ନନ୍ଦ, ଜିଲ୍ଲା ସାଧାରଣ ସଂପାଦକ ବରଦା ପ୍ରସନ୍ନ ପଟ୍ଟନାୟକ, ଉପସଭାପତି ଭୁବନ ଦାସ, ବିଜେଡି ବ୍ଲକ ସଭାପତି ବିଜୟ କୁମାର ଲେଙ୍କା, ଜିଲ୍ଲା ଯୁବ ବିଜେଡି ସଭାପତି ତାପସ ପରିଡ଼ା, ଜିଲ୍ଲା ଛାତ୍ର ବିଜେଡି ସଭାପତି ସୁମନ ଦାସ ମହାପାତ୍ର, ଜିଲ୍ଲା ତଫସିଲଭୁକ୍ତ ଜାତିର ସଭାପତି ଶତ୍ରୁଘ୍ନ ମଲିକ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ, ନୀଳଗିରି ଏନ.ଏ.ସି. ସଭାପତି ରବୀନ୍ଦ୍ର ପରିଡ଼ା, ବ୍ଲକ ବିଜେଡି ସଭାପତି ଧୀରେନ୍ଦ୍ର ଲେଙ୍କା, ଛାତ୍ର ସଭାପତି ଫ୍ରାନସିସ ବେକନ ସ, ରବିନ୍ଦ୍ର ନାୟକ, ଲୋକନାଥ ଦଳେଇ, ଶିଶିର ରାଉତ, ମହେନ୍ଦ୍ର ବେହେରା, କୃତିବାସ ବେହେରା, ଅଭିଷେକ ବେହେରା ଓ ବହୁ ବିଜେଡି ନେତୃବୃନ୍ଦ ଉପସ୍ଥିତ ଥିଲେ ।

# କରୋନା ମୁକାବିଲାର ବାର୍ତ୍ତା ନେଇ ୭୦ ବର୍ଷ ବୟସର ବୃଦ୍ଧ ଦୌଡ଼ିବେ ୧୫ କିମି



ଉଦଳା,୧୩/୦୮ (ନି.ପ୍ର): ଉଦଳା ପଞ୍ଚାୟତ ସମିତି ଅନ୍ତର୍ଗତ ଶ୍ରୀଦାମଚନ୍ଦ୍ରପୁର ଗ୍ରାମର ବାସିନ୍ଦା ବିଜୟ କୁମାର ମହାନ୍ତ ଚଳିତ ଅଗଷ୍ଟ ୧୫ ତାରିଖ ଦିନ ୭୫ତମ ସ୍ୱାଧିନତା ଦିବସ ପାଳନ ଅବସରରେ ଶ୍ରୀଦାମଚନ୍ଦ୍ରପୁର ଗ୍ରାମଠାରୁ ଉଦଳା ପର୍ଯ୍ୟନ୍ତ ୧୫ କିମି ରାସ୍ତା ଦୌଡ଼ିବେ। ଶ୍ରୀଯୁକ୍ତ ମହନ୍ତଙ୍କର ବର୍ତ୍ତମାନ ବୟସ ପାଖାପାଖି ୭୦ ଛୁଇଁବ । ସେ ଜଣେ କବିରାଜ ଭାବରେ ସ୍ଥାନୀୟ ଅଞ୍ଚଳରେ ବେଶ ଜଣାଶୁଣା । ସେ ନିଜେ ପିଲାଦିନରୁ ଆଜି ପର୍ଯ୍ୟନ୍ତ ଦିର୍ଘବାଟ ଦୌଡୁଛନ୍ତି । ଫଳରେ ସେ ନିଜକୁ ସୁସ୍ଥ ଓ ସବଳ ରଖିଛନ୍ତି । ସେ ଲୋକଙ୍କୁ ଜଣାଇଦେବାକୁ ଚାହାଁନ୍ତି ଯେ ନିଜକୁ ସୁସ୍ଥ ରଖିବା ସହିତ କରୋନାରୁ ମୁକ୍ତି ପାଇବା ପାଇଁ ଦୈନିକ ବ୍ୟାୟମ କରିବା ଆବଶ୍ୟକ । ତାହାଛଡ଼ା ନିଶା ଦ୍ରବ୍ୟ ସେବନ ଠାରୁ ଯୁବ ସମାଜ ଦୂରେଇ ରହିଲେ ଆଦୌ କୌଣସି ପ୍ରକାର ରୋଗ ଆକ୍ରମଣ କରିବ ନାହିଁ । ଏହି ବାର୍ତ୍ତା ସେ ଜନସାଧାରଣଙ୍କୁ ଦେବା ଉଦ୍ଦେଶ୍ୟରେ ୧୫ କିମି ରାସ୍ତା ଦୌଡ଼ିବେ । ଏ ବାବଦରେ ସେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରୁ ଅନୁମତି ଆଣିବବା ସହିତ ଉଦଳା ଥାନାର ଆରକ୍ଷୀ ନିରୀକ୍ଷକଙ୍କୁ ଲିଖିତ ଆକାରରେ ଜଣାଇ ଦେଇଛନ୍ତି ।

# ମିଳିତ ଓଡିଶା ନିଶା ନିବାରଣ ଅଭିଯାନ(ମୋନା) ପକ୍ଷରୁ ବେଳାଭୂମି ମଦକୁଡିଆକୁ ବିରୋଧ କରି ବୈଠକ



ବାଲିଆପାଳ,୧୩/୦୮ (ନି.ପ୍ର): ସଂପ୍ରତି ରାଜ୍ୟ ସରକାର ରାଜସ୍ୱ ବୃଦ୍ଧି ଲକ୍ଷ୍ୟରେ ଓଡିଶାର ସମସ୍ତ ବେଳାଭୂମିରେ ବେଳାଭୂମି ମଦ କୁଡିଆ ସ୍ଥାପନ କରିବାର ନିଷ୍ପତ୍ତି ନେଇଛନ୍ତି ।ଏହାଦ୍ୱାରା ଅଧିକ ସଂଖ୍ୟକ ପର୍ଯ୍ୟଟକ ବେଳାଭୂମିକୁ ଆସିବା ସହିତ ପର୍ଯ୍ୟଟନଶିଳ୍ପ ଓ ରାଜସ୍ୱ ସଂଗ୍ରହର ପରିମାଣ ବୃଦ୍ଧିପାଇବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।ତେବେ ମୋନା ପକ୍ଷରୁ ସରକାରଙ୍କର ଏଭଳି ଅପରିଣାମଦର୍ଶୀ ନିଷ୍ପତ୍ତିକୁ ବିରୋଧ କରାଯାଇ ଆନ୍ଦୋଳନପାଇଁ ଲୋକଙ୍କୁ ସଚେତନ କରାଯାଉଛି ।ଏହି ପରୀପ୍ରେକ୍ଷୀରେ ଆଜି ବାଲିଆପାଳ ଶାରିରୀକ ଶିକ୍ଷା ପ୍ରଶିକ୍ଷଣ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ମୋନା ବାଲିଆପାଳ ଶାଖା ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।ବାଲିଆପାଳ ଶାଖାର ସଭାପତି ନାରାୟଣ ପ୍ରସାଦ ସାହୁଙ୍କ ସଭାପତିତ୍ୱ ଓ ସମ୍ପାଦକ ସନ୍ୟାସୀ ବେହେରାଙ୍କ ସଂଚାଳନାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ଓ ଜିଲ୍ଲା କମିଟିର ବହୁ ସଦସ୍ୟଙ୍କ ସମେତ ସ୍ଥାନୀୟ ଅ ଳର ଅନେକ ବୁଦ୍ଧିଜିବୀ ସୂଚନ ଅଧିକାର କର୍ମୀ,ସାମ୍ବାଦିକ ,ମହିଳା ଏସଏଚଜିର ସଦସ୍ୟା ବରିଷ୍ଠ ନାଗରିକ ପରିଷଦର ସଦସ୍ୟ ଏବଂ ଅବସରପ୍ରାପ୍ତ ସାମରିକ ବିଭାଗର କର୍ମଚାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।ଏହି ବୈଠକରେ ରାଜ୍ୟ କମିଟିର ସଭ୍ୟ କାହ୍ନୁଚରଣ ବେହୁରା ଯେଯାଗଦେଇ ରାଜ୍ୟରେ ଏତେ ପରିମାଣର ମଦବିକ୍ରୀ ଯୋଗୁଁ ଆମର ସାମାଜିକ ଜୀବନ ବିପର୍ଯ୍ୟସ୍ତ ହୋଇପଡୁଛି । ଧର୍ଷଣ,ହତ୍ୟାକାଣ୍ଡ, ଚୋରି, ଡକାୟତ, ଦୁର୍ଘଟଣା ବୃଦ୍ଧି ପାଉଛି ।ମହିଳାମାନେ ଏହି ଆନ୍ଦୋଳନର ଅଗ୍ରଭାଗରେ ରହିଲେ ଏହା ଶକ୍ତିଶାଳୀ ଓସୁଦୂର ପ୍ରସାରୀ ହୋଇପାରିବ ବୋଲି ସେ କହିଥିଲେ ।ଏହି ପରୀ ପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର, ଉଦୟପୁର ତାଳସାରୀ,ଡଗରା ପ୍ରଭୃତି ବେଳାଭୂମିରେ ବେଳାଭୂମି ମୋ କୁଡିଆ ସ୍ଥାପନାକୁ ଜୋରଦାର ବିରୋଧ କରିବାକୁ ସେ ଆହ୍ୱାନ ଜଣାଇଥିଲେ ।ଏହି କାର୍ଯ୍ୟକ୍ରମରେ ରାଜ୍ୟକମିଟି ସଭ୍ୟ ମଳୟ କୁମାର ତ୍ରୀପାଠୀ, ବାଣୀମଞ୍ଜରୀ ଦାସ, ଶୁଭେନ୍ଦୁ କୁମାର ରାଉତରାୟ, ଜିଲ୍ଲା ଉପସଭାପତି କୁମୁଦ ରଂଜନ ଗିରି,ବାଲିଆପାଳ ସୂଚନ ଅଧିକାର ସଂଘର ଆବାହକ ଅନୁଜ କୁମାର ମହାପାତ୍ର,କୁଶଧ୍ୱଜ ଜେନା,ସ୍ୱଚ୍ଛନ୍ଦା ମହାପାତ୍ର, କୁଞ୍ଜକାନ୍ତ ପାତ୍ର,ବୀରମାଧବ ଦାସ,ପୂର୍ଣ୍ଣିମା ସାହୁ,କମଳ ଲୋଚନ ପିଳା ,ତପସ୍ୱିନୀ କର,ମୃତ୍ୟୁଞ୍ଜୟ ନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଗତ ୨୪ ଘଂଟା ମଧ୍ୟରେ ଭୁବନେଶ୍ୱରରେ ୨୯୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୩/୦୮(ନି.ପ୍ର): ଆଜି ଭୁବନେଶ୍ୱର ମହାନଗର ନିଗମ ଅଂଚଳରୁ ୨୯୨ ଜଣ କରୋନା ପଜେଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଲୋକାଲ କଂଟାକ୍ଟ ୨୨୮ ଏବଂ କ୍ୱାରେଂଟିନରୁ ୬୪ ଜଣ ବୋଲି ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ସୂଚନା ମୁତାବକ ଗତ ୨୪ ଘଂଟା ମଧ୍ୟରେ ୨୨୬ଜଣ ସୁସ୍ଥ ହୋଇଛନ୍ତି। ଏହାସହିତ ଭୁବନେଶ୍ୱରରେ ମୋଟ କରୋନା ସଂକ୍ରମଣଙ୍କ ସଂଖ୍ୟା ବଢ଼ି ୧,୦୩,୩୧୫ରେ ପହଂଚିଥିବାବେଳେ ଆରୋଗ୍ୟଙ୍କ ସଂଖ୍ୟା ୯୯,୩୭୧ ରହିଛି। ସେହିପରି ୨୯୫୨ଟି ସକ୍ରିୟ ମାମଲା ଥିବାବେଳେ ୯୬୫ଜଣ ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି ବୋଲି ସୂଚନା ମିଳିଛି।

## ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଆଜାଦିକି ଅମୃତ ମହୋତ୍ସବ ପାଳିତ

ବାଲିଆପାଳ,୧୩/୦୮ (ନି.ପ୍ର): ନେହେରୁ ଯୁବକକେନ୍ଦ୍ର ବାଲିଆପାଳ ଶାଖା ତରଫରୁ ସ୍ଥାନୀୟ ନିପପଦା ହାଇସ୍କୁଲ ପରିସରରେ ଆଜାଦିକି ଅମୃତ ମହୋତ୍ସବ ପାଳିତ ହୋଇଯାଇଛି । ଯୁବ ସମାଜସେବୀ ସୁଶାନ୍ତ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ତପନ କୁମାର ପାତ୍ର,ଶିକ୍ଷକ ଅଜୟ ସାହୁ ଆଜାଦି ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଟୁ ଫେଣ୍ଡସ କ୍ଲବର ସଦସ୍ୟ ନିରଞ୍ଜନ କୁଆଁର,ସପନ ସେଠୀ, ଜୟରାମ ଦଳାଇ, ଆକାଶ ଦାସ ପ୍ରମୁଖ ପରିଚାଳନା କରିଥିଲେ ।







❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo